

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୫ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 JANUARY 2026
Vol.No. 36 ■ No.24 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଫତେଗଡ଼ ସାହିବ ନିକଟରେ ରେଳ ଟ୍ରାକରେ ବିସ୍ଫୋରଣ

ନୂଆଦିଲ୍ଲୀ,୨୪/୧ : ଗତକାଲି ରାତିରେ ପଞ୍ଜାବର ଫତେଗଡ଼ ସାହିବ ଜିଲ୍ଲାରେ ଘଟିଯାଇଥିବା ଏକ ଶକ୍ତିଶାଳୀ ବିସ୍ଫୋରଣରେ ରେଳ ଟ୍ରାକ ଉଡ଼ି ଯାଇଛି। ଏକ ମାଲବାହୀ ଟ୍ରେନର ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଛି ଏବଂ ଲୋକୋ ପାଇଲଟ୍ ଆହତ ହୋଇଛନ୍ତି। ରେଳବାଇ ଏବଂ ପଞ୍ଜାବ ପୋଲିସ ଅଧିକାରୀମାନେ ଆନୁଷ୍ଠାନିକ ଭାବରେ କୌଣସି ସୂଚନା ପ୍ରକାଶ କରିନାହାଁନ୍ତି। ତଥାପି, ବିସ୍ଫୋରଣ ସ୍ଥଳ ଏବଂ ଆଖପାଖ ଅଂଚଳରେ ଶନିବାର ସକାଳ ଠାରୁ ସନ୍ଧାନ ଜାରି ରହିଛି। ଡେଡିକେଟେଡ୍ ଫ୍ରେଟ୍ କରିଡରରେ ଏହି ଦୁର୍ଘଟଣା ଘଟିଛି। ଏହି ପ୍ରକଳ୍ପକୁ ଭାରତୀୟ ରେଳବାଇରେ ଭିଡ଼ ହ୍ରାସ କରିବା ଏବଂ ଡେଡିକେଟେଡ୍ ଫ୍ରେଟ୍ ଟ୍ରାକ ନିର୍ମାଣ କରି ଦ୍ରୁତ ମାଲ ପରିବହନକୁ ସହଜ କରିବା ପାଇଁ ବିକଶିତ କରାଯାଉଛି।

# ଭାରତ ଉପରେ କମିପାରେ ଆମେରିକା ଟାରିଫ୍: ୨୫ ପ୍ରତିଶତ ହ୍ରାସ ନେଇ ସଂକେତ

ନୂଆଦିଲ୍ଲୀ,୨୪/୧ : ଭାରତ ଉପରେ ଆମେରିକା ଲଗାଇଥିବା ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ହ୍ରାସ ସମ୍ଭାବନା ନେଇ ସଂକେତ ମିଳିଛି। ସେପଟେ ଆଗକୁ ବଢ଼ୁଛି ୟୁରୋପୀୟ ଦେଶଙ୍କ ସହ ନୂଆଦିଲ୍ଲୀର ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ଭାବନା । ଜାନୁଆରି ୨୭ ତାରିଖରେ ଚୁକ୍ତି ନେଇ ଘୋଷଣା କରାଯିବାର ସମ୍ଭାବନା ଅଛି । ଏମିତି ସୂଚନା ଦେଇଛନ୍ତି ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ। ସେ କହିଛନ୍ତି, ରୁଷରୁ ତୈଳ କିଣୁଥିବାରୁ ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତିରିକ୍ତ ୨୫ ପ୍ରତଶତ ଟାରିଫ୍ ଲଗାଇଥିଲେ। ମୋଟ୍ ଟାରିଫ୍ ୫୦ ପ୍ରତିଶତ ହୋଇଥିଲା । ଏବେ ରୁଷରୁ ଭାରତର ତୈଳ କ୍ରୟ ହ୍ରାସ ପାଇଛି। ୟୁକ୍ରେନ ସହ ଯୁଦ୍ଧ ବନ୍ଦ ପାଇଁ ରୁଷର ଅର୍ଥବଳ କମାଇବା ଲାଗି



ଆମେରିକା ଅତିରିକ୍ତ ଟାରିଫ୍ ଲଗାଇଥିଲା। ତାହା ସଫଳ ହୋଇଥିବା ଆମେରିକା ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଡାଭୋସରେ ବିଶ୍ୱ ଅର୍ଥନୀତି ଫୋରମ ସମ୍ମିଳନୀରେ ଯୋଗଦେବା ଅବସରରେ କହିଛନ୍ତି । ରୁଷରୁ ତୈଳ କିଣୁଥିବା ଦେଶଙ୍କ ଉପରେ ୫ ଶହ ପ୍ରତିଶହ ଟାରିଫ୍ ଲଗାଇବାକୁ ଆମେରିକା କଂଗ୍ରେସରେ ଆଲୋଚନା ସମୟରେ ଭାରତ ଉପରୁ ଟାରିଫ୍ ହ୍ରାସ ନେଇ ସଂକେତ ମିଳିଥିବା ସ୍କଟ୍ ବେସେଣ୍ଟ କହିଛନ୍ତି । ପୂର୍ବରୁ ଅତିରିକ୍ତ ଟାରିଫ୍ ଲାଗୁ ବେଳେ ଭାରତ କହିଥିଲା, ଦେଶର ସ୍ୱାର୍ଥରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏବେ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଘଟଣା ଉପରେ ନଜର ରଖାଯାଇଛି। ଚଳିତବର୍ଷ ଭାରତର ଗଣତନ୍ତ୍ର ଦିବସ ଉତ୍ସବରେ ମୁଖ୍ୟ ଅତିଥି ହେଉଛନ୍ତି ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା କୋଷ୍ଟା ଏବଂ ୟୁରୋପୀୟ କମିସନ ଅଧକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ। ଏହି ସମୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ବେଶ୍ ଅଗ୍ରଗତି ହୋଇପାରେ । ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟ ଯୋଗୁ ୟୁରୋପୀୟ ସଂଘ ମଧ ଏଥିପାଇଁ ଆଗ୍ରହ ପ୍ରକାଶ କରିଛି। ୟୁରୋପର ଏହି ଦୁଇ ତୁଙ୍ଗନେତାଙ୍କ ନୂଆଦିଲ୍ଲୀ ଗସ୍ତ ଅବସରରେ ଉଚ୍ଚସ୍ତରୀୟ ଆଲୋଚନା ହେବ। ୟୁରୋପୀୟ ସଂଘ ଓ ଭାରତ ମଧ୍ୟରେ ଯାହା ଚୁକ୍ତି ହେବ, ତାହା ସବୁ ଚୁକ୍ତିର ଜନନୀ ହେବ ବୋଲି ଭନ ଡେର୍ ଲେୟେନ ଓ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି ।

## ଚକ୍‌ମା ଦେଲେ ଅରବିନ୍ଦଙ୍କ ସମର୍ଥକ: ଶଙ୍ଖ ଭବନ ଘେରିଲେ, ନବୀନ ନିବାସ ପୁଲିସ ଛାଉଣି

ଭୁବନେଶ୍ୱର, ୨୪/୧ (ନି.ପ୍ର): ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ନେଇ ବିଜେଡି ରାଜନୀତି ସରଗରମ ହେବାରେ ଲାଗିଛି। ଦୁଇଦିନ ତଳେ ପାଟକୁରାରୁ ବିଜେଡିର କିଛି ନେତା ଓ କର୍ମୀ ନବୀନ ନିବାସ ଆସି ଅରବିନ୍ଦଙ୍କ ନିଲମ୍ବନକୁ ସ୍ୱାଗତ କରି ନବୀନଙ୍କୁ ଧନ୍ୟବାଦ ଦେଇଥିଲେ। ଆଜି ଭିନ୍ନ ଢଙ୍ଗରେ ତାହାର ଜବାବ ରଖିଛନ୍ତି ଅରବିନ୍ଦଙ୍କ ସମର୍ଥକ। ପାଟକୁରାରୁ ଶହ ଶହ ସଂଖ୍ୟାରେ ସମର୍ଥକ ଭୁବନେଶ୍ୱର ଆସି ଶଙ୍ଖ ଭବନ ଘେରାଉ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କାରେ ଶଙ୍ଖ ଭବନ ଓ ନବୀନ ନିବାସରେ ପୁଲିସ ଛାଉଣି କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଆଜି ଅପରାହ୍ନରେ ଅରବିନ୍ଦଙ୍କ ସମର୍ଥକମାନେ ଶଙ୍ଖ ଭବନ ନିକଟରେ ଏକାଠି ହୋଇଥିଲେ। ସେଠାରେ ସେମାନେ ଅରବିନ୍ଦଙ୍କ ନିଲମ୍ବନ ବିରୋଧରେ ନାରାବାଜି କରିଥିଲେ। ଅଘଟଣ ଆଶଙ୍କାରେ ଶଙ୍ଖ ଭବନ ଫାଟକ ବନ୍ଦ କରିଦିଆଯାଇଥିଲା। ସମର୍ଥକମାନେ ଗଣମାଧ୍ୟମକୁ କହିଥିଲେ, ବିଧାୟକ କି ଦୁର୍ନୀତି ଓ ବିଶ୍ୱାସଘାତକତା କରିଛନ୍ତି, ତାହାର ପ୍ରମାଣ ଦେବାକୁ ପଡ଼ିବ। ବିଧାୟକଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ କରାଯାଇ ତାଙ୍କୁ ବଦନାମ କରାଯାଉଛି। ତାଙ୍କ ବିରୋଧରେ ଚକ୍ରାନ୍ତ କରାଯାଇଛି। ଦଳ ତୁରନ୍ତ ନିଲମ୍ବନ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଥିଲେ। ଏହି ସମୟରେ ଦଳର ଦୁଇ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଓ ପ୍ରତାପ ଜେନା ଶଙ୍ଖ ଭବନ ଭିତରେ ଉପସ୍ଥିତ ଥିଲେ। ବହୁତ ସମୟ ଧରି ସମର୍ଥକମାନେ ବାହାରେ ହୋହଲ୍ଲା କରିବାରୁ ଏହି ଦୁଇ ନେତା ସେମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ। ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଦଳର ଶୃଙ୍ଖଳା ମାନିବା ଓ ଦାବି ସଂପର୍କରେ ସଭାପତିଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସେମାନେ ଜଣାଇଥିଲେ।

◆◆ପୃଷ୍ଠା ୭

## ଆଗୁଆ ହେବ ପଞ୍ଚାୟତ ନିର୍ବାଚନ : ମନମୋହନ ସାମଲ

ଭୁବନେଶ୍ୱର, ୨୪/୧ (ନି.ପ୍ର): ଆଗୁଆ ହେବ ପଞ୍ଚାୟତ ନିର୍ବାଚନ । ପଞ୍ଚାୟତ ନିର୍ବାଚନ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ବଡ଼ ସୂଚନା । ଜନଗଣନା ପାଇଁ ଆଗୁଆ ନିର୍ବାଚନ ହେବାର ସମ୍ଭାବନା ରହିଥିବା ସେ କହିଛନ୍ତି । ନିର୍ଦ୍ଧାରିତ ସମୟର ୨ରୁ ୩ ମାସ ପୂର୍ବରୁ ହୋଇପାରେ । ବିଧାନସଭା ଆସନ ବଢ଼ିବା ଚର୍ଚ୍ଚା ଭିତରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରଶାସନିକ କସରତ ।



ସମ୍ବଲପୁରରେ ବସିଥିଲା ପ୍ରାଥମିକ ବୈଠକ । ଅନ୍ୟପଟେ ଓଡ଼ିଶାରେ ଏସଆଇଆର ପାଇଁ ଶେଷ ହୋଇଛି ପ୍ରସ୍ତୁତି । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରଶାସନିକ ପ୍ରସ୍ତୁତି । ସମ୍ବଲପୁର ଆରଡିସି କନଫରେନ୍ସ ହଲରେ ହୋଇଥିଲା ପ୍ରଶାସନିକ ବୈଠକ । ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଆରଡିସି ସ୍ତରୀୟ ବୈଠକରେ ଯୋଗ ଦେଇ ୧୨ ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଉପ-ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଧାର୍ଯ୍ୟ ସମୟ ପୂର୍ବରୁ ସବୁ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶାରେ ସ୍ପେଶାଲ୍ ଇଣ୍ଟେନସିଭ ରିଭିଜନ୍-SIR ପାଇଁ

◆◆ପୃଷ୍ଠା ୭

## ନୀତି ଆୟୋଗର ଉପାଧ୍ୟକ୍ଷଙ୍କ ସହିତ ମୁଖ୍ୟ ଶାସନ ସଚିବଙ୍କ ବୈଠକ

ଭୁବନେଶ୍ୱର, ୨୪/୧ (ନି.ପ୍ର): ନୀତି ଆୟୋଗର ଉପାଧକ୍ଷ ଶ୍ରୀ ସୁମନ କୁମାର ବେରୀ ଆଜି ଲୋକ ସେବା ଭବନରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସଚିବଙ୍କ ସହ ଏକ ବୈଠକରେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

## ଟୋକନ ବଣ୍ଟନରେ ଅବ୍ୟବସ୍ଥା: ବଡ ଚାଷୀଙ୍କୁ ଦିଆଯାଉଛି କମ୍ ଧାନ ଉଠାଇବା ପାଇଁ ଟାର୍ଗେଟ

ଭୁବନେଶ୍ୱର, ୨୪/୧ (ନି.ପ୍ର): ଟୋକନ ବଣ୍ଟନ ଠିକ୍ ଭାବେ ହୋଇନଥିବା ଯୋଗୁଁ ଏବେ ଚିନ୍ତାରେ ଚାଷୀ । ଯାହାକୁ ଅଧିକ ଟାର୍ଗେଟ୍ ମିଳିବା, କଥା ତାଙ୍କୁ କମ୍ ଟାର୍ଗେଟ୍ ମିଳିଛି, ଅନ୍ୟ ପଟେ ଯେଉଁ ଚାଷୀ କମ୍ ଟାର୍ଗେଟ୍ ପାଇବା କଥା, ତାଙ୍କୁ ଅଧିକ ଟାର୍ଗେଟ୍ ମିଳିଛି। ଗଞ୍ଜାମ ଧରାକୋଟ ବ୍ଲକ ହରିପୁର ସୋସାଇଟିରୁ ଆସିଛି ଏପରି ଅଭିଯୋଗ। ଆଠଘରିଆ ଗ୍ରାମର ପଞ୍ଚାନନ ଗୌଡ଼ଙ୍କ ୧୦ ଏକର ଜମିରୁ ୧୦୦ କୁଇଣ୍ଟାଲ ଧାନ ଅମଳ ହୋଇଥିବା ବେଳେ ମାତ୍ର ୯ କୁଇଣ୍ଟାଲ ୪୫ କିଲୋ ପାଇଁ ଟୋକନ୍ ମିଳିଛି । ସେହି ଗ୍ରାମର ସନ୍ତୋଷ ବିଷୋୟୀ ୬ ଏକର ଜମିରୁ ପ୍ରାୟ ୭୦ ବସ୍ତା ଧାନ ଅମଳ କରିଥିବା ବେଳେ ମଣ୍ଡିକୁ ଯାଇଛି ମାତ୍ର ୩୦ ବସ୍ତା ଧାନ । ଅନ୍ୟପକ୍ଷରେ ଆଠଘରିଆ ଗାଁର ନିରଞ୍ଜନ ବାଡ଼ତ୍ୟାଙ୍କ ଗୋଟିଏ ଏକର ଜମି ଥିଲେ ବି ତାଙ୍କୁ ୩୭ କୁଇଣ୍ଟାଲ ୩୫ କେଜି ଧାନର ଟୋକନ୍ ମିଳିଛି । ସେ ନିଜେ ବି ଜାଣି ନାହାନ୍ତି, ତାଙ୍କର କାହିଁକି ଅଧିକ ଟାର୍ଗେଟ୍ ଆସିଛି । ଗଞ୍ଜାମ ଜିଲ୍ଲାରେ ମାସେ ହେଲା ମଣ୍ଡି ଖୋଲିଥିଲେ ବି ଏଯାଏଁ ଧାନକିଣା ସ୍ୱାଭାବିକ ହୋଇପାରିନି। ଜିଲ୍ଲାରେ ୧ଲକ୍ଷ ୫୫ହଜାର ୩୨ ଚାଷୀ ଧାନ ବିକିବାକୁ ପଞ୍ଜୀକୃତ ହୋଇଛନ୍ତି। ସେଥିରୁ ୪୯ ହଜାର ୬୯୬ ଚାଷୀ ଧାନ ବିକ୍ରି କରିଛନ୍ତି। ୨୩ ତାରିଖ ସୁଦ୍ଧା ୧୯ଲକ୍ଷ ୪ହଜାର ୨୦୬ କୁଇଣ୍ଟାଲ୍ ଧାନ କିଣା ସରିଛି। ହେଲେ ଧରାକୋଟ, ଆସିକା ଓ ସେରଗଡ଼ ଆଦିର ଅନେକ ଗାଁର ଚାଷୀଙ୍କୁ ଏଯାଏଁ ଟୋକନ୍ ମିଳିନି । ତେବେ ଏହା ପଛରେ ବଡ କେଳେଙ୍କାରୀ ରହିଥିବା ସନ୍ଦେହ କରାଯାଉଛି। ଇନପୁଟ ସବସିଡି ହାତେଇବା ପାଇଁ ଷଡଯନ୍ତ୍ର ହୋଇଥିବ ସନ୍ଦେହ କରିଛନ୍ତି ଚାଷୀ। ଅନ୍ୟପଟେ ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ।

## ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ରାଜ୍ୟରେ ଆଗଉଛି


ଭୁବନେଶ୍ୱର, ୨୪/୧ (ନି.ପ୍ର): କଂଗ୍ରେସରୁ ମୋକିମଙ୍କ ସମର୍ଥକଙ୍କ ସମୂହ ଇସ୍ତଫା ନେଇ ପ୍ରତିକ୍ରିୟା ରଖିଛନ୍ତି କଂଗ୍ରେସ ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ। ସେ କହିଛନ୍ତି ଯେ ଭକ୍ତ ଦାସ ଦୀର୍ଘ ଦିନ ହେଲା କଂଗ୍ରେସରେ ଅଛନ୍ତି. କଂଗ୍ରେସର ନୀତି ଆଦର୍ଶରେ ରହି ମଧ କାର୍ଯ୍ୟ କରୁଛନ୍ତି । ତାଙ୍କ ନେତୃତ୍ୱରେ କଂଗ୍ରେସ ରାଜ୍ୟରେ ଆଗଉଛି ଯାହାର ଉଦାହରଣ ନୂଆପଡା ଉପ ନିର୍ବାଚନରେ ଦେଖିବାକୁ ମିଳିଲା।

◆◆ପୃଷ୍ଠା ୭

## ଏମଏଲଏ ଓ ଏମପିଙ୍କୁ ଅଫିସରଙ୍କ ବ୍ୟବହାରକୁ ନେଇ ଆସିଲା ଗାଇଡଲାଇନ୍ ୧୫ ଦିନ ଭିତରେ ଜନପ୍ରତିନିଧିଙ୍କ ଚିଠିର ଉତ୍ତର ନଦେଲେ ଆକ୍ସନ ହେବ

ଭୁବନେଶ୍ୱର, ୨୪/୧ (ନି.ପ୍ର): ବିଧାୟକ, ସାଂସଦଙ୍କୁ କେମିତି ବ୍ୟବହାର କରିବେ ଅଫିସର ? ଜନପ୍ରତିନିଧିମାନେ ସରକାରୀ କାର୍ଯ୍ୟାଳୟକୁ ଆସିଲେ କେମିତି କରିବେ ସ୍ୱାଗତ ? ସାଂସଦ ଓ ବିଧାୟକମାନଙ୍କ ସହ ସରକାରୀ ଅଧିକାରୀଙ୍କ ସମ୍ପର୍କ ଓ ଆଚରଣକୁ ନେଇ ଯା ଭିତରେ ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛନ୍ତି କେନ୍ଦ୍ର ସରକାର। ଏଥିରେ କୁହାଯାଇଛି ଜନ ପ୍ରତିନିଧିମାନେ ଦେଉଥିବା ଚିଠିର ଉତ୍ତରକୁ ଅଫିସରମାନଙ୍କୁ ୧୫ ଦିନ ଭିତରେ ଦେବାକୁ ପଡିବ। ନହଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ସରକାରୀ ଅଧିକାରୀଙ୍କୁ ଶୃଙ୍ଖଳା ଛାଟ । ବିଧାୟକ ଓ ସାଂସଦଙ୍କୁ ସମ୍ମାନ ଦିଅ ।୧୫ ଦିନ ମଧ୍ୟରେ ସେମାନଙ୍କ ଚିଠିର ଉତ୍ତର ଦିଅ । ନହେଲେ ହେବ କାର୍ଯ୍ୟାନୁଷ୍ଠାନ । ପ୍ରାଶାସନିକ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଜନପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଅଫିସରଙ୍କ ପାଇଁ ଏଭଳି ମାର୍ଗଦର୍ଶିକା ଜାରି କରିଛନ୍ତି କେନ୍ଦ୍ର ସରକାର। ଏଥିରେ କୁହାଯାଇଛି ସାଂସଦଙ୍କ ଠାରୁ ଆସିଥିବା ଯେକୌଣସି ପତ୍ର ପାଇଁ ସରକାରୀ ଅଧିକାରୀଙ୍କୁ ୧୫ ଦିନ ମଧ୍ୟରେ ପ୍ରାପ୍ତି ସ୍ୱୀକାର ଏବଂ ପରବର୍ତ୍ତୀ ୧୫ ଦିନରେ ଚୂଡ଼ାନ୍ତ ଉତ୍ତର ଦେବାକୁ ହେବ। କୌଣସି କାରଣରୁ ବିଳମ୍ବ କ୍ଷେତ୍ରରେ ଅନ୍ତରୀଣ ଉତ୍ତର ପଠାଇ ସମ୍ଭାବ୍ୟ ତାରିଖ ସମ୍ପର୍କରେ ସୂଚନା ଦେବା ବାଧ୍ୟତାମୂଳକ। ଯଦି କୌଣସି ପତ୍ର ସିଧାସଳଖ ଜଣେ ମନ୍ତ୍ରୀଙ୍କୁ ଲେଖାଯାଇଥାଏ, ତେବେ ମନ୍ତ୍ରୀ ନିଜେ ତାହାର ଉତ୍ତର ଦେବେ ନଚେତ, ସଚିବ ପାହ୍ୟାର ଜଣେ ଅଧିକାରୀ ଏହାର ଉତ୍ତର ରଖିବେ। ଜନପ୍ରତିନିଧି ଅଧିକାରୀଙ୍କୁ ସାକ୍ଷାତ କରିବାକୁ ଆସିଲେ, ଅଧିକାରୀ ଜଣକ ନିଜ ଆସନରୁ ଉଠି ସ୍ୱାଗତ କରିବେ ଏବଂ ବିଦାୟ ଦେବା ପାଇଁ ବି ଆସନରୁ ଉଠିବେ। ଜନପ୍ରତିନିଧିଙ୍କ ଟେଲିଫୋନ କିମ୍ବା ମେସେଜକୁ ଅଣଦେଖା ନକରି ତୁରନ୍ତ ସେମାନଙ୍କ ସହ ଯୋଗାଯୋଗ କରିବେ।

◆◆ପୃଷ୍ଠା ୭

ସୈରିନ୍ଧ୍ରୀ ସାହୁଙ୍କ ଲିଖିତ ସପ୍ତମ ଗଳ୍ପ ପୁସ୍ତକ
ମହାଭାବ ଓ ସାଗରିକା ର
ପାଠକାର୍ପଣ



ମହାଶୟ/ ମହାଶୟା,
'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା **ସୈରିନ୍ଧ୍ରୀ ସାହୁଙ୍କ** ସପ୍ତମ ଗଳ୍ପ ସଂକଳନ **'ମହାଭାବ'** ଏବଂ **'ସାଗରିକା'** ନୂଆବର୍ଷ-(ଜାନୁଆରୀ-୨୦୨୬)ସଂଖ୍ୟାର ଶୁଭଉନ୍ମୋଚନ ଆସନ୍ତା **ତା ୨୫/୦୧/୨୦୨୬ରିଖ ରବିବାର ପୂର୍ବାହ୍ନ ୧୦ ଘଟିକା** ସମୟରେ ବାଲେଶ୍ୱର ବି.ସି ସେନ୍ ରୋଡ ସ୍ଥିତ **ହୋଟେଲ ଫାଣ୍ଟାସି**ର ସଭାଗୃହ (ମିଶନ ପଢ଼ିଆ ସାମନା)ରେ ଅନୁଷ୍ଠିତ ହେବ ।
ଉକ୍ତ ଉତ୍ସବରେ ପୌରୋହିତ୍ୟ କରିବେ
- ଆମର ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ **ଶ୍ରୀଯୁକ୍ତ ରଘୁନାଥ ମହାନ୍ତି**

ଆମର ଅତିଥି
- **ଡ. ଶ୍ରୀଧର ସାମଲ,** ସଂପାଦକ 'ମୌସୁମୀ'
- **ଶ୍ରୀଯୁକ୍ତ କୁଳମଣି ବାରିକ,** ବରିଷ୍ଠ ସାମ୍ବାଦିକ
- **ଡ. ନାରାୟଣ ପଣ୍ଡା,** ବିଶିଷ୍ଟ ଲେଖକ
- **ଶ୍ରୀଯୁକ୍ତ ବନମାଳୀ ସେନାପତି,** ସମ୍ପାଦକ 'ପରାଗ'
- **ଡ. କାଳୀପଦ ପଣ୍ଡା,** ପ୍ରକାଶକ : ସୁବର୍ଣ୍ଣୀଶ୍ରୀ ପ୍ରକାଶିନୀ
- ଉତ୍ସବକୁ ସଂଯୋଜନା କରିବେ କବି **ମିତା ପଟ୍ଟନାୟକ**

ଏହି ସାରସ୍ୱତ ଉତ୍ସବରେ ଯୋଗଦେବା ନିମନ୍ତେ ଆପଣଙ୍କୁ ମୋର ସଶ୍ରଦ୍ଧ ନିମନ୍ତ୍ରଣ ।

ଆପଣଙ୍କ ଅପେକ୍ଷାରେ
ସୃଷ୍ଟିଧର ପରିଡା
ପରିଚାଳନା ସଂପାଦକ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା


## ଯୁଦ୍ଧ ବନ୍ଦ ପାଇଁ ଆବୁଧାବିରେ ତ୍ରିପାକ୍ଷିକ ବୈଠକ ଭିତରେ ୟୁକ୍ରେନ୍ ଉପରେ କ୍ରେମଲିନର ଆକ୍ରମଣ

ନୂଆଦିଲ୍ଲୀ,୨୪/୧ : ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସର ରାଜଧାନୀ ଆବୁଧାବିରେ ମହାମନ୍ଥନ ଚାଲିଛି। ତ୍ରିପାକ୍ଷିକ ବୈଠକରେ ଆମେରିକୀୟ ମଧସ୍ଥି ଭାବେ ଅଂଶଗ୍ରହଣ କରିଛନ୍ତି। ବୈଠକ ତ ଚାଲିଛି ଏହାରି ଭିତରେ କ୍ରେମଲିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କରିଛି ,ଆଉ ଦର୍ଶାଇଛି ଚୁକ୍ତି ହେଉ ବା ଆଲୋଚନା ଚାଲିଲେ ବି ଏ ଯୁଦ୍ଧ ଏତେ ଶୀଘ୍ର ବନ୍ଦ ହେବନି।



ଆବୁଧାବିରେ ଚାଲିଥିବା ବୈଠକକୁ ରୁଷ-ୟୁକ୍ରେନ ଯୁଦ୍ଧରେ ଶାନ୍ତି ପାଇଁ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ଚାରି ବର୍ଷ ଧରି ଚାଲିଥିବା ଏହି ଭୟଙ୍କର ଯୁଦ୍ଧକୁ ବନ୍ଦ କରିବାରେ ଆଞ୍ଚଳିକ ବିବାଦ ଏବେ ବି ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି। ବର୍ତ୍ତମାନ ସୁଦ୍ଧା ଆଲୋଚନାକାରୀଙ୍କ ମଧ୍ୟରେ କୌଣସି ଠୋସ୍ ଚୁକ୍ତିର ସ୍ପଷ୍ଟ ସଙ୍କେତ ମିଳୁନାହିଁ। ଆଲୋଚନାରେ ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି। ୟୁକ୍ରେନ୍ ଓ ରୁଷର ଆଲୋଚନାକାରୀମାନେ ଶତ୍ରୁତାକୁ ରୋକିବା ପାଇଁ ଦୀର୍ଘ ଆଲୋଚନା କରିଥିଲେ, କିନ୍ତୁ ପ୍ରାରମ୍ଭିକ ଫଳାଫଳ କମ୍ ଉତ୍ସାହଜନକ ରହିଥିଲା।

# ମହାନ ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୨୪/୧ (ନି.ପ୍ର): ଇଂରେଜ ଶାସନର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୋଧରେ ଓଡ଼ିଶାର ମାଟିରୁ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ପ୍ରଜ୍ୱଳିତ କରିଥିବା ପାଇକ ବିଦ୍ରୋହର ଅମର ନାୟକ, ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଅଦମ୍ୟ ସାହସ, ଅସୀମ ବୀରତ୍ୱ, ଅପୂର୍ବ ରଣକୌଶଳ ଓ ମାଟି ମା' ପାଇଁ ନିସ୍ୱାର୍ଥ ସେବା ଓଡ଼ିଶା ସହ ସମଗ୍ର ଭାରତବର୍ଷ ପାଇଁ ପ୍ରେରଣାର ପ୍ରତୀକ। ଏହି ମହାନ ବିପ୍ଳବୀଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସକାଳ ସମୟରେ ଭୁବନେଶ୍ୱରସ୍ଥିତ ମ୍ୟୁଜିୟମ୍ ଛକରେ ଥିବା ସ୍ୱାଧୀନତା




ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ବୀରତ୍ୱ ଓ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ

କରାଯାଇଛି । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଜିତେନ୍ଦ୍ରିୟ ଜେନା, ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରମୋଦିନୀ ଟେଟେ, ସହାୟକ କାର୍ଯ୍ୟକ୍ରମ ସମନ୍ୱୟକାରୀ (ଏ.ପି.ସି) ଶ୍ରୀମତୀ ବାସନ୍ତୀ ମହାଳି, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଶ୍ରୀ ଭାଗବତ ଦାସଙ୍କ ସହ ଉତ୍କଳ ସମ୍ମିଳନୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ସହ ଛାତ୍ରଛାତ୍ରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାଇକ ବିଦ୍ରୋହର ନାୟକ ବକ୍ସି ଜଗବନ୍ଧୁଙ୍କ ସଂଘର୍ଷମୟ ଜୀବନ, ଅଦମ୍ୟ ସାହସ ଓ ଦେଶପ୍ରେମକୁ ସ୍ମରଣ କରିଥିଲେ।

# ସମ୍ବଲପୁର ପୁସ୍ତକ ମେଳା - ୨୦୨୬ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ସମ୍ବଲପୁର, ୨୪/୧ (ନି.ପ୍ର): ପୁସ୍ତକ ମେଳା ବିଚାର ଓ ଆଚାରର ଏକ ଉତ୍ସବ । ବହି ପଢ଼ିବା ଦ୍ୱାରା ଜ୍ଞାନର ଗଭୀରତା ବଢ଼େ ଏବଂ ଆଗକୁ ଯିବାର ପଥ ମିଳେ । ଆଜିକାଲିର ମୋବାଇଲ ଓ ୩୦ ସେକେଣ୍ଡର 'ରିଲ୍' ମସ୍ତିଷ୍କକୁ କିଛି ସମୟ ପାଇଁ ପ୍ରଭାବିତ କରିପାରେ, କିନ୍ତୁ ଗୋଟିଏ ଭଲ ବହି ସାରା ଜୀବନକୁ ପ୍ରଭାବିତ କରିଥାଏ । ଯିଏ ପଢ଼େ, ସେ କେବଳ ଟ୍ରେଣ୍ଡ୍ ବନାଏ ନାହିଁ, ସେ ଇତିହାସ ବନାଏ । ଗାନ୍ଧିଜୀ ଯଦି ଗୀତା ପଢ଼ିନଥାନ୍ତେ, ତେବେ ଭାରତର ସ୍ୱାଧୀନତା ସଂଗ୍ରାମ ହୁଏତ ଭିନ୍ନ ରୂପ ନେଇଥାନ୍ତା । ପ୍ରତ୍ୟେକ ଥର ଗୋଟିଏ ବହି ଖୋଲିବା ଅର୍ଥ ଭାରତର ଭବିଷ୍ୟତ ଦୁଇ ପାଦ ଆଗକୁ ବଢ଼ିବା ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସଂସ୍କୃତି ଓ ସାହିତ୍ୟର ଅନନ୍ୟ ଭୂମି ତଥା ବୀର ଓ ସଂଗ୍ରାମୀଙ୍କ ପବିତ୍ର ମାଟି ସମ୍ବଲପୁର ଠାରେ ଆଜି '୨୬ତମ ସମ୍ବଲପୁର ପୁସ୍ତକ ମେଳା'କୁ ଉଦଘାଟନ କରିଛନ୍ତି ଶ୍ରୀ ପ୍ରଧାନ । ଏହି ଅବସରରେ ଶ୍ରୀ




ପ୍ରଧାନ ଏହି ମେଳାକୁ ଏକ ପୁସ୍ତକ ସମାହାର ଅପେକ୍ଷା ଜାତିର ପୂର୍ବଜ ଓ ମହାପୁରୁଷଙ୍କ ସ୍ମୃତି ଚାରଣର ଏକ 'ବୌଦ୍ଧିକ ମହାକୁମ୍ଭ' ଭାବେ ଅଭିହିତ କରିଛନ୍ତି । ସେ କହିଛନ୍ତି ଯେ ଆଜିର ଏହି ପୁସ୍ତକ ମେଳାର ବିଶେଷତା ରହିଛି । ଆମେ ଯେତେବେଳେ ଆଦିକବି ସାରଳା ଦାସଙ୍କ ୬୦୦ ତମ ଜୟନ୍ତୀ, ସର୍ଦ୍ଦାର ପଟେଲଙ୍କ ୧୫୦ ତମ ଜୟନ୍ତୀ, ବନ୍ଦେ ମାତରମ୍ ଗୀତ ରଚନାର ୧୫୦ ବର୍ଷ, ମା' ରମାଦେବୀଙ୍କ ୧୨୫ ବର୍ଷ, ପାର୍ବତୀ ଗିରିଙ୍କ ୧୦୦ ବର୍ଷ, ବାଜି ରାଉତଙ୍କ ଶତବାର୍ଷିକୀ ଏବଂ ଆର.ଏସ.ଏସ.ର ଶତବାର୍ଷିକୀ ପାଳନ କରୁଛୁ ଓ ନେତାଜୀଙ୍କ ୧୩୦ ତମ ଜନ୍ମଦିନ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜୟନ୍ତୀ ପାଳନ ହେଉଛି, ସେହି ସମୟରେ ଏହି ପୁସ୍ତକ ମେଳା ଆୟୋଜନ ହେବା ଏକ ଗୌରବର ବିଷୟ । ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ ଯେ, ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାରେ କାତାର ଓ ସ୍ପେନର ସଂସ୍କୃତି ମନ୍ତ୍ରୀଙ୍କ ଉପସ୍ଥିତିରେ "ଦି ସାଗା ଅଫ୍ କୁଦୋପାଲି: ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭" ପୁସ୍ତକଟି ସ୍ପାନିସ ସମେତ ୧୦ଟି ଆଞ୍ଚଳିକ ଭାଷାରେ ଉନ୍ମୋଚିତ ହୋଇଛି । ବର୍ତ୍ତମାନ ଏହି ପୁସ୍ତକ ମୋଟ ୧୩ଟି ଭାଷାରେ ଉପଲବ୍ଧ। କୁଦୋପାଲିର ଅଜଣା ନାୟକଙ୍କ ବଳିଦାନ ୧୮୫୭ ସିପାହୀ ବିଦ୍ରୋହର ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ ସମ୍ବଲପୁର କେବଳ ଏକ ଭୂଖଣ୍ଡ ନୁହେଁ, ଏହା ହେଉଛି ସଂଗ୍ରାମ, ସଂସ୍କୃତି ଏବଂ ସ୍ୱାଭିମାନର ଏକ ଜ୍ୱଳନ୍ତ ପ୍ରତୀକ । ବୀର ସୁରେନ୍ଦ୍ର ସାଏ, ଛବିଳ ସାଏ ଓ ଉଦନ୍ତ ସାଏଙ୍କ ଭଳି ନାୟକଙ୍କ ଅଦମ୍ୟ ସାହସ ଯୋଗୁଁ ଆଜି ଆମେ ସ୍ୱାଧୀନ। ଉଦନ୍ତ ସାଏ ୩୭ ବର୍ଷ କାଳ କାରାଦଣ୍ଡ ଭୋଗି ଯେଉଁ ତ୍ୟାଗ କରିଛନ୍ତି, ତାହା ଅତୁଳନୀୟ ।

# ସମ୍ବଲପୁରରୁ ଓଡ଼ିଶାର ପ୍ରଥମ 'ବୋଇଂ ସୁକନ୍ୟା ଷ୍ଟେମ୍ ଲ୍ୟାବ୍'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର, ୨୪/୧ (ନି.ପ୍ର): ଜ୍ଞାନ ଓ ବିଜ୍ଞାନର ସମନ୍ୱୟରେ ଓଡ଼ିଶାର ଛାତ୍ରୀମାନେ ଏବେ ସ୍ୱପ୍ନ ଦେଖିବେ ନାହିଁ, ବରଂ ସେହି ସ୍ୱପ୍ନକୁ ବାସ୍ତବରେ ରୂପାନ୍ତରିତ କରିବେ । ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରର ଐତିହାସିକ ଚନ୍ଦ୍ରଶେଖର ବେହେରା(ସିଏସବି) ଜିଲ୍ଲା ସ୍କୁଲ ସମେତ ତିନୋଟି ସ୍ଥାନରେ ଉଦଘାଟିତ 'ବୋଇଂ ସୁକନ୍ୟା ଷ୍ଟେମ୍ ଲ୍ୟାବ୍' କେବଳ ଏକ ବିଜ୍ଞାନାଗାର ନୁହେଁ, ବରଂ ଏହା ଆମର କନ୍ୟାରତ୍ନମାନଙ୍କ ପାଇଁ ଆକାଶ ଛୁଇଁବାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି 'ଜାତୀୟ ଶିଶୁ କନ୍ୟା ଦିବସ' ଅବସରରେ ସମ୍ବଲପୁରର ଐତିହାସିକ ସି.ଏସ.ବି ଜିଲ୍ଲା ସ୍କୁଲର ବାର୍ଷିକୋତ୍ସବ 'ଜ୍ୟୋତିର୍ଗମୟ'ରେ ଯୋଗଦେବା ସହ ଏହି ଠାରୁ ଆଭାସୀ ମାଧ୍ୟମରେ 'ବୋଇଂ ସୁକନ୍ୟା ପ୍ରୋଗ୍ରାମ ଷ୍ଟେମ୍ ଲ୍ୟାବ୍'ର ଉଦଘାଟନ କରିଥିଲେ । ସମ୍ବଲପୁରର ସିଏସବି ଜିଲ୍ଲା ହାଇସ୍କୁଲ, ଗୌରଚନ୍ଦ୍ର ହାଇସ୍କୁଲ, ରେଢ଼ାଖୋଲ ଏବଂ ସରକାରୀ ହାଇସ୍କୁଲ କୁଚିଣ୍ଡାରେ ଏହି ଲ୍ୟାବର ଉଦଘାଟନ କରି ଶ୍ରୀ ପ୍ରଧାନ ଖୁସି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ 'ଜାତୀୟ ଶିଶୁ କନ୍ୟା ଦିବସ' ଅବସରରେ ଓଡ଼ିଶାର ପ୍ରଥମ 'ବୋଇଂ ଷ୍ଟେମ ଲ୍ୟାବ୍' ସମ୍ବଲପୁରରୁ ଆରମ୍ଭ ହୋଇଛି । ଏହି ଲ୍ୟାବରେ ବିଜ୍ଞାନ ସହ ଏରୋସ୍ପେସ୍ ସମ୍ବନ୍ଧୀୟ ଶିକ୍ଷା ଏବଂ ପାଇଲଟ୍ ହେବା ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ଉଦ୍ୟମ ଆମର ଛାତ୍ରଛାତ୍ରୀ, ବିଶେଷ କରି ଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ଓ ନବସୃଜନର ନୂତନ ଜ୍ୟୋତି ପ୍ରଜ୍ୱଳିତ କରିବ । ମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ବିମାନ ସଂଖ୍ୟା ୧୫ ହଜାରକୁ ବୃଦ୍ଧି ପାଇବ। ଏଥିପାଇଁ ବହୁ ସଂଖ୍ୟାରେ ପାଇଲଟ୍, ଇଞ୍ଜିନିୟର ଓ ଡିଜାଇନର୍ ଆବଶ୍ୟକ । ଏହି ଷ୍ଟେମ୍ ଲ୍ୟାବଗୁଡ଼ିକ ଆଗାମୀ ଦିନରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଆମର ଛାତ୍ରଛାତ୍ରୀଙ୍କୁ, ବିଶେଷ କରି ଛାତ୍ରୀମାନଙ୍କୁ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନ ପାଇଁ ପ୍ରସ୍ତୁତ କରିବ । ଏହା ସେମାନଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଏକ ବଳିଷ୍ଠ ମାଧ୍ୟମ ସାଜିବ । ଶ୍ରୀ ପ୍ରଧାନ ମିଶାଇଲ ମ୍ୟାନ ଭାରତରତ୍ନ ଏପିଜେ ଅବଦୁଲ କଲାମଙ୍କ ସଫଳତାର ଉଦାହରଣ ଦେବା ସହ ପିଲାମାନଙ୍କ ମଧ୍ୟରେ ମୌଳିକ ସ୍ପଷ୍ଟତା ଓ 'କ୍ରିଟିକାଲ ଥିଙ୍କିଂ' ବୃଦ୍ଧି କରିବା ପାଇଁ ବିଜ୍ଞାନ ସମେତ ଅନ୍ୟାନ୍ୟ ବିଷୟକୁ ମାତୃଭାଷାରେ ପଢ଼ାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ହୋଇଥିବା ବେଳେ ଶିକ୍ଷାବର୍ଷ ୨୦୨୬-୨୭ ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ । ଏହା 'ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା' (ଓଏସସିଏଫ) ଉପରେ ଆଧାରିତ ହେବ ।

# ପଟ୍ଟନାୟକ ବନ୍ଧ ପୁନରୁଦ୍ଧାର କାର୍ଯ୍ୟରେ ସରକାରୀ ଅର୍ଥ ହେରଫେର ଅଭିଯୋଗକୁ ନେଇ ଭିଜିଲାନ୍ସ ତଦନ୍ତ ଆରମ୍ଭ

ପାରଳାଖେମୁଣ୍ଡି, ୨୪/୧ (ନି.ପ୍ର): ଗଜପତିଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦରେ ଥିବା ସର୍ବପୁରାତନ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ସରକାରୀ ଅର୍ଥ ହେରଫେର ଅଭିଯୋଗକୁ ନେଇ ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ବ୍ରହ୍ମପୁର ଭିଜିଲାନ୍ସ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସୌମ୍ୟ ପଣ୍ଡାଙ୍କ ନେତୃତ୍ୱରେ ତିନି ଜଣିଆ ଟିମ୍ ପାରଳାଖେମୁଣ୍ଡି ସ୍ଥିତ ପଟ୍ଟନାୟକ ବନ୍ଧରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି । ପଟ୍ଟନାୟକ ବନ୍ଧର ପାରିପାର୍ଶ୍ୱିକ ପରିସ୍ଥିତି ଦେଖି କ୍ଷୁବ୍ଧ ହୋଇଥିବା ବେଳେ ସମସ୍ତ ପରିସରକୁ ସଫା କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ଧ ମଧ୍ୟ ଭାଗରେ ଅନାବନା ଘାସ ଲତା ବାହାରିଥିବା ବେଳେ ଏହାର ପରିସର କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି । ବନ୍ଧମଧ୍ୟରେ ପାଣିର ଚିହ୍ନବର୍ଣ୍ଣ ନଥିବା ବେଳେ ପୂତିମୟ ଗନ୍ଧରେ ନାକଫାଟିପଡୁଛି । ଏପରି ପରିସ୍ଥିତି ଦେଖି ଭିଜିଲାନ୍ସ ଟିମ୍ ଅସନ୍ତୋଷ ପ୍ରକଟ କରି ଥିଲେ । ଯାହାକୁ ନେଇ ଉପସ୍ଥିତ ପାରଳାଖେମୁଣ୍ଡି ପୌରପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ଓ ପୌରଯନ୍ତ୍ରୀ ସଞ୍ଜିବ କୁମାର ଚମ୍ପତି ସଫେଇ ପାଇଁ ୭ ଦିନ ମହଲତ ମାଗିଥିଲେ । ତେବେ ଭିଜିଲାନ୍ସ ଟିମ୍ ବନ୍ଧର କେତେକ ପାର୍ଶ୍ୱର ନିରୀକ୍ଷଣ କରି ମାପଚୂପ କରିଥିବାର ଦେଖିବାକୁ ମିଳିଥିଲା । ବନ୍ଧ ପରିସର ସଫେଇ ହେବା ପରେ ପୁଣି ଏହି ଟିମ୍ ତଦନ୍ତ କରିବେ ବୋଲି ଜଣାପଡିଛି । ଅନ୍ୟ ପକ୍ଷରେ ପଟ୍ଟନାୟକ ବନ୍ଧର ମୋଟ ୩ ଏକର ୩୬୫ ଡେସିମେଲ୍ ପରିଧିରେ ରହିଥିଲା । ତାହା କାଳକ୍ରମେ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇ କେବଳ ଜଳ ରହଣୀସ୍ଥଳ ହିଁ ବଳକା ଅଛି । ତେବେ ବନ୍ଧର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ ମସିହାରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ଯଥା କ୍ରମେ ୧ କୋଟି ୮୬ ଲକ୍ଷ ୫ ହଜାର ଓ ୨୫ ଲକ୍ଷ ଟଙ୍କା ଏପରି ଭାବେ ମୋଟ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କଉଦ୍ଧାର, ରିଟର୍ଣ୍ଣିଂ ୱାଲ୍, କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା । ପୁନରୁଉଦ୍ଧାର ନାମରେ ଯେବେ ଠାରୁ କାମ ଆରମ୍ଭ ହେଲା ସେବେ ଠାରୁ ଏହାର ପତନ ମଧ୍ୟ ଆରମ୍ଭ ହେଲା । ପର୍ଯ୍ୟାୟ କ୍ରମେ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ କାମ ସମାପନ ହୋଇପାରିଲା ନାହିଁ । ବନ୍ଧର ପୁନରୁଦ୍ଧାର କାର୍ଯ୍ୟରେ ସରକାରୀ ଅର୍ଥ ବ୍ୟାପକ ହେରଫେର ହୋଇଥିବା ଏବଂ କେବଳ କାଗଜ କଲମରେ କାର୍ଯ୍ୟ ସମାପନ ହୋଇଥିବା ବେଳେ ପ୍ରକୃତପକ୍ଷେ ପଟ୍ଟନାୟକ ବନ୍ଧଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି । ଠିକାଦାର ଓ ପୌରକର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ସରକାରୀ ଅର୍ଥକୁ ଦୁରୁପଯୋଗ କରାଯିବା ସହ ମିଥ୍ୟା ବିଲ୍ ଦାଖଲ କରାଯାଇ ହରିଲୁଟ୍ କରାଯାଇଛି ବୋଲି ପାରଳାଖେମୁଣ୍ଡି ନିବାସୀ ପ୍ରନୋଜ କୁମାର ପଟ୍ଟନାୟକ ଗତ କିଛି ମାସ ପୂର୍ବେ ଗଜପତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଅର୍ଥ ହଡପକାରୀ ମାନଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟ୍ ରୁ ହଡପ ଅର୍ଥ ଆଦାୟ କରିବାକୁ ଦାବୀ କରିଥିଲେ । ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଜଣିଆ ଟିମ୍ ପାରଳାଖେମୁଣ୍ଡି ସମ୍ପୃକ୍ତ କ୍ଷେତ୍ର ପରିଦର୍ଶନ କରି ଯାଞ୍ଚ କରିଛନ୍ତି । ଉଭୟ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଅଧାପନ୍ତରିଆ ଭାବେ ବର୍ଷ ବର୍ଷ ଧରି ପଡ଼ି ରହିବା ଫଳରେ ଅର୍ଥ ଅପଚୟ ସାର ହୋଇଛି, ତେବେ ଏଥିପାଇଁ ଦାୟୀ କିଏ, କେଉଁଠି ତ୍ରୁଟି ରହୁଛି, ଯେଉଁ କାରଣରୁ ଯୋଜନାର ଲକ୍ଷ୍ୟ ବିଚ୍ୟୁତ ହେଉଛି, ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ। ଏଠି ନିର୍ମାଣକାରୀ ସଂସ୍ଥା ତଥା ନିର୍ବାହୀ ବିଭାଗର କାର୍ଯ୍ୟ ଶୈଳୀକୁ ନେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପଥରପଦା ନେତାଜୀ କ୍ଲବର ବାର୍ଷିକୋତ୍ସବ

କୋରେଇ, ୨୪/୧ (ନି.ପ୍ର): ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ୩୦ ତମ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବର ପ୍ରଥମ ସନ୍ଧ୍ୟା ଉଦ୍ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଯୁବ ନେତା ସେକ ଜହର ଅଲ୍ଲୀଙ୍କ ସଂଚାଳନାରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ସୂର୍ଯ୍ୟମଣି ପଣ୍ଡା, ପ୍ରମୁଖ ଯୋଗଦେଇଥିଲେ ଶେଷରେ କ୍ଲବର ଉପଦେଷ୍ଟା ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଆ ଭାଷା ଓ ସଂସ୍କୃତିର ପୁନଃରୁଦ୍ଧାର ଦିଗରେ ସାମୁହିକ ଉଦ୍ୟମ ଆବଶ୍ୟକ : ମନ୍ତ୍ରୀ ଡ. ମହାଲିଙ୍ଗ

ବଲାଙ୍ଗୀର, ୨୪/୧ (ନି.ପ୍ର): ଆଂଚଳିକ ବୈଷମ୍ୟକୁ ପ୍ରାଧାନ୍ୟ ଦେଇ ଭାଷା ଓ ସଂସ୍କୃତି ମଧ୍ୟରେ ଭେଦଭାବର ବିଷମଞ୍ଜି ବୁଣି ବ୍ରିଟିଶମାନେ ଆମ ଦେଶକୁ ଦୁଇ ଦଶନ୍ଧି ଧରି ଶାସନ କରିଥିଲେ। ବ୍ରିଟିଶମାନେ ଆମ ଦେଶକୁ ଛାଡ଼ିଯିବାର ଏତେ ବର୍ଷ ପରେ ମଧ୍ୟ ଆମେ ସେମାନଙ୍କ ପରମ୍ପରାକୁ ଜାବୁଡ଼ି ଧରିଛୁ। ସେଥିରୁ ମୁକ୍ତ ହୋଇ ଆମର ଭାଷା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ସହିତ ଲୁପ୍ତପ୍ରାୟ ସଂସ୍କୃତିର ପୁନଃରୁଦ୍ଧାର ଦିଗରେ ସାମୁହିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଝାରମୁଣ୍ଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉପରୋକ୍ତ ସୂଚନା ଦେଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଜ୍ୟୋତିର୍ମୟୀ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ଆଂଚଳିକ ଭାଷା, ଲୋକଗୀତ ଓ ଲୋକବାଦ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଲୋଇସିଂହା ବିଡ଼ିଓ ଅକ୍ଷୟ ପାଣି ଉଦ୍ଗୁ, ତହସିଲଦାର ଟିଙ୍କୁନୁ ପୁଟା, ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ଝାରମୁଣ୍ଡା ସରପଂଚ ବନିତା ମେହେର, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା, ସଂସଦ ପ୍ରତିନିଧି ବାଳକୃଷ୍ଣ ଧରୁଆ, ହାସ୍ୟକବି ଦେବେନ୍ଦ୍ର ସାହୁ, ଡୁଙ୍ଗୁରିପାଲି ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରମୁଖ ମଂଚାସୀନ ଥିଲେ। ପ୍ରାରମ୍ଭରେ ଅଧକ୍ଷା ଡ. ପଧାନ କୋଶଳୀ ଭାଷାରେ ଅନୁଷ୍ଠାନର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶହେ ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରାବାସ ଉଦଘାଟିତ ହୋଇଥିଲା। ଏଥିସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ତଥା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବ୍ୟାଙ୍କ ଡକାୟତି ଘଟଣା : ଅଭିଯୁକ୍ତଙ୍କୁ ଧାନବାଦରୁ ଗିରଫ

କେନ୍ଦୁଝର, ୨୪/୧ (ନି.ପ୍ର): ଗତ ୧୯ ତାରିଖ ଶନିବାର କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ହୋଇଥିବା ଡକାୟତି ଘଟଣାରେ ପୋଲିସକୁ ମିଳିଛି ସଫଳତା। ଓଡିଶା ପୋଲିସ ଓ ଝାଡ଼ଖଣ୍ଡ ପୋଲିସର ମିଳିତ ସହଯୋଗରେ ପାଗରେ ଚଢ଼ାଉ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଧାନବାଦ ରୁ ଗିରଫ କରାଯାଇଛି। ଏଥି ସହିତ ସେମାନଙ୍କ ନିକଟରୁ ୨୮୮ ଗ୍ରାମ ସୁନା, ୨ଟି ସ୍କୋର୍ପିଓ ଗାଡି ଓ ୪ ଟି ସ୍ମାର୍ଟ ଫୋନ ଜବଦ କରାଯାଇଛି। ଲୁଟ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଓ ଲୁଟ୍ ହୋଇଥିବା ଟଙ୍କା ଓ ଗହଣା ଜବଦ କରିବା ନିମନ୍ତେ ପୋଲିସ ପକ୍ଷରୁ ଚଢ଼ାଉ ଜାରୀ ରହିଛି। ଶନିବାର ଧାନବାଦ ସ୍ଥିତ ପୋଲିସ ମୁଖ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଧାନବାଦ ଟାଉନ ଏସ୍ ପି ଋତ୍ୱିକ୍ ଶ୍ରୀବାସ୍ତବ ଓ କେନ୍ଦୁଝର ଅତିରିକ୍ତ ଏସ୍. ପି ପ୍ରତ୍ୟୁଷ ମହାପାତ୍ର ସୂଚନା ଦେଇ କହିଥିଲେ ଏହି ଘଟଣା ରେ ବଡ଼ବିଲ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତେବେ ଏହାର ଚେର ଝାଡ଼ଖଣ୍ଡ ପ୍ରଦେଶ ଧାନବାଦ ପର୍ଯ୍ୟନ୍ତ ଲମ୍ବିଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ପଡିବା ପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଧାନବାଦ ପହଂଚି ନିରସା ଓ ସିନ୍ଦ୍ରି ଅଂଚଳରେ ଚଢ଼ାଉ କରି ଅଭି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଗି ଗିରଫ ଅଭିଯୁକ୍ତ ମାନେ ହେଲେ ଧାନବାଦ ଚାସନାଳା ଅଂଚଳର ରାଜ କୁମାର ସିଂହ(୨୭)ଓ କୁନାଲ ରାଜ ବର୍ମା।(୩୩) ବୋନି ବୋଲି ସୂଚନା ଦିଆ ଯାଇଛି। ଏ ଲୁଟ ଘଟଣା ଣାରେ ୭ କୋଟିରୁ ଉର୍ଦ୍ଧ ଟଙ୍କା ମୂଲ୍ୟର ସୁନା ଓ ନଗଦ ସାଢେ ୬ କୋଟିରୁ ଉର୍ଦ୍ଧ ଟଙ୍କା ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ଧରିବା ଲୁଟ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ଥିଲା।

**AFFIDAVIT**

By virtue of an affidavit before the executive Magistrate Balasore, I, Smt. Laxmipriya Behera, aged 53 years, W/o- Narayan Jena/ At/po- Kamardiha, P.s.- Rasgobindpur, Dist-Mayurbhanj, Pin- 757016 declare that as per my Aadhaar card vide No- 4583 4740 4641 my name which has been mentioned as Laxmipriya Behera as per the surname of my father. After my marriage to Narayana Jena of Vill.-Kamardiha my inlaw's gave me a new name as Laxmimani in place of Laxmipriya and adding to their sur-name 'Jena'. My name has been mentioned as Laxmimani Jena, W/o Narayan Jena in the L.I.C. Policy bond vide Policy No 586428111 instead of Laxmipriya Behera. In my Bank Account in Canara Bank, Kamardiha Branch vide A/c No- 1817101004337 my name has been mentioned as Laxmipriya Behera, W/o Narayan Jena. Both the name Laxmipriya Behera and Laxmimani Jena is one and same person.

Laxmipriya Behera

# ବଡ଼ବିଲ ବ୍ୟାଙ୍କ୍ ସଶସ୍ତ୍ର ଡକାୟତି ଘଟଣା: ୨ ଗିରଫ, ୨୮୮ ଗ୍ରାମ ସୁନା ଅଳଙ୍କାର ଜବତ

ବଡ଼ବିଲ, ୨୪/୧ (ନି.ପ୍ର): ବଡ଼ବିଲ ସହରରେ ଥିବା ବ୍ୟାଙ୍କ ଅଫ ମହାରାଷ୍ଟ୍ର, ବଡ଼ବିଲ ଶାଖାରୁ ଗତ ୧୯ ତାରିଖ ଅପରାହ୍ନ ୨ ଘଟିକା ସମୟରେ ୬ ଜଣ ସଶସ୍ତ୍ର ଡକାୟତ ବନ୍ଧୁକ ମୁନରେ ଲୁଟି ନେଇଥିଲେ ୪ ଲକ୍ଷ ୩୪ ହଜାର ଟଙ୍କା ଓ ଆନୁମାନିକ ୬ କେଜି ସୁନା ଅଳଙ୍କାର ସହିତ ସିସି ଟିଭି ଡିଭିଆର। ଘଟଣାର ୬ ଦିନ ପରେ ବଡ଼ବିଲ ପୁଲିସ, ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ, ଧାନବାଦ ପୁଲିସ ସହାୟତାରେ ଆଜି ଦୁଇଜଣଙ୍କୁ ଗିରଫ କରିଥିବାବେଳେ, ସେମାନଙ୍କ ନିକଟରୁ ୨୮୮ ଗ୍ରାମ ସୁନା ଅଳଙ୍କାର ସହିତ ୨ ଟି ସ୍କର୍ପିଓ ଗାଡ଼ିକୁ ଜବତ କରିଥିବା ଜଣାଯାଇଛି। ଗିରଫ ଦୁଇଜଣ ହେଲେ ରାଜା କୁମାର ସିଂ ଓ କୁନାଲ ରାଜ୍ ଶର୍ମା। ଖବର ଲେଖାହେବା ଯାଏ ଏତିକି ତଥ୍ୟ




ମିଳିଥିବା ବେଳେ, ଗିରଫ ଅଭିଯୁକ୍ତ ବଡ଼ବିଲ ପହଞ୍ଚିବାପରେ ଅଧିକ ତଥ୍ୟ ମିଳିବ ବୋଲି ପୁଲିସ ସୂଚନା ଦେଇଛି। କେନ୍ଦୁଝର ଜିଲ୍ଲାର ବଡବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଶସ୍ତ୍ର ଡକାୟତି ହୋଇଥିଲା । ଡକାୟତମାନେ ବନ୍ଧୁକ ମୁନରେ ୪ ଲକ୍ଷ ୩୪ ହଜାର ଟଙ୍କା ଓ ୫ କୋଟିରୁ ଅଧିକ ସୁନା ଲୁଟ୍ କରି ଫେରାର ହୋଇଯାଇଥିଲେ । ୫ରୁ ୬ ଜଣ ଅଜଣା ଡକାୟତ ଗ୍ରାହକ ସେବା ନେବା ନାଟକରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ହଠାତ୍ ସେମାନେ ବନ୍ଧୁକ ବାହାର କରି ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଗ୍ରାହକମାନଙ୍କୁ ଭୟଭୀତ କରିଥିଲେ। ବନ୍ଧୁକ ମୁନରେ ପ୍ରାୟ ୪ ଲକ୍ଷ ୩୪ ହଜାର ଟଙ୍କା ନଗଦ ସହ ବ୍ୟାଙ୍କରେ ରଖାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଲୁଟ୍ କରି ଡକାୟତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାର ସୂଚନା ପାଇବା ସହିତ ବଡବିଲ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ପକ୍ଷରୁ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଇଥିଲା ଏବଂ ଡକାୟତମାନେ କେଉଁ ଦିଗକୁ ଫେରାର ହୋଇଥିଲେ, ସେନେଇ ତଦନ୍ତ ଜୋରଦାର କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଜାରି ରଖିଥିଲା।

# ସେଂଟ ଜାଭିୟର୍ସର ନୂଆ ବିଦ୍ୟାଳୟ 'ବୈଭବ ଏକାଡେମିକ ବ୍ଲକ' ଉଦ୍‌ଘାଟିତ

କେନ୍ଦୁଝର, ୨୪/୧ (ନି.ପ୍ର): କେନ୍ଦୁଝର ଜିଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପରିଚିତ ଜାଭିୟର ଗ୍ରୁପ ଶୁକ୍ରବାର ଦିନ ପବିତ୍ର ବିଦ୍ୟାଦାୟିନୀ ସରସ୍ୱତୀଙ୍କ ପୂଜା ଅବସରରେ ବଣିଆପାଟ ଠାରେ ଏହାର ନୂତନ ଅତ୍ୟାଧୁନିକ ବିଦ୍ୟାଳୟ 'ବୈଭବ ଏକାଡେମିକ ବ୍ଲକ' କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଏହି ଭବ୍ୟ ସମାରୋହରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ରାଜ୍ୟର ବିଶିଷ୍ଟ ଉଦ୍ୟୋଗପତି ଏବଂ କାସଭି ଗ୍ରୁପର ଅଧ୍ୟକ୍ଷ ଇଂ ଦେବବ୍ରତ ବେହେରା, ବିଦ୍ୟାଳୟର ଟ୍ରଷ୍ଟି ସୁସ୍ମିତା ବେହେରା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃଷକ ଚନ୍ଦ୍ରଶେଖର ବେହେରା,ଯୁବ ଉଦ୍ୟୋଗୀ କାସଭି କେୟା ଏବଂ ବୈଭବ ବିକ୍ରାନ୍ତ ପ୍ରମୁଖ ଏହି ଉଦଘାଟନ ସମାରୋହରେ ଶୋଭାମଣ୍ଡନ କରିଥିଲେ। ଏହା ସେଂଟ ଜାଭିୟର୍ସ ଗ୍ରୁପର ପଂଚମ ବିଦ୍ୟାଳୟ ଭାବରେ ମାନ୍ୟତା ପାଇଛି। ମୁଖ୍ୟ ଅତିଥି ରୂପେ ସାଂସଦ ଯୋଗଦେଇ ଆଗାମୀ ଭବିଷ୍ୟତରେ ଏହି ବିଦ୍ୟାଳୟ ଗୁଣବତା ଏବଂ ଅତ୍ୟାଧୁନିକ ଶିକ୍ଷାଦାନ ଉପରେ କେନ୍ଦ୍ରୀଭୂତ କରି କେନ୍ଦୁଝର ଜିଲାକୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବାର ବିପୁଳ ସମ୍ଭାବନା ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ବିଦ୍ୟାଳୟର ପ୍ରତିଷ୍ଠାତା ଇଂ ବେହେରା ବିଦ୍ୟାଳୟକୁ ଜିଲାବାସୀଙ୍କ ପାଇଁ ଉତ୍ସର୍ଗ କରି କହିଥିଲେ ଏହା କେନ୍ଦୁଝର ଜିଲାର ଶିକ୍ଷାର ବିକାଶ କ୍ଷେତ୍ରରେ ସେଂଟ ଜାଭିୟର୍ସ ଗ୍ରୁପର ଆଉ ଏକ ପାହାଚ ତେଣୁ ଆଗାମୀ ଦିନରେ ଆମେ ଉତମ ମାନର ଶିକ୍ଷା ଯୋଗାଇବା ପାଇଁ ସଂପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଏହି ବିଦ୍ୟାଳୟଟି ପ୍ରାଥମିକ ପର୍ଯ୍ୟାୟରେ ମଂଟେଶରି ସେକ୍ସନ ବା ବାଲ ବାଟିକା ଠାରୁ ଦ୍ୱିତୀୟ ଶ୍ରେଣୀ ଯାଏଁ ଶିକ୍ଷାଦାନ ଯୋଗାଇବ। ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଏହିଠାରେ ଉପଲବ୍ଧ। ଏହି ଉଦଘାଟନ ଉତ୍ସବରେ ବିଦ୍ୟାଳୟର ଟ୍ରଷ୍ଟି ଶରତ କୁମାର ମହାନ୍ତି, ସୌମ୍ୟରଞ୍ଜନ ପଣ୍ଡା, ସେଂଟ ଜାଭିୟର୍ସ ହାଇସ୍କୁଲର ଉପସଭାପତି ଇଂ କିରଣ ଭାରତୀ, ପ୍ରଶାସନିକ ଅଧ୍ୟକ୍ଷ ଇଂ ମୃତ୍ୟୁଞ୍ଜୟ ନାୟକ, ଅଧକ୍ଷ ଡ଼ ଦିବ୍ୟକିଶୋର ପ୍ରଧାନ, ଉପାଧକ୍ଷା ସଂଯୁକ୍ତା ଦାସ ପ୍ରମୁଖ ସାମିଲ ହେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁମନ୍ତ ସାହୁ, ସନତ ସାହୁ, ହିମାଳୟ ସାହୁ, ଦେବୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୫ ଜାନୁଆରୀ ୨୦୨୬
email :
rabibarachayan2015@gmail.com





# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୨୪ ରାଜକୁମାର ନନ୍ଦ

ରାଜକୁମାର ନନ୍ଦ ରାଜକୁମାର ସିଦ୍ଧାର୍ଥଙ୍କ ସାବତ ଭାଇ ଥିଲେ। ଯେତେବେଳେ ତାଙ୍କୁ ପଇଁତିରିଶ ବର୍ଷ ହୋଇଥିଲା, ରାଜା ଶୁଦ୍ଧୋଦନ ତାଙ୍କୁ ପ୍ରାସାଦରେ ସିଦ୍ଧାର୍ଥଙ୍କ ପରି ବିଚାର କରି ରାଜକୁମାରୀ ଜନପଦ କଲ୍ୟାଣୀଙ୍କ ସହିତ ବିବାହ କରାଇବାକୁ ଏବଂ ପୃଥକ ପ୍ରାସାଦରେ ରଖାଇବାକୁ ଚାହୁଁଥିଲେ। ରାଜା ଏହି ସମସ୍ତ ଉତ୍ସବ ଗୋଟିଏ ଦିନରେ କରିବାକୁ ଚାହୁଁଥିଲେ ଏବଂ ବୁଦ୍ଧ କପିଳାବସ୍ତୁକୁ ଫେରିବା ଓ ନନ୍ଦ - ଜନପଦ କଲ୍ୟାଣୀଙ୍କୁ ଆଶୀର୍ବାଦ କରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ବୁଦ୍ଧଙ୍କ କପିଳାବସ୍ତୁକୁ ଫେରିବାର ତୃତୀୟ ଦିବସରେ ସେ ଉତ୍ସବ ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ଓ ବୁଦ୍ଧଙ୍କୁ ବିବାହରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ବୁଦ୍ଧ ସେଠାକୁ ଗଲେ, ସମସ୍ତଙ୍କୁ ଆଶୀର୍ବାଦ କଲେ ଏବଂ ତାଙ୍କର ଭିକ୍ଷାଥାଳ ନନ୍ଦଙ୍କୁ ଦେଇ ଚାଲିଗଲେ।

ନନ୍ଦ ଭାବିଲେ, "ଭଗବାନ ବୁଦ୍ଧ ଦ୍ୱାର ପାହାଚରେ ପାତ୍ରଟି ନେଇଯିବେ।" ମାତ୍ର ବୁଦ୍ଧ ପାତ୍ରଟି ନନେଇ ସିଧା ଚାଲିଗଲେ। ତା'ପରେ ନନ୍ଦ ଭାବିଲେ, "ସେ ରାଜପ୍ରାସାଦ ଦୁଆରେ ଏହାକୁ ନେଇଯିବେ।" ତାଙ୍କର ପତ୍ନୀ ଜନପଦ କଲ୍ୟାଣୀ ମଧ୍ୟ ନନ୍ଦଙ୍କୁ ବୁଦ୍ଧଙ୍କ ପଛେପଛେ ଯାଉଥିବା ଦେଖି ମନେକଲେ, "ମୋ ସ୍ୱାମୀ ହୁଏତ ବୁଦ୍ଧଙ୍କୁ ବିଦାୟ ଦେବାକୁ ମନ୍ଦିର ପର୍ଯ୍ୟନ୍ତ ଯାଉଛନ୍ତି।" ତାପରେ ସେ କହିଲେ, "ପ୍ରିୟ, ଡେରି କରନାହିଁ, ଶୀଘ୍ର ଫେରିଆସି।" ଯେତେବେଳେ ରାଜକୁମାର ନନ୍ଦ ପାତ୍ରଟି ଫେରାଇବାକୁ ମନ୍ଦିରକୁ ଗଲେ, ବୁଦ୍ଧ ତାଙ୍କୁ ପଚାରିଲେ, "ନନ୍ଦ, ତୁମେ କ'ଣ ସନ୍ନ୍ୟାସୀ ହେବାକୁ ଇଚ୍ଛା କରୁଛ ?"

"ହଁ ପ୍ରଭୁ।" - ନନ୍ଦ କହିଲେ ଏବଂ ବୁଦ୍ଧ ତାଙ୍କୁ ଦୀକ୍ଷାପ୍ରଦାନ କଲେ। ମାତ୍ର ଏହାପରେ ନନ୍ଦ ବହୁତ ଉଦାସ ଓ ଅପ୍ରସନ୍ନ ଥିଲେ। ସେ ସର୍ବଦା ତାଙ୍କ ସୁନ୍ଦରୀ ପତ୍ନୀ ବିଷୟରେ ଭାବୁଥିଲେ। ଅନ୍ୟ ସନ୍ନ୍ୟାସୀମାନେ ତାଙ୍କୁ ବହୁତ ଉଦାସ ଦେଖି ନନ୍ଦଙ୍କୁ ପଚାରିଲେ, "ନନ୍ଦ, ତୁମେ ଏତେ ଉଦାସ କାହିଁକି ?"

"ଭାଇମାନେ ମୁଁ ନିରାଶ। ମୁଁ ଏହି ସନ୍ନ୍ୟାସୀ ଜୀବନକୁ ପସନ୍ଦ କରୁନାହିଁ। ମୁଁ ଏହାକୁ ତ୍ୟାଗ କରି ଘରକୁ ଯିବାକୁ ଚାହୁଁଛି।" - ନନ୍ଦ ପ୍ରତ୍ୟୁତ୍ତର ଦେଲେ।

ସେମାନେ ଯାଇ ବୁଦ୍ଧଙ୍କୁ ଏହି ଘଟଣା ଜଣାଇଲେ। ବୁଦ୍ଧ ତାଙ୍କୁ ଏକ ପୋଡ଼ିଯାଇଥିବା ବାନ୍ଦରୀ ଏବଂ ତା'ପରେ କେତେକ ପରୀଙ୍କୁ ଦେଖାଇ କହିଲେ, "ନନ୍ଦ କିଏ ଅଧିକ ସୁନ୍ଦର ଓ ଆକର୍ଷକ - ତୁମର ମହାନ ପତ୍ନୀ ନା ଏହି ପରୀମାନେ ?"


"ପୂଜ୍ୟ ମହାଶୟ, ଏହି ସୁନ୍ଦର ଓ ଆକର୍ଷକ ପରୀମାନଙ୍କ ତୁଳନାରେ ଜନପଦ କଲ୍ୟାଣୀ ପୋଡ଼ିଯାଇଥିବା ବାନ୍ଦରୀ ପରି ଅଟେ।"

"ଖୁସୀ ହୁଅ ନନ୍ଦ। ମୁଁ ଆଶ୍ୱାସନା ଦେଉଛି ଯେ ଯଦି ତୁମେ ମୋ କଥାନୁସାରେ କଠିନ ପରିଶ୍ରମ କରିବ, ତେବେ ତୁମେ ଏସବୁ ପ୍ରାପ୍ତ ହୋଇପାରିବ।"

"ଏପରିସ୍ଥିତିରେ ମୁଁ ସନ୍ନ୍ୟାସୀର ଜୀବନ ଜୀଇଁବାରେ ସବୁଠାରୁ ଅଧିକ ଆନନ୍ଦ ପାଇବି।" ନନ୍ଦ ଏହା କହିଲେ ଏବଂ ବୁଦ୍ଧଙ୍କ ଶିକ୍ଷାକୁ ଖୁବ୍ ସତର୍କତାର ସହ ଅନୁସରଣ କରିବାକୁ ଲାଗିଲେ। ଅତି ଅଳ୍ପ ସମୟ ମଧ୍ୟରେ ସେ ଜୀବନର ସତ୍ୟକୁ ଅନୁଭବ କରିପାରିଲେ ଯାହା ସମସ୍ତ ପ୍ରକାର କାମନାକୁ ନଷ୍ଟ କରିଦେଲା ଏବଂ ସେ ଏତେ ଜ୍ଞାନୀ ଓ ପବିତ୍ର ହୋଇଗଲେ ଯେ ଆଉ ଘରକୁ ଯିବାକୁ ଇଚ୍ଛା କଲେନାହିଁ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମନଗହନର କଥା...



ସାହିତ୍ୟ ଯଦି ଆମର ସର୍ଜନା, ଆମର ସୃଷ୍ଟି, ତାର ସୁରକ୍ଷା ଦାୟିତ୍ୱ ଆମର ନୁହେଁକି ! ସୁରକ୍ଷା ପାଇଁ ସବୁବେଳେ ବୁଝାମଣା ଠିକ୍ ନୁହେଁ, ମୌନବ୍ରତ ବି ଠିକ୍ ନୁହେଁ । ସାହିତ୍ୟର ସୁରକ୍ଷା ପାଇଁ କେବେ କେବେ ରଣହୁଙ୍କାର ଦେବାକୁ ପଡେ, ଧରିବାକୁ ପଡେ ଖଣ୍ଡା । ଯଦି ସାହିତ୍ୟ ମୋ ଜୀବନ, ମୋ ଜୀବନକୁ କଣ କେବେ ବୀଭତ୍ସ ମୃତ୍ୟୁ ଭୋଗିବାକୁ ଦେବି ମୁଁ ! ପ୍ରାରମ୍ଭିକ ପର୍ଯ୍ୟାୟରେ ମୋ ସାହିତ୍ୟ ପାଇଁ ମୁଁ ନିଜେ ଢାଲ, ବର୍ଚ୍ଛା ଆଉ ତୀର ସାଜୁଥିଲି । ଏ ବ୍ୟବସ୍ଥା ଆମ ସାହିତ୍ୟରେ ଚଳେନାହିଁ । ଦଳେ ଏହାକୁ ଆତ୍ମଘୋଷିତ ବଡପଣ, ଅହଂକାର ଅବା କ୍ରୋଧ କୁହନ୍ତି । ସେମାନେ ବୋଧହୁଏ ଚାହାନ୍ତି ଯେ ମୋ ସାହିତ୍ୟ ଲୁଣ୍ଠିତ ହେଉ, କ୍ଷତାକ୍ତ ହେଉ ଏବଂ ମୁଁ ତୁନି ହୋଇ ବସେ । ଆଜିକାଲି ମୁଁ ତୁନି ପଡିବା ଶିଖିଗଲିଣି । ମୋ ହାତରେ ସୁଦର୍ଶନ ଚକ୍ର ନାହିଁ ଯେ ମୁଁ ମୋତେ ବେଢିଥିବା କୋଟି କୋଟି ପଙ୍ଗପାଳରୂପୀ ସାହିତ୍ୟିକମାନଙ୍କର ସଂହାର କରିପାରିବି !

ସାହିତ୍ୟ ସଂହାରରେ ବିଶ୍ୱାସ ରଖେନା, ସହନଶୀଳତାରେ ରଖେ। ସାହିତ୍ୟ କାହାର ବି କ୍ଷତି କରିପାରେନା। ସେ କେବଳ ଚିରୁଡ଼ାଏ ଆଶ୍ୱାସନା, ଅଭିବ୍ୟକ୍ତି, ସ୍ୱାଭିମାନ ଆଉ ଆତ୍ମୀୟତା। ମା'ର ପଣତ ପରି ! ମୋ ଜୀବନ ଭିତରକୁ ସାହିତ୍ୟ ଏହି ରୂପରେ ହିଁ ପ୍ରବେଶ କରିଥିଲା। ମୋତେ କିବା ଜଣାଥିଲା ଯେ ସାହିତ୍ୟ ଭିତରେ ଦଳ ଅଛି, ଖଟି ଅଛି, ରାଜନୀତି ଅଛି, ଧନ ଆଉ ଯୌବନର ମାୟା ଅଛି। ଗାଁରେ ଘର ମୋର। ଗାଁ ନାଁ ଜଡ଼ିଦା। ବାପା ମାଇନର ସ୍କୁଲ ହେଡମାଷ୍ଟର। ପ୍ରାୟ ସ୍ୱାଧୀନତା ଅମଳରୁ। ମା' ପାଠପଢ଼ିନି। ଗାଁର ଗୀତ, ବର୍ଷାର ରଡି, ଶୀତର ଉଷୁମ, ବସନ୍ତର ବିଭବ ଆଉ ଗ୍ରୀଷ୍ମର ପ୍ରଖରତା ମୋତେ ସାହିତ୍ୟ ଆଡ଼କୁ ଟାଣିଲା ବେଳେ ମୋତେ ସେମାନଙ୍କ ପବିତ୍ରତା, ପ୍ରେମରେ ଆହୁରି ଆଗେଇ ନେଇଥିଲେ ମୋ ମା' ଓ କୁଳଦେବତା ରଘୁନାଥ।

**- ଅନୀଲ କୁମାର ପାଢୀ**

♥ ପ୍ରାଧ୍ୟାପକ, ଇଂରାଜୀ ବିଭାଗ
କୁଞ୍ଜବିହାରୀ ମହାବିଦ୍ୟାଳୟ,
ବାରଙ୍ଗ, ଖୋର୍ଦ୍ଧା- ୭୫୧୦୨୪
ମୋ: ୭୯୭୮୪୫୮୪୧୩

## ପାଉଁଜିର ପାଣ୍ଡୁଲିପି-୪

# କୋଣାର୍କର କାରୁଶିଳା



**ବିପିନ ମହାନ୍ତି**

ତୁମରି ବୁକୁର ଭରା ପିଆଲାକୁ ଅଧରେ ଦିଅ ଗୋ ସଖୀ
ମାତାଲ ଆଜି ଏ ମଧୁଶାଳା ହେଉ ପ୍ରୀତିର ମଦିରା ଚାଖି
ମଉନାବତୀର ମର୍ଜିରେ ଆଜି ମଉଜ କରୁ ଏ ରାତି
ମାନିନୀର ମାନ ଭଂଜନ ଅଲୋଡା ମଂଗିଛି ତ ରୂପବତୀ ।

ମେଂଚାଏ ନୀରବ କୋଳାହଳ କାଚକାନ୍ଥର ସେପାଖେ ଥାଉ
ଏପାଖେ ଆଲୁଅ ଅନ୍ଧାର ଆଡେଇ ନିଘୋଡ ନିଦରେ ଶୋଉ
ମହୁଲି ମଦର ମାଦକରେ ମନ ପ୍ରୀତିର ମନ୍ତ୍ର ଘୋଷୁ
ପ୍ରତି ଚୁମ୍ବନରେ ଚନ୍ଦ୍ରଭାଗାର ଚୂଡାରୁ ଚୁନରୀ ଖସୁ ।

କୃଷ୍ଣ କବରୀ କାନ୍ଥକୁ ଆବୋରି ଜୁଡାରୁ ମୁକୁଳି ଯାଉ
ମଧୁ ମାଳତୀର ମଉଳା ମହକ ଘରସାରା ଖେଳୁଥାଉ
କୁଆଁତାରା କାଉ କୋଇଲି କୁହାଟେ ଆକାଶରୁ ଯାଉ ଲିଭି
କୋଣାରକ କାନ୍ଥେ ପ୍ରତିବିମ୍ବିତ ହେଉ ଆମ ପ୍ରତିଛବି ।

କେଉଁ ପରଦେଶୀ ପର୍ଯ୍ୟଟକର ଛୁଆଁରେ ଖୋଲୁ ମୋ ଆଖି
ମୁକୁଳିତ ହେଉ ବାହୁବନ୍ଧନୁ ପହିଲି ସୂରୁଯ ଦେଖି ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# କବିତା.....

## ॥ ସମ୍ପର୍କ ॥

**ବୃନ୍ଦାବନ ଦାସ**



ଆଜି ସେମାନେ
ଏତେ ବେଶି ମନେ ପଡିଲେ
ଅଥୟ ହେଲି ଲୁହ ଗଡେଇଲି
ନିଦ୍ରା ତେଜିଲି
ଆଉ କେବେ ମନେ ପକେଇବିନି ବୋଲି
କେତେ ଜିଦ୍ କରି ବି
ବେଶି ବେଶି ଭିଡି ଧରିଲି ତାଙ୍କୁ ଛାତିରେ ।

ନିଜ ନିକଟରୁ ବାରମ୍ବାର ହାରି ଯିବାଟା
ଆଜିକାଲି ନିତିଦିନର କଥା
କେମିତି ଭୁଲିଯିବି ସେମାନଙ୍କୁ ?

ଦୂରେଇ ପାରେନାହିଁ ବୋଲି
ଦୁଃଖରେ ଚିତ୍ରିତ
ଦୁନିଆଯାକର ଶବ୍ଦସବୁ ଲୁହ ହୋଇ ଲଟକନ୍ତି
ମୋହସବୁ ମେଳିବାନ୍ଧି
ଧସେଇ ପଶନ୍ତି ନିଜ ଭିତରେ ପୂର୍ବଠୁ ଅଧିକ

ଧକ୍କା ଧୋକା ଅଜସ୍ର ଅଣଦେଖା ସତ୍ତ୍ୱେ
ଚାହିଁଥିଲି ସେମାନଙ୍କ ସୁଖ
ସିଡି ପରେ ସିଡି ଆରୋହଣ ହସ ହସ ମୁହଁ
ସେମାନେ କେମିତି ଜାଣିବେ ଯେ
ଏଥିରେ ମୁଁ ବେଶ୍ ଖୁସି ବୋଲି !

ଶ୍ୟାମଳ ଇଛାର ଅତୀତ
ସେଠି ଯେଉଁ ସ୍ୱପ୍ନର ଫୁଲ ଫୁଟିଥିଲା
ଆଜି ସେଠି ସତସତିକା ଫୁଲ
ଲୋଭନୀୟ ରଙ୍ଗ
ଭାରି ମହମହ ।

ଗଛରେ ଲତା ଲଟେଇଲା ପରି
କେବେ ଭିଡି ଧରୁଥିବା ସମୟ
ଏବେ ହାତମୁଠା ଢିଲା କରି ଦେଲାଣି

ଅଥଚ କେଉଁ ଆକର୍ଷଣରେ
ତାକୁ ପିଛା କରି ଚାଲିଛି ଜାଣେନା ମୁଁ
ସମ୍ପର୍କ ଛିଡି ପାରେନି
ବରଂ ବେଶି ଝଲେ, ଝଡେ ନାହିଁ
ଆତ୍ମୀୟତାରେ
ପାଖକୁ ପାଖକୁ ଟାଣିହେଇ ଯାଉଥାଏ ।

♥ ଈଶ୍ୱର, ପ୍ଲଟ୍ ନଂ - ୬୫/୨
(ଜିଲ୍ଲାପାଳ ଆବାସିକ କାର୍ଯ୍ୟାଳୟ ସନ୍ନିକଟ) ଗରାପୁର
କେନ୍ଦ୍ରାପଡା - ୭୫୪୨୫୦
ମୋ - ୯୭୭୭୮୪୩୦୩୧

## ॥ ଦାଆ ॥

**ଦେବାଶିଷ ଚକ୍ରବର୍ତ୍ତୀ**



ଦିନକୁ ଦିମୁଠା ଦୁଇବେଳା ?

ତୋର ମାୟାବୀ ଆପଣାପଣରେ
ଯେପରି ଛନ ଛନିଆ ସବୁଜ ଘାସ
ପାଲଟେ ଗାଈ ମଇଁଷିଙ୍କ ଆହାର
ଅଭାବର ରଡ ନିଆଁରେ ପୋଡି
ପାଉଁଶ ସାଜେ ନିକି
ସଫେଦ୍ ସକାଳ ପରି ବାଲ୍ୟକାଳ ?

ଯେଉଁ ହାତରେ ଶୋଭା ପାଉଥାନ୍ତା
ସିଲଟ ଓ ଖଡ଼ି
ଖୁସି ସାଉଁଟୁ ଥାଆନ୍ତା ଉଡାଇ ଗୁଡି
ସେଇ ହାତ ଆଜି ଜରି ଗୋଟାଉଛି କାଠୁଆ
ଜାଡ, ହାଣୁଆ ଖରା
ଶ୍ରାବଣ ଧାରାକୁ ପଛକରି।

ତୋର କଣ ଯାଏ ଆସେ
ଧାନ ଦର ତିରିଶ ଟପିଲେ କି
ତେଇଶକୁ ଖସିଲେ
ଲଘୁଚାପ ବର୍ଷାରେ ଫସଲ
ଉଜୁଡ଼ି ମୁହଁମାଡି ଭୂଇଁରେ ଶୋଇଲେ
ଅବା କରଜ ଦାଉରେ ମ୍ରିୟମାଣ
ଭାଗଚାଷୀ ଜହର ପିଇଲେ ?

ତୋ ପାରିଲାପଣ ସିନା ଜଣା ପଡନ୍ତା
ଯଦି ତୁ କାଟିପାରନ୍ତୁ ଅଭାବର ଗଳା ?
ମଗୁଶିରରେ ଝଲସନ୍ତା ଚାଷୀର ଖଳା ?
ଦୁଃଖକୁ ଚନ୍ଦନ ମଣୁଥିବା
ଅଭାବୀ ମୁହଁରେ ଝଟକନ୍ତା
ଚତୁର୍ଥୀର ଜହ୍ନପରି ଧାରେ ହସ
ମନ ଅଗଣାରେ ପୁଚି ଖେଳୁଥାନ୍ତା
ଆପଣାପଣର କୌମୁଦୀ ଅହର୍ନିଶ।

ଆଉ କେତେକାଳ ନିର୍ବିକାରରେ
ଏଇମିତି କାଟୁଥିବୁ
ନିରୀହ ଧାନ ଗଛର ଗଳା ?
ବିଚାରହୀନ ଭାବରେ ଭରି ଚାଲିଥିବୁ
ମହାଜନ, ସାହୁକାରଙ୍କ ଖଳା ?

କେବେ ଚିନ୍ତା କରିଛୁ କି
ତୋତେ ଆଶ୍ରା କରିଥିବା ମଣିଷଟିର
କପାଳକୁ ଯୁଟୁଛି କି ନାହିଁ

♥ ମଣ୍ଡୁଆ,କେନ୍ଦୁଝର ଗଡ
ମୋ - ୯୪୩୭୭୫୨୩୯୫

## ॥ ନାଉରିଆ ॥

**ଶ୍ରୀନିବାସ ସେଠୀ**



ଜୁଆର ଆସିଛି ପୁଣି ଫେରି ଯାଇଛି ,
ଶୂନ୍ୟ ନାଆରେ ରହିଯାଇଛି
ଜୁଆରିଆ କମ୍ପନ ।

ନାଉରିଆ ନଇ ଆଡିରେ
ନାଆ ବାନ୍ଧି ଫେରି ଯାଇଛି
ତା ଯିବା ଓ ଫେରିଆସିବା ନିର୍ଦ୍ଦିଷ୍ଟ ନଥାଏ
ନାଆ ନଇ ଆଡିରେ
ସେଇମିତି ବନ୍ଧା ଥାଏ ।

କେତେ ମାୟାର ରଜ୍ଜୁରେ ବନ୍ଧା ସେ,
ଶୃଙ୍ଖଳା ଆଡିକୁ ଚାହିଁ
ପଡ଼ିରହିଛି କେତେ କାଳ
ବିନା ନାଉରୀର ନାଆ ।

ଜୁଆର ଫେରି ଯାଇଛି ଯେ
ପଛରେ ରହି ଯାଇଛି ମୃତ ନଦୀର ବାଙ୍କ
ପାଦ ତଳେ ଗଭୀର ଖାଲ, ଛପଛପ ପାଣି
ଆଖିରେ ଛୁଇଁ ଯାଉଛି ବତୁରା ପବନ।

ପୁଣି ରାତି ଆସେ
ରାତିର ଅନ୍ଧାର ଲିଭାଇ ଦିଏ ସବୁ ଦିଗ,
ନଦୀର ଜଳ ଓ ନଦୀର ଆଡି
ଏକାପରି ଦିଶେ ।

ଏଇ ସମୟରେ ନାଉରିଆ ଫେରେ
ଜୁଲୁଜୁଲିଆ ପୋକମାନେ
ମିଞ୍ଜି ମିଞ୍ଜି ଆଲୁଅ ଜଳାଇ
ସଜାଇ ଦିଅନ୍ତି ନାଆକୁ,
ଅନ୍ଧାରରେ ଅଦୃଶ୍ୟ ବାଟଫିଟେ

ନଦୀ ଦେଇ ସମୁଦ୍ର ଆଡକୁ
ଆଡିରୁ ଆପେ ଆପେ ଫିଟିଯାଏ
ନାଆର ବନ୍ଧା ରଜ୍ଜୁ,
ଆଉ ନାଆ ଭାସି ଭାସି ଚାଲିଯାଏ
ସମୁଦ୍ର ଭିତରକୁ, ନିବିଡ ଗଭୀରତାକୁ ।

♥ ବସନ୍ତପୁର, ଗେଙ୍ଗୁଟି
ବାଲେଶ୍ୱର- ୭୫୬୦୪୬
(ମୋ) ୯୩୩୦୯୦୩୮୦୦



## ॥ ନାୟକ ॥

**କମଳ କୁମାର ମହାନ୍ତି**

ଆମେ ପହଞ୍ଚି ପାରିଲୁନି ବୋଲି
ତୁଙ୍ଗ ଶିଖରୀ ଚୂଳ
ଚିହ୍ନି ପାରିଲୁନି କ୍ରାନ୍ତିର
ଅସଲ ନାୟକ କିଏ !

ସେ ନାୟକଙ୍କୁ କେମିତି ବନ୍ଦୀକରି
ବଳି ଦିଆଯାଇପାରେ
ଗୋଟିଏ ଉପନିବେଶୀ ରାଜତ୍ୱର
କୁଟୀଳ ଲୌହବାଡ଼ ଭିତରେ !

ଯେଉଁ ସମୟରେ କେତୋଟି
ଅହିଂସାର ଚଟୁଳ ଆଉ
ସ୍ୱପ୍ନଭୁକ୍ ଶବ୍ଦ ଚାତୁର୍ଯ୍ୟରେ
ଆମ ବିବେକସବୁ ଆହା
ସହଜରେ ମାପି ହୋଇଯାଇଥିଲା,
ସେହି ସମୟରେ ଆମ ଅଲକ୍ଷ୍ୟରେ
କିଏ ଜଣେ ନେଇ ସାରିଥିଲା ବୋଧହୁଏ
ଗୋଟିଏ ପ୍ରଚଣ୍ଡ ପ୍ରତିବଦ୍ଧ ଶପଥ
କେବଳ ଆମ ସରଳ ଆତ୍ମା
ଜାଣିଥିଲା କେତେ ପ୍ରତାରିତ
ଆମେ ଆହା ଗୋଟିଏ
ବେପାରୀ ଆଉ ପ୍ରପଞ୍ଚ ସଭ୍ୟତାର
ଚଞ୍ଚକତା ଆଗରେ !

ଆଜାଦୀର ଅମୃତ ମହୋତ୍ସବରେ
ଆଜି ହୁଏତ ମନେ ପଡୁଥିବ ଏମିତି
ଜଣେ କର୍ମବୀର ଓଡ଼ିଆ ବିଶ୍ୱମୟ
ଭାବମନ୍ତ୍ରରେ ଅଭିମନ୍ତ୍ରିତ ହୋଇ
ବନ୍ଦିନୀ ଦେଶ ମାତୃକାର ମୁକ୍ତି ପାଇଁ
କେତେ ଆହତ ହେଲା,
କେତେ ରକ୍ତ ଦେଲା,
କେତେ ମନ୍ତ୍ର ଦେଲା,
କେତେ ଜୀବନ ଦେଲା...

କେବଳ କିଛି ପ୍ରତାରକଙ୍କ ଛଳନାକୁ
ବୁଝି ନପାରି ସେ ମହାଜୀବନଟା
ପ୍ରେକ୍ଷାପଟରୁ ଅନ୍ତର୍ଦ୍ଧାନ ହେଲା
ଆମେ ଖାଲି ତା' ଜନ୍ମଦିନକୁ
ସୁମରି ସୁମରି ଦେଶଭକ୍ତିର
ଅର୍ଘ୍ୟ ଆରତି କଲେ ।

ଦେଶର ଆତ୍ମାରେ ସେ ରହିଗଲା,
ତା'ରି ଆତ୍ମାରେ ଦେଶ
ଆମ ଆତ୍ମାରେ ତାକୁ ରଖିଦେବା ଲାଗି
ଏଠି କିନ୍ତୁ ଅନେକ ଭ୍ରୁକୁଞ୍ଚନ,
ଅନେକ ସଙ୍କୋଚ ।

♥ ଆରସା, ତିହିଡି, ଭଦ୍ରକ
(ମୋ) - ୮୨୪୯୩୩୬୫୮୭

## ॥ ନାଲିମାଟିର ଜୀବନ ॥



**ପିନାକୀ ମିଶ୍ର**

ଆଁ କରି ଅନେଇଥା
କେହି ଆସିବେନି, କିଛି ପାଇବୁନି,
ଖାଁ ଖାଁ ଆକାଶ
ଗାଁ ଦାଣ୍ଡରେ ପବନ ପଇଁତରା
ନିଜ ବୟସ ତ ଜଣାନାହିଁ,
ବାଡି ଧରିଲୁଣି ।

ରାତିପାହିଲେ ପଥର ପିଟିଲୁ
ବଳ ବିଶ୍ୱାସ ଆୟୁଷ ସବୁ ତ ଦେଲୁ
ଏବେ ପିଣ୍ଡାରେ ମାଟିକାମୁଡି ପଡିଥା,
ଆଉ ଅଛି ଯେ' ଭାର୍ଯ୍ୟା ମନବୁଝିବ
ଭାତବେଳା ଖଂଜେଇବ,
ଦୋକତା ବଢେଇଦବ ।

ସକାଳେ ନେ କଞ୍ଜିଳିଖରା
ରାତିକୁ ନେ ପାଚିଲା ଅଂଧାର
ପାଇଲେ ଖା ନାଇଁ ତ ଶପୁଥା,
ପୁଅବୋହୂ ଯେଝା ସଂସାରରେ
ଖାଦାନ୍ ଗଲେ, ମାତାଲ୍ ହେଲେ
ଘରେ ପଶୁପଶୁ ସଳାବୁଢା ସଂପିଲେ,
ଯେତେବେଳେ ଦୟା ହେବ,
ଦେବେ ବକତେ ।

ନାଲିମାଟିର ଜୀବନ
ଜାଡଜଂଗଲ ଖଣିତଳ ଭୂୟାଁପୀଢ
ଦୁଃଖର ବେପରୁଆ ତୋଡ,
ଗଡିଗଲା ବୟସରେ ଅଲୋଡା ତୋ ନାଁ,
କାଂଧ ଉଠୁନି, ଅଣ୍ଟା ଅମଂଗ

ପାଦ ଅବଶ, ମୁହଁ ହାଡୁଆ,
ତୁ କି ପୋଖରୀଘାଟ ମଲାଗେଣ୍ଡାର ଖୋଳ
ତୋର ଯାଇଛିରେ ବେଳକାଳ ।

ରାସ୍ତାରେ ଡାଲାଗାଡି
ଅହରହ ଲୁହାପଥରବୁହା
ଧୂଳିଧୂଆଁରେ ଆକ୍ତାମାକ୍ତା ଜୀବନ,
ଅଣ୍ଟେଣ୍ଟଖାଲ
ଚାଳକ ଭାଟିରେ ବୁଟ ଚୋବଉଥିବ ଅଘଷା,
ଧୋବଛିଟ ଶାଢିରେ ବିକାଳୀ ଝିଅଟି -
କାଳିହେଲେ ବି ସଜସଜ ଲାଗୁଥିବ ।
ତୁ ପିଟିଲୁ ପଥର
ପଥରପିଟା ପଇସାରେ ରାଜଧାନୀ ଝଲମଲ,
କାନ୍ଥଖୁରାରେ ଥୁଆ ଅନ୍ତୋଦୟକାର୍ଡ ଖଣ୍ଡେ
ଏତିକି ତୋ ସମ୍ବଳ ।

ବଣମୂଳକର ଦୁର୍ଭାଗା ତୁ
ଦି'ଅକ୍ଷର ନାହିଁ ବୋଲି କେତେ ହୀନିମାନ,
ତୋ ଛାତିରେ ଧନୀକର ଘୋଡାଟାପୁ
ପଥରସଂଧିରେ ତୋ ପିଞ୍ଜରାହାଡ
ପିଠିରେ ବିଧେ ବହଳ ମଳି ।

ମାଲେରିଆରେ ତିରିଲା ଗଲା
ବାଡିପଟେ ପୋତିଦେଲୁ,
ତୁ ବି ପଡିପଡି ଯିବୁରେ ଦୁର୍ଭାଗା...
ମାଟିରେ ଠିଆପଥରଟେ ଥୁଆହେବ,
ବିହି ତ କାଟିଛି କପାଳେ ବକ୍ରରେଖା ।

♥ ଚର୍ଚ୍ଚ ପାଖ, ଜେଲ୍ ରୋଡ,
କେନ୍ଦୁଝର-୧
ମୋ -୯୪୩୮୧୧୮୩୯୭

## ॥ ଯୁଦ୍ଧ ॥

**ବବିତା ତ୍ରିପାଠୀ**



ଖଣ୍ଡାର ଧ୍ୱନି ଠାରୁ ଅଧିକ ଉଚ୍ଚ ଥିଲା
ମାଆର ଆର୍ତ୍ତନାଦ।
ଏକ ଆଦେଶ, ଏକ ନୀତି
ଏକ ଅହଂକାର ପାଇଁ
ରକ୍ତରେ ଲେଖାହେଲା ଏକ ନିର୍ମମ ଇତିହାସ
ଶରଣାର୍ଥୀ ଶିବିରରେ
ଅନାଥ 'ଶୈଶବ'ର ପ୍ରଶ୍ନ
"ଏଇଟା କ'ଣ ମୋ' ଦେଶ ?"

ହେଲେ ରାଜା କିଏ !
ଯୁଦ୍ଧ ଜିତେ ରାଜା,
ହାରେ ଜୀବନ, ହାରେ ଶାନ୍ତି,
ହାରେ ସ୍ୱପ୍ନ, ହାରେ ମନୁଷ୍ୟତା,
ସାଥେ ସାଥେ ହାରୁଥିଲା
କଅଁଳ ଶିଶୁର ବିଶ୍ୱାସ ।

ଶୂନ୍ୟତାର ଆକାଶରେ ବାରୁଦର ଗନ୍ଧ ।
ଘୋଡ଼ାର ଖୁରାରେ ଅଣଚାଶ ପବନ'ର
ଖର ନିଶ୍ୱାସର ଆଘାତ ଖାଇ,
ଉଜୁଡି ଯାଉଥିଲା ଜୀବନ
ଅବିସ୍ଫୋରିତ ବୋମାର
କୋକୁଆ ଭୟ ସାଥୀରେ

ସଂଜ୍ଞାହୀନ ମଣିଷର ଆତଯାତ
ଧର୍ମ, ଅଧର୍ମର ନିକିତିରେ, ଖେଦେ,
କରୁଥାନ୍ତି ରୋଳ, କେ'ହେବ ମନ୍ତ୍ରୀ,
କେ'ହେବ କଟୁଆଳ
କୁଢ଼ କୁଢ଼ ପଚାମାଂସ ସାଥେ ବିଲୁଆ ବିଚାର
କିନ୍ତୁ ଯୁଦ୍ଧ ଚାହେଁ ରକ୍ତର ପ୍ରାଚୀର ।

♥ ଭୁବନେଶ୍ୱର
(ମୋ) - ୭୯୭୮୩୬୮୮୨୫

୧୦୫ ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ

# ସାହିତ୍ୟ ମଣିଷକୁ ମଣିଷ ସହ ଯୋଡୁ, ଭଲପାଇବାର ପୃଥିବୀଟିଏ ତିଆରି କରୁ : ଶୈଳବାଳା ମହାପାତ୍ର

**ଶୈଳବାଳା ମହାପାତ୍ର** ଓଡିଆ ସାହିତ୍ୟ ଜଗତର ଗୋଟେ ଉଦାତ୍ତ ଉଚ୍ଚାରଣ । କେବଳ କବିତା ନୁହେଁ, ଅନୁବାଦ ସାହିତ୍ୟର ସେ ଜଣେ ନିଷ୍ଠାପର ବିଜ୍ଞାଣି । ବଣ, ପାହାଡ଼, ଗଛ ଲତା, ସୂର୍ଯ୍ୟଙ୍କ ଆସିବା ଯିବାର ଚମତ୍କାର ଦୃଶ୍ୟ, ଚଢ଼େଇ ଚିରିକତି, ମଣିଷର ସୁଖ ଦୁଃଖ ସ୍ନେହ ପ୍ରେମ ଭଲପାଇବାକୁ ସେ କେବଳ ପ୍ରେରଣା ଭାବେ ଗ୍ରହଣ କରନ୍ତିନି ବରଂ ନିଜ ସୃଷ୍ଟିରେ ଭରିଦେଇ ପାରନ୍ତି ସେଇପରି ଅନନ୍ୟ ମିଠାପଣ । ନିଜ ଜୀବନ ଓ ଜିଜ୍ଞାସା ହିଁ ତାଙ୍କ କାବ୍ୟ ଚେତନାର ଚିହ୍ନିତ ଚକ୍ରବାଳ । ଅକୃତ୍ରିମ ଆତ୍ମୀୟତାକୁ କାନିରେ ଗଣ୍ଠି କରିଥିବା ଏବଂ "ସାହିତ୍ୟ ସାଧାରଣ ଜନତାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବୁଦ୍ଧିଜୀବୀଙ୍କ ମହଲରେ ଆଗ ପ୍ରିୟପାତ୍ର ହେଉ !" ବୋଲି କହୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ଶୈଳବାଳା ମହାପାତ୍ରଙ୍କ ସୃଷ୍ଟି ସମ୍ଭାର



ପ୍ରକାଶିତ ପୁସ୍ତକ

କବିତା ସଂକଳନ :
୧- ଜୀବନ ବିଚିତ୍ର ଫୁଲ
୨- ଆମେ ଦୁହେଁ ସମୟ ସାମ୍ନାରେ
୩- କେତେ ରଙ୍ଗର ସମୟ
୪- ନିଜର ନିର୍ଜନ ପଣ
୫- ଅଧା ଅଧା ସ୍ୱପ୍ନ ଯେତେ
୬- ଛୋଟ ଛୋଟ କଥାରେ ଈଶ୍ୱର
୭- ଜୀବନ ଯେମିତି ଯେତେବେଳେ

ନିବନ୍ଧ ସଂକଳନ :
୧- ଭୋର୍ ବେଳାର ଲିପି
୨- କବିତା ପାଇଁ ଉତ୍ତର

ପିଲାଙ୍କ ବହି :
୧- ଚୁନ୍ ମୁନି ଜିଣିଲା (ଓଡ଼ିଆ କାହାଣୀ)
୨- ଭଗବାନ ଚଲେ ସାକ୍ଷୀ ବନ୍ନେ (ହିନ୍ଦି)
3- The Story of a River (English)
4- The beating treat (English)
5- Tuan Tuin(English)
6- The Willy Jackal (English)

ହିନ୍ଦି କବିତା ସଂକଳନ :
ତୁମ୍ ଖୁଦ୍ ଅପନେ ଆପକୋ କର୍ ଲୋ ମୁକ୍ତ
ଏକ୍ ବାର୍ ଦିବାର ବନ୍ ଗୟେ ତୋ
ଚଷମା ପହନତି ହୁଁ ଆଜକଲ

ଅନୁବାଦ :
ପଚାଶରୁ ଅଧିକ ପୁସ୍ତକ ( ନିମ୍ନ ସଂସ୍ଥା ପାଇଁ)
୧- ସ୍କଲାଷ୍ଟିକ୍ ଇଣ୍ଡିଆ
୨- ଓରିଏଣ୍ଟ ଲଙ୍ଗମ୍ୟାନ୍
୩- ନ୍ୟାସନାଲ ବୁକ ଟ୍ରଷ୍ଟ ,ଇଣ୍ଡିଆ
୪- ପ୍ରଥମ ବୁକ୍ସ
୫- ପ୍ରବୀଣ୍ ପ୍ରକାଶନ, ଦିଲ୍ଲୀ
୬- ସି ଏମ୍ ସି ଏ ,ବାଙ୍ଗାଲୋର

ସମ୍ପାଦନ :
୧- ଗଙ୍ଗଶିଉଳି
୨- ବଡଦାଣ୍ଡ
୩- ଜୀବନ : କବିତା

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?


■■ ପିଲାଦିନେ ଗପ ପଢ଼ିବା ଓ କହିବାକୁ ଭଲ ଲାଗୁଥିଲା । ପଢାବହିର ଗୀତ ବି ବଡ଼ ପାଟି କରି ବୋଲୁଥିଲି, ଅନେକ ବଡ଼ ହେବା ଯାଏ । ସେ ଅଭ୍ୟାସ ମୋର ଏବେ ବି ଅଛି । ସ୍କୁଲରେ ପଢିବା ବେଳେ ରଫ୍ ଖାତାରେ ନଈଟିଏ, ଚଢେଇଟେ, ଜଗନ୍ନାଥଙ୍କ ଆଖି, ପଦ୍ମ ଫୁଲ, ଗଛ, ଆକାଶ ; ଏମିତି କିଛି ଅନାବନା ଚିତ୍ର ଗାରେଇ ଦିଏ । ମୋର ଚିତ୍ର ଜମା ହୁଏନି । ମନକୁ ମନ ଏମିତି ଚିତ୍ର କରି ତା' ତଳକୁ ଦୁଇ ଚାରି ଧାଡ଼ି ପଦ ପକେଇ ଲେଖିଦିଏ । ସେ ସବୁ ରଫ୍ ଖାତାରେ ସେମିତି ଥାଏ । ଷଷ୍ଠ କି ସପ୍ତମ ଶ୍ରେଣୀର କଥା । ଥରେ ଆର୍ତ୍ତ ସାର୍ ମତେ ପାଖକୁ ଡାକି ତାଙ୍କ ସ୍ୱଭାବ ସୁଲଭ ଢଙ୍ଗରେ ଧୀରେ ଧୀରେ କହିଲେ, 'ତୁ କବିତା ଲେଖୁନୁ । ଛୋଟ ଛୋଟ କବିତା ପଦ ପକେଇ ଲେଖେ । ତୁ ପାରିବୁ ।' ଜାଣେନା, ସାର୍ ମୋ ପାଖରେ କ'ଣ ଦେଖି ଏକଥା କହିଥିଲେ । ସାରଙ୍କ କଥା ପରେ ମୋ ରଫ୍ ଖାତା ବେଶି ବେଶି ସରିଲା । କିଛି ଛୋଟ ଛୋଟ କାହାଣୀ ଲେଖିଲି ମଧ୍ୟ । ପ୍ରଥମରୁ କହିଛି, ଗପ ମୋର ଭାରି ପ୍ରିୟ । ଗପର କାହାଣୀ ଚାଲିଥିଲା ବେଳେ କବିତା ଯେ କେଉଁ ମନ୍ମୟ ମୁହୂର୍ତ୍ତରେ ମତେ ଭେଟ ହେଲା ! ପ୍ରଥମ କବିତା ପ୍ରକାଶିତ ହେଲା ୧୯୭୬ (ଛଅସ୍ତରୀ) ମସିହାରେ । ସେବେଠୁ କବିତା ଓ ମୁଁ ସାଙ୍ଗ ହୋଇ ଚାଲିଛୁ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ପ୍ରେରଣା ତ ସମଗ୍ର ପୃଥିବୀ ! ବଣ, ପାହାଡ଼, ଗଛ ଲତା, ସୂର୍ଯ୍ୟଙ୍କ ଆସିବା ଯିବାର ଚମତ୍କାର ଦୃଶ୍ୟ, ଚଢ଼େଇ ଚିରିକତି, ମଣିଷର ସୁଖ ଦୁଃଖ ସ୍ନେହ ପ୍ରେମ ଭଲପାଇବା । ଆର୍ତ୍ତ ସାରଙ୍କ କଥା ତ କହିଛି । ସାହିତ୍ୟକୁ ଆପଣେଇବାରେ ମୋ ବୋଉର ସହଯୋଗିତା ସର୍ବ ପ୍ରଥମେ ସ୍ମରଣୀୟ । ଦେଖିବାକୁ ଗଲେ ପରିବାରରେ ଭାଇ ଭଉଣୀ ବାପା ସମସ୍ତଙ୍କ ସହଯୋଗ ମୁଁ ପାଇଛି । ବାହା ହୋଇ ଆସିଲି ଗୋଟେ ସୃଜନଶୀଳ ପରିବାରକୁ । ମୋ ପିଲାଙ୍କ ସମର୍ଥନ ଓ ସହଯୋଗ ବି ମୋର ପ୍ରେରଣାର ବଳିଷ୍ଠ ସ୍ରୋତ । ଏତିକି । ଏଇମାନେ ମୋର ଗୁରୁ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ସାହିତ୍ୟରେ ପ୍ରଥମ ପ୍ରବେଶ ତ ମୋ ରଫ୍ ଖାତାର ଅନାବନା ଦୁନିଆ ! ବିଧିବଦ୍ଧ ଭାବେ ଛପିଲି ୧୯୭୬ ମସିହାରେ, ଚିତ୍ରପୁରୀ ପତ୍ରିକାରେ । ସେଇ ଛଅସ୍ତରୀ ମସିହାରୁ 'ସ୍ୱରାଜ୍ୟ', 'ଧରିତ୍ରୀ', 'ପ୍ରଜାତନ୍ତ୍ର'ର ସାହିତ୍ୟ ପୃଷ୍ଠାରେ ନିୟମିତ ଆସିଲି । ଏକାଅଶୀ ମସିହାରୁ ଝଙ୍କାରରେ ସ୍ଥାନ ପାଇଲି । ପରବର୍ତ୍ତୀ ସମୟରେ ପ୍ରଗତିବାଦୀ, ସମ୍ବାଦ, ଦିନଲିପି, ସମୟରେ ଛପିଲି । 'ସମ୍ବାଦ'ର ସାହିତ୍ୟ ପୃଷ୍ଠା ଆରମ୍ଭ ଦିନ ଠାରୁ ମୁଁ ନିୟମିତ ପ୍ରକାଶିତ ହେଉଥିଲି । ସେତେବେଳେ ଭଲ ଥିଲା । ଖୁବ୍ ଭଲ । ଆମେ ଲେଖୁଥିବା ମଣିଷମାନେ ଗୋଟେ ସୁନ୍ଦର ସମ୍ପର୍କ ଭିତରେ ଥିଲୁ । ଏବେ ତ ସେଇମାନଙ୍କ ମଧ୍ୟରୁ କେତେଜଣ କେବଳ ହାୟ ହାଲୋରେ ଥାଆନ୍ତି । କିଏ ପଚାରେ ଯେ ! ତମ ବଡପଣ ତମ ପାଖେ ଥାଉ ! କବିତା ପୁସ୍ତକ କଥା କହୁଛନ୍ତି ଯଦି, ସାତୋଟି ପ୍ରକାଶିତ । ହିନ୍ଦିରେ ତିନୋଟି କବିତା ସଂକଳନ ପ୍ରକାଶିତ । କବିତା ଛଡା ଅନ୍ୟାନ୍ୟ ପୁସ୍ତକ ମଧ୍ୟ ମୋର ପ୍ରକାଶିତ । ସବୁ ସଂକଳନ ମୋର ପ୍ରିୟ । ଓଡିଶାର ପ୍ରସିଦ୍ଧ ପ୍ରକାଶକ କଟକ ଷ୍ଟୁଡେଣ୍ଟସ ଷ୍ଟୋର, ଲାର୍କ ବୁକ୍ସ, ଗ୍ରନ୍ଥ ମନ୍ଦିର ଇତ୍ୟାଦି ମୋର ପୁସ୍ତକ ପ୍ରକାଶ କରିଛନ୍ତି । ସେମାନଙ୍କ ନିକଟରେ ମୁଁ କୃତଜ୍ଞ । ଲାର୍କ ବୁକ୍ସର ପ୍ରକାଶକ 'ଅଧା ଅଧା ସ୍ୱପ୍ନ ଯେତେ' ବହିର ଭବ୍ୟ ଉନ୍ମୋଚନ ପର୍ବ ପୁସ୍ତକ ମେଳାରେ କରିଥିଲେ । ସେ ମୋର ପ୍ରଣମ୍ୟ !



ସ୍ୱାମୀ କବି ମାନସ ରଂଜନ ମହାପାତ୍ରଙ୍କ ସହ କବି...

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟର ପ୍ରତିଟି କ୍ଷେତ୍ରକୁ ନେଇ ମୁଁ ଆଶାବାଦୀ । ନବ ପ୍ରଜନ୍ମର ଅଧିକାଂଶ କବି ଖୁବ ସଚେତନ । ସେମାନେ ଅନୁଭବକୁ ଅନ୍ତର ଦେଇ ଆଙ୍କନ୍ତି । ଏଠୁ ସେଠୁ ଗୋଟେଇ ଆଣନ୍ତି ନାହିଁ । ସାହିତ୍ୟର ଭାଷା ସରଳ ସୁଗମ ଭାବମୟ ହେବା ଦରକାର । ସାହିତ୍ୟ ସାଧାରଣ ଜନତା ପାଖରେ ପହଞ୍ଚିବା ପୂର୍ବରୁ ବୁଦ୍ଧିଜୀବୀଙ୍କ ମହଲରେ ଆଗ ପ୍ରିୟପାତ୍ର ହେଉ ! ଆମ ସାହିତ୍ୟିକମାନେ ପରା କେଉଁ ପୃଷ୍ଠାରେ ନିଜ ଲେଖା ଅଛି ଖୋଜି ଦେଇ ପତ୍ରିକା ଥୋଇ ଦିଅନ୍ତି । ହଁ, ସାଧାରଣ ଲୋକଙ୍କ ପାଖେ ପହଞ୍ଚିବା ପାଇଁ କବିତାର ଛନ୍ଦମୟତା ଅତ୍ୟନ୍ତ ଜରୁରୀ । ଲେଖାର ଆବେଦନ ମଧ୍ୟ ଏକ ଅପରିହାର୍ଯ୍ୟ ପ୍ରସଂଗ । ଭାଗିରଥୀ ଦାସଙ୍କ ଉପନ୍ୟାସ ଆମ ଗାଁର ଘରେ ଘରେ ପରିଚିତ । ମୋ ବଡ଼ବାପା ପୁଅ ଭାଇ ଭାଗିରଥି ଦାସଙ୍କ ଉପନ୍ୟାସର ଏକନିଷ୍ଠ ପାଠକ । ବିଭୂତି ପଟ୍ଟନାୟକଙ୍କ 'ବଧୂ ନିରୁପମା' ଓଡ଼ିଆର ଘରେ ଘରେ ସୁବିଦିତ । ଏଇଠି କାହ୍ନୁଚରଣଙ୍କ ସୃଜନ ଦୁନିଆ ସର୍ବଶ୍ରେଷ୍ଠ ଉଦାହରଣ । ସାଧାରଣ ଲୋକଙ୍କ କଥା ଲେଖିଲେ ସାଧାରଣ ଲୋକେ ପଢିବେ । ଆମେ ତ ଆମ ବୁଦ୍ଧିର ବିନ୍ୟାସ କରି ନିଜ ଭିତରେ କାଦୁଅ ଛଟାଛଟି !!

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଏବେ ସଙ୍କଟରେ ଥାଉ କି ନଥାଉ ଖୁବ ଶୀଘ୍ର ସେ ସମୟ ଆସିଯାଉଛି । କାରଣ ଆମ ପିଲାମାନେ ଶୁଦ୍ଧ କରି ନିଜ ଭାଷାଟିକୁ ଉଚ୍ଚାରଣ କରନ୍ତି ନାହିଁ । ପଦେ ଓଡ଼ିଆରେ ଚାରିପଦ ଇଂରାଜୀ । ଓଡ଼ିଆ କହିଲା ବେଳେ ଚୋବେଇ ଚୋବେଇ, ଖନାଙ୍କ ଭଳି ଦିସ୍ ଦ୍ୟାଟ ବଟ ଅଭିଅସଲି ମିଶେଇ କହନ୍ତି । ଏମିତି କହନ୍ତି ଯେ ଫାଳେ ଫାଳେ ଉଡି ଯାଉଥିବ । ଏମିତି ଅବସ୍ଥାରେ ଆଉ କେତେଦିନ ? ଆମ ଭାଷାରୁ ସାହିତ୍ୟ ଭିନ୍ନ ନୁହେଁ । ସାହିତ୍ୟ ପାଇଁ ହିଁ ଆମ ଭାଷା ଏଯାବତ୍ ତିଷ୍ଠି ରହିଛି । ଫକୀରମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେରଙ୍କ କୃତି ଏକ୍ଷେତ୍ରରେ ସର୍ବାଦୌ ସ୍ମରଣଯୋଗ୍ୟ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ କବିତା ନିଜର ସଂଜ୍ଞା ନିଜେ ନିରୂପଣ କରେ । ଛାତି ନିଗିଡ଼ା କଥା ସବୁ ଭଲ କବିତା ହୋଇପାରେ ବୋଲି ମୁଁ ଭାବେ । ମାନସିକତା ପରିବର୍ତ୍ତନରେ ସାହିତ୍ୟର ଭୂମିକା ଆମେ ବହୁ ପୂର୍ବରୁ ଗାନ୍ଧୀଙ୍କ କ୍ଷେତ୍ରରେ ଦେଖିଛେ । ରସ୍କିନଙ୍କ ଲେଖା ତାଙ୍କୁ ବହୁ ଭାବେ ପ୍ରଭାବିତ କରିଥିଲା । ତେବେ ଏଇ କ୍ଷେତ୍ରରେ ଅନାଲୋଚିତ ହୋଇ ମଧ୍ୟ ଅନେକ ଘଟଣା ରହିଛି । ପୁରାଣ ସାହିତ୍ୟର ପ୍ରଭାବ ତ ଅବିଚ୍ଛିନ୍ନ ଭାବେ ଆମ ସମାଜରେ ରହି ଆସିଛି ।

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ସାହିତ୍ୟକୁ ନେଇ ମୁଁ ସଂପୂର୍ଣ୍ଣ ଆଶାବାଦୀ । 'ଉଡିଆ ଏକ ସ୍ୱତନ୍ତ୍ର ଭାଷା ନୟ'ରୁ ଆସି ସାଢେ ଚାରିକୋଟି ଓଡ଼ିଆଙ୍କ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ଅନେକ ଉଠା ପକା ଦେଇ ଓଡ଼ିଆ ସାହିତ୍ୟ ଆଜି ଯେଉଁଠି ପହଞ୍ଚିଛି ; ତାର ଭବିଷ୍ୟତ ନିଶ୍ଚୟ ଆଲୋକିତ, ଯଦି ନବ ପ୍ରଜନ୍ମ ଆଉ କାହା ଗୁଳାରେ ନଚାଲି ନିଜ ଗୁଳାରେ ଚାଲନ୍ତି । ମାଣବସା ଗୁରୁବାର ବହି ପଢିବାକୁ ନଭୁଲନ୍ତି, ହରିଣ ନଦିଏ ଧରା, ଦଉଡନା ବଡ ଖରାକୁ ମନେ ରଖନ୍ତି !!

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?


■■ କେବଳ ଲେଖା କାହିଁକି, ପ୍ରତ୍ୟେକ କ୍ଷେତ୍ରରେ ପୁରସ୍କାରର ଗୁରୁତ୍ୱ ରହିଛି । ପୁରସ୍କାରଟିଏ ଲେଖକର ସାମାଜିକ ଦାୟବଦ୍ଧତା ପ୍ରତି ଦାୟିତ୍ୱଶୀଳ କରାଏ । ଆଗାମୀ ଲେଖା ପାଇଁ ପ୍ରେରିତ କରେ । ବର୍ତ୍ତମାନ ଆମ ଓଡ଼ିଆ ସାହିତ୍ୟର ପୁରସ୍କାର ପ୍ରସଂଗ ଅତ୍ୟନ୍ତ ହାସ୍ୟାସ୍ପଦ । ପୁରସ୍କାର ବ୍ୟାପାରରେ ଏତିକି କହିବି, 'ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି । ସେସବୁ କଥା କହିଲେ ଏଇ ସାକ୍ଷାତକାରର ମର୍ଯ୍ୟାଦା ହାନି ହେବ । ସାହିତ୍ୟ ମଣିଷକୁ ମଣିଷ ସହ ଯୋଡୁ, ଭଲପାଇବାର ପୃଥିବୀଟିଏ ତିଆରି କରୁ । ସାହିତ୍ୟ ମାଧ୍ୟମରେ ଏଇ ବାର୍ତ୍ତା ଦେବାକୁ ମୁଁ ଚାହେଁ ।




ଶୈଳବାଳା ମହାପାତ୍ରଙ୍କ କେତୋଟି ବହି....



ନିଜ ପରିବାର ସହ କବି ଶୈଳବାଳା ମହାପାତ୍ର...



ଏକମାତ୍ର ନାତୁଣୀ ସହ କବି....

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

ଭାଗ-୭



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରକୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚ୍ଛରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

କେତେ ସମୟ ଅନ୍ତେ, ଜୁହାର ସାରି ଛିଡ଼ାହେଲା ଜେନି। ଆଖି ଯୋଡ଼ିକ ଲୁହରେ ଭିଜିଛି । ଚାହିଁଲା ପ୍ରଭୁଙ୍କୁ। ଲୁହର ପ୍ରାବଲ୍ୟରେ ଝାପସା ଦିଶୁଥିଲେ ପତିତପାବନ। କେବଳ କଳା କଳା ଚକାଆଖି ଯୋଡ଼ିକ ଯାହା ବାରି ହେଉଥିଲା। ପୂର୍ବଭଳି ସେମିତି ଗୋଲ ଆଉ ସୁସ୍ପଷ୍ଟ। କିନ୍ତୁ ଏ କଣ ସେ ଦେଖୁଛି ? ପ୍ରଭୁଙ୍କ ଆଖିରେ ଢଳ ଢଳ ହେଉଛି ଦୁଇଟୋପା ଲୁହ !

ଦୁଇ ଆଖିକୁ ଭଲ ଭାବେ ରୁମାଲରେ ପୋଛି ପକେଇଲା ଜେନି। ପୁଣି ଥରେ ଚାହିଁଲା ସେ କାଳିଆକୁ। ହଠାତ ନିଜ ଛାତିର ସ୍ପନ୍ଦନ ଅଟକି ଗଲା ଭଳି ଲାଗିଲା ତାକୁ। ଏ କଣ ଦେଖୁଛି ସେ ? ପ୍ରଭୁଙ୍କର ଦୁଇ ଚକା ଚକା କଳାଡୋଳାର ମଧ୍ୟବିନ୍ଦୁରୁ ଦୁଇଧାର ଲୁହ ଗଡ଼ି ଆସୁଛି ତଳକୁ।

ଏ ଦୃଶ୍ୟରେ ଜେନିର ସମଗ୍ର ଦେହ ଏବେ କମ୍ପିବାକୁ ଲାଗିଲା। କେଉଁଠି ଯେମିତି ଭୂମିକମ୍ପଟିଏ ହୋଇ ଯାଉଛି। ଥରି ଉଠୁଛି ତା ପାଦତଳର ଭୂଇଁ ଓ ତା' ସହିତ ନିଜେ ବି। କିନ୍ତୁ ତା' ଚତୁଃପାର୍ଶ୍ୱରେ କେହି ବି ସେମିତି ଏ କଂପନ ଅନୁଭବ କରିପାରୁ ନଥିଲେ। ଅଥଚ ସେ ଗୋଟାପଣେ ଥରୁଥିଲା ବରଡ଼ାପତ୍ର ପରି। ସ୍ଥିର ଭାବେ ଛିଡ଼ା ହୋଇପାରିଲା ନାହିଁ ଜେନି । ପଡ଼ିଯାଉଥିବା ଅବସ୍ଥାରେ ବସି ପଡ଼ିଲା ସେ, ଆଉ ସେହି ମୁହୂର୍ତ୍ତରେ ଅନୁଭବ କଲା - ସେ ନିଜ ସ୍ଥାନରେ ସ୍ଥିରଥିବା ସତ୍ତ୍ୱେ ତା' ଚାରିପାଖରେ ସଭିଏଁ ଘୂରୁଛନ୍ତି ଚକ୍ରାକାରରେ। ନିଜକୁ ସେହି ଅବସ୍ଥାରେ ସମ୍ଭାଳି ରଖିବା ଆଉ ସମ୍ଭବ ହେଲାନାହିଁ ଜେନି ପକ୍ଷେ। ସେଇଠି, ସେହି ଭୂମି ଉପରେ ଲୋଟିଗଲା। ସମ୍ଭବତଃ ସେ ମୂର୍ଚ୍ଛା ହୋଇ ସାରିଥିଲା। ନିଶ୍ଚଳ ହୋଇ ଯାଇଥିଲା ତା' ଦେହ।

ଅଳ୍ପ କିଛି ଉପଚାରରେ ସଂବିତ ଫେରି ପାଇଥିଲା ଜେନି। ଏବଂ ଅନୁଭବକଲା, ଦୁଇଜଣ ସ୍ତ୍ରୀ ଲୋକ ଓ ଦୁଇଜଣ ମହିଳା ସୁରକ୍ଷାକର୍ମୀ ତା' ସେବାରେ ଲାଗିଛନ୍ତି। କେହି ଜଣେ ତା' ମୁହଁରେ ପାଣି ସିଞ୍ଚୁଛି, ଆଉ ଜଣେ ପ୍ଲାଷ୍ଟିକ୍ ବିଞ୍ଚଣାଟିରେ ତାକୁ ପଙ୍ଖା କରୁଛି।

ଧୀରେ ଧୀରେ ଆଖି ଖୋଲିଲା ଜେନି। ଏମିତି ଏକ ଅଭାବିତ ଘଟଣା ପାଇଁ ସେ ଆଦୌ ଯେମିତି ପ୍ରସ୍ତୁତ ନଥିଲା। ଖୁବ୍ ଅପ୍ରସ୍ତୁତ ହୋଇ ପଡ଼ିଲା ସେ। ପୁଣି ଆଖିବୁଜି ଦେଲା। ଘଟଣା କ୍ରମଟିକୁ ମନେ ପକେଇବାକୁ ଚେଷ୍ଟା କଲା। କିନ୍ତୁ ତା'ର କିଛି ବି ମନେ ପଡୁନଥିଲା। ସ୍ୱଚ୍ଛ ଜଳାଧାର ଉପରେ ଚନ୍ଦ୍ର ପ୍ରତିଫଳିତ ହେବାପରି ତା'ମନ ମଧ୍ୟରେ କେବଳ ପ୍ରତିବିମ୍ବିତ ହେଉଥିଲା ପତିତପାବନଙ୍କ କମନୀୟ ରୂପ ଓ କଳାଡୋଳା ମଧ୍ୟରେ ଢଳ ଢଳ ହେଉଥିବା ଲୁହବୁନ୍ଦା।

ତା' ପାଖାପାଖି ଛିଡ଼ା ହୋଇଥିବା ଦର୍ଶକଗଣ କ'ଣ ସବୁ କଥାଭାଷା ହେଉଥିଲେ ତା' ସଂପର୍କରେ, ସେ ସବୁକୁ ସେ ଶୁଣୁ ନଥିଲା କି ବୁଝିପାରୁ ନଥିଲା। କେବଳ ହସପିଟାଲ ଶବ୍ଦଟିରୁ ଠଉରେଇଲା, ଏମାନେ ସମସ୍ତେ ତାକୁ ମେଡିକାଲ ନେବାକୁ କଥା ହେଉଛନ୍ତି। ସେ ଭୟଭୀତ ହୋଇପଡ଼ିଲା । ଦୀର୍ଘଦିନ ଧର ଡାକ୍ତର, ଡାକ୍ତରଖାନା, ଔଷଧ ଇଂଜେକସନ୍‌କୁ ନେଇ ସେ ଅତିଷ୍ଠ ଥିଲା। ଏବେ ଯଦି ଏମାନେ ତାକୁ ଡାକ୍ତରଖାନା ନେବେ ତ, ସବୁକିଛି ମୂଳରୁ ବିଗଡ଼ି ଯିବ ଏବଂ ଅସଲ ରହସ୍ୟଟି ଖୋଲିଯିବ ଏମାନଙ୍କ ପାଖରେ। ଏ ବିଦେଶିନୀଟି ଯେଉଁ ଦୂରାରୋଗ୍ୟର ଶିକାର ହୋଇଛି, ତହିଁରୁ ବର୍ତ୍ତିବା ଅସମ୍ଭବ। ସେତ ମରିବ ନିଶ୍ଚୟ। କିନ୍ତୁ ରଥାରୂଢ଼ ଅବସ୍ଥାରେ ପ୍ରଭୁଙ୍କୁ ଆଉ ଦେଖିବା ସଂଭବ ହେବନାହିଁ।

"ନୋ,' ନୋ', ଆଇ ଆମ ଅଲ୍ ରାଇଟ୍।" ଏତକ କହି ସଜୋରେ ଉଠି ପଡ଼ିଲା ଜେନି ଏବଂ କ୍ଷିପ୍ରଗତିରେ ଲୋକଗହଳି ଠେଲି ଆଗେଇଗଲା ଆଗକୁ, ଅରୁଣସ୍ତମ୍ଭର ପଛପଟକୁ। ଅନିଷା କଲା ଆନନ୍ଦକୁ। ଟିକେ ଦୂରରେ ଆନନ୍ଦ ହାତରେ ଭୋଗ ଓ ପ୍ରସାଦ ଧରି ତା'ରି ଆଡ଼କୁ ଆସୁଛି। ଏଣୁ ସେ ପ୍ରତୀକ୍ଷା ନ କରି ଆଗକୁ ଆଗକୁ ମାଡ଼ି ଚାଲିଲା, ବଡ଼ଦାଣ୍ଡ ଭିତରକୁ । ଟିକେ ଦୂରରୁ ଆନନ୍ଦ ଦ୍ରୁତ ପଦପାତରେ ତା'ର ନିକଟତର ହେବାକୁ ଚେଷ୍ଟା କରୁଥିଲା।

କ୍ରମେ ସ୍ୱାଭାବିକ ହେଲା ଜେନି ଏବଂ ବଡ଼ଦାଣ୍ଡରେ ଠାଏ ଛିଡ଼ାହୋଇ ପ୍ରତୀକ୍ଷା କଲା ଆନନ୍ଦକୁ। କୌଣସି ଅଘଟଣ ଘଟିଥାଇ ପାରେ ଜେନି ପ୍ରତି, ଏମିତି ଏକ ଆଶଂକାରେ ଡୁବିଗଲା ଆନନ୍ଦ। ସାମ୍ନାସାମ୍ନି ହୋଇ ପଚାରିଲା- "କିଛି ଅସ୍ୱାଭାବିକ ଆଚରଣ ହେଲା କି ମନ୍ଦିର ସାମ୍ନାରେ ? ବିଶେଷ କରି ସେବାୟତ କିମ୍ବା ସୁରକ୍ଷାକର୍ମୀଙ୍କ ତରଫରୁ ?"

ଜେନି ଦୁର୍ଘଟଣାଟିକୁ ଗୋଟି ଗୋଟି କରି ବର୍ଣ୍ଣନା କଲା ଆନନ୍ଦ ଆଗରେ। ସ୍ତବ୍ଧ ହୋଇ ଶୁଣୁଥିଲା ଆନନ୍ଦ ଜେନିକୁ। ଶୁଣିସାରି କହିଲା- "ତୁମର ପ୍ରେସର୍ କମିଯାଇଥିବ ଜେନି। ତଥାପି ଆମେ ଡାକ୍ତର ପାଖକୁ ହିଁ ଯିବା, ଠିକ୍ ଏବେ।"

"ମୁଁ ଠିକ ଅଛି ଆନନ୍ଦ। ତୁମେ ଆଦୌ ବ୍ୟସ୍ତ ହୁଅନା। ତୁମକୁ କଷ୍ଟ ହେଉଥିବ ନିଶ୍ଚୟ ! ଭୋଗତକ ଦିଅ ମୁଁ ଧରୁଛି। ହୋଟେଲ୍‌ରେ ପହଞ୍ଚି ଆମେ ଏକତ୍ର ସେବନ କରିନେବା। ଏଥିରେ ତୁମର କିଛି ଆପତ୍ତି ଅଛି ?"

"କିଛି ଅସୁବିଧା ନାହିଁ। ତେବେ ଚାଲ ସେପଟେ ମୋ ବାଇକ୍ ଅଛି। ମୁଁ ନେଇ ତୁମକୁ ହୋଟେଲ୍‌ରେ ଛାଡ଼ି ଆସିବି", - କହିଲା ଆନନ୍ଦ।

ବଡ଼ଦାଣ୍ଡରେ ଆନନ୍ଦର ପାଦ ସହିତ ପାଦ ମିଳେଇ ଚାଲୁଚାଲୁ ଜେନି ଦେଖୁଥିଲା ବିପଣୀମାଳାକୁ। ଉଜ୍ଜ୍ୱଳ ଆଲୋକରେ ସଜ୍ଜିତ ହୋଇଛି ଭିନ୍ନ ଭିନ୍ନ କିସମର ଦୋକାନ ସବୁ। ହଠାତ୍ ଗୋଟେ ଦୋକାନ ସାମ୍ନାରେ ଅଟକିଗଲା ସେ । ତା'ର ନଜର ପଡ଼ିଲା ଦୋକାନର ଥାକରେ ସଜ୍ଜା ହୋଇଛି ବିଭିନ୍ନ ହିନ୍ଦୁ ଦେବଦେବୀମାନଙ୍କର ମୂର୍ତ୍ତି, ତହିଁ ଭିତରେ ଝଟକୁଛି କେତୋଟି ଜଗନ୍ନାଥଙ୍କର ଏକକ ମୂର୍ତ୍ତି।

"ଏଇଟିକୁ ନେବି ଆନନ୍ଦ। ବୁଝ କେତେ ପଡ଼ିବ ?"

ଦୋକାନୀ ସହିତ ଦର ଠିକ୍ କଲା ଆନନ୍ଦ। ଛିଡ଼ିଲା ପାଞ୍ଚଶହ ଟଙ୍କାରେ। ସେଇଟା କିଣି ଖୁସି ହୋଇଗଲା ଜେନି। କଅଁଳା ପିଲାକୁ ମା' ନିଜ ଛାତିରେ ଜାକି ଧରିଲା ପରି ଜେନି ଧରିଲା ଜଗନ୍ନାଥଙ୍କ ମୂର୍ତ୍ତିଟିକୁ। କହିଲା-

"ଚାଲ ! ଶୀଘ୍ର ହୋଟେଲ୍‌କୁ ଫେରିଯିବା।"

## ॥ ଡେଭିଡ୍ ॥

ସେଦିନ ସନ୍ଧ୍ୟା ଉତ୍ତାରେ ଆନନ୍ଦକୁ ବିଦାୟ ଦେଇସାରି, ଖୁବ୍ ବେଶି ନିଛାଟିଆ ନ ଲାଗିଲେ ବି ଏକୁଟିଆ ଏକୁଟିଆ ଲାଗୁଥିଲା ଜେନିକୁ। ଡେଭିଡ୍ ତା'ପାଖରୁ ଦୂରେଇ ଗଲା ଦିନୁ, ଏମିତି ହିଁ ଲାଗୁଛି ନିରନ୍ତର । ମନେପଡୁଛି ତା' ସହିତ ହସଖୁସି,ଟେମସ୍ ନଦୀକୂଳରେ ଘଣ୍ଟା ଘଣ୍ଟା ଧରି ବୁଲିବା, ନୌକାବିହାରରେ ମଜାନେବା, ହୋଟେଲ୍ ବାର୍‌ରେ ସାଙ୍ଗ ହୋଇ ମଦ ପିଇବା, ପୁଣି ସାଙ୍ଗ ହୋଇ ଶୋଇ ପଡ଼ିବା।

ସେ ସବୁକଥା ଏଇନେ ସ୍ୱପ୍ନ, ଆକାଶର ଇନ୍ଦ୍ରଧନୁ ଭଳି। ତଥାପି ମନ ତଳେ ସାଇତା ହୋଇ ରହିଯାଇଛି ସେ ସବୁ, ଦୁର୍ଲଭ ଚିଜ ପରି ଝୁରି ହେବାକୁ । ସେଥିପାଇଁ ଅବକାଶ ଢେର୍ । ଜେନି ଜାଣିଛି ସେ ସବୁ ତା' ରୋଗଗ୍ରସ୍ତ ଦେହପାଇଁ କ୍ଷତିକାରକ। ତଥାପି ଶରୀର ସହିତ ତାଳଦେଇ ହାତଗୋଡ଼ ଅବଶ ହୋଇ ପଡ଼ି ରହିଲେ ବି ମନ, ଚେତନା ଓ ଆତ୍ମାକୁ କାମ ମିଳିଯାଉଛି।

ଅତୀତର ସେହି ଦୁର୍ଦ୍ଦିନ କଥା ମନେ ପଡୁଛି ଜେନିର। ଯେଉଁଦିନ ପରୀକ୍ଷା ନିରୀକ୍ଷାରୁ ଜଣାପଡ଼ିଲା ତା' ଦେହର ଏ ବେମାରୀ, ସେହିଦିନୁ ଡେଭିଡ୍ ମନରେ ଛାଡ଼ ଛାଡ଼ ଭାବ ଆସିଲା, ତାକୁ ନ ନେଇ ଏକୁଟିଆ ଏକୁଟିଆ ସେ ବୁଲି ବାହାରି ଗଲା। ଏଥି ସକାଶେ ରୀତିମତ ଝଗଡ଼ା ହେଲା ଦୁହିଁଙ୍କ ଭିତରେ। ଯୋଡ଼ି ହୋଇ ରହିଥିବା ମନ ଦୁଇଟି ଚିରି ଦୁଇଫାଳ ହୋଇଗଲା।

ସଂସାରରେ ସବୁ ପୁରୁଷଲୋକଗୁଡ଼ାକ ବୋଧହୁଏ ଏଇଆ। କମ୍ ଖାଆନ୍ତି ଆଉ କମ୍ ଭାବନ୍ତି। ବେଶି ବେଶି ଭାବିବାକୁ, ଝୁରି ହେବାକୁ, ଝରି ଯିବାକୁ ନାରୀର ଜନମ ହୋଇଛି ପରା !

ସେତେବେଳେ ଜେନି ଭାବିଲା, ଏମିତି କିଛି ପ୍ରାପ୍ତି ଅପ୍ରାପ୍ତିର ଘମାଘୋଟ ଆଉ ରହିଲା ନାହିଁ ତା' ଜୀବନରେ। ସଂସାର ସମୁଦ୍ରରେ ତା'ର ଜୀବନତରୀଟି କୂଳ ଛୁଇଁ ପାରିବ ନାହିଁ କେବେ। ସମୁଦ୍ର ମଝିରେ ଭାସୁଥିବା ଫୁଟା ଡଙ୍ଗାଟିଏ ସେ। ଝିରି ଝିରି ହୋଇ ପାଣି ପଶି ଆସୁଛି। କେଉଁ ମୁହୂର୍ତ୍ତରେ ବୁଡିଯିବ ସେଇଟା, ତାହା ତାକୁ ଜଣାନାହିଁ। କେବଳ ଅନ୍ତିମବେଳାକୁ ପ୍ରତୀକ୍ଷା।

କିନ୍ତୁ ଏବେ କେବଳ ପ୍ରତୀକ୍ଷା କାଳିଆକୁ, ତାହାପୁଣି ରଥ ଉପରୁ।

ତିନିବର୍ଷ ତଳେ ସେ ହେଲା ରୋଗାକ୍ରାନ୍ତ। ପହିଲେ ପହିଲେ ଅସ୍ୱାଭାବିକ ରକ୍ତସ୍ରାବ। ତା'ପରେ ଶୁଖି କଣ୍ଟା ହୋଇ ଆସିଲା ଦେହ। ହନୁହାଡ଼ ଉପରେ ଓ ଗାଲରେ ଗାଢ଼ ଲାଲ ରଙ୍ଗର ଜାଇମନ୍ଦା ଦେଖାଦେଲା, କ୍ରମେ କ୍ରମେ ତାହା କଳା ଦିଶିଲା। ଜେନି ଗଲା ଡାକ୍ତରଙ୍କ ପାଖକୁ, ସାଙ୍ଗରେ ବି ଥିଲା ଡେଭିଡ୍। ଡାକ୍ତର ସନ୍ଦେହ କଲେ ଜେନିର ସମସ୍ୟାକୁ ନେଇ। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଜଣାଗଲା ୟୁଟ୍ରସ୍ କେନ୍‌ସର।

ସେଦିନ ଆକାଶରୁ ଯେମିତି ତଳକୁ ଖସି ପଡ଼ିଲା ଜେନି। ମାନସିକ ଭାରସାମ୍ୟ ହରେଇ ବସିଲା। ଲୋକ ଯେତେ ଦମ୍ଭିଲା ହେଲେ ବି ଦୂରାରୋଗ୍ୟ ନିକଟରେ ସେ ଖୁବ୍ ଅସହାୟତା ଅନୁଭବ କରେ। ଭିତରେ ଭିତରେ ସଂପୂର୍ଣ୍ଣ ଭାଙ୍ଗି ଭୁଷୁଡ଼ି ପଡ଼େ। ମାନସିକ ବଳ ହରେଇ ହୋଇପଡ଼େ ଶକ୍ତିହୀନ।

ଏ କଥା ଜାଣି ଡେଭିଡ୍ ସେଦିନ ଅବଶ୍ୟ ଭାଙ୍ଗି ପଡ଼ିଲା । ମନ ଦୁଃଖ କଲା, କାନ୍ଦିଲା ବି । ତଥାପି ଜେନିକୁ ଆଶ୍ୱାସନା ଦେଲା - "ବ୍ୟସ୍ତ ହୁଅନାହିଁ ଜେନି। ଉପଯୁକ୍ତ ଚିକିତ୍ସାରେ ଭଲ ହୋଇଯିବ।"

ଉପଯୁକ୍ତ ଚିକିତ୍ସାରେ ହେଲା ହେଲା ନାହିଁ। କ୍ୟାନସର୍‌ର ଏକମାତ୍ର ଉତ୍ତମ ଚିକିତ୍ସା କେମୋ, କେମୋ ବି ଦିଆଗଲା। ବାହାରୁ ରକ୍ତ ଗ୍ରହଣ, ଔଷଧ ପତ୍ର ସେବନ, ଯାବତୀୟ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଓ କେମୋ ସତ୍ତ୍ୱେ ଜେନିର ରୋଗ ଭଲ ହେବା ପରିବର୍ତ୍ତେ ମନ୍ଥର ଗତିରେ ଆଗକୁ ଆଗକୁ ମାଡ଼ିଚାଲିଲା। ଦୁଇବର୍ଷ କାଳ ଉପଯୁକ୍ତ ଚିକିତ୍ସା ସତ୍ତ୍ୱେ ବି ଜେନି ଭଲ ହେଲାନାହିଁ। ଡାକ୍ତର ଶେଷବାଣୀ ଶୁଣେଇ ଦେଲେ- "ଆଉ କେମୋ ଦେଇହେବ ନାହିଁ। ଦେଲେ ତାହା ଘାତକ ସାବ୍ୟସ୍ତ ହେବ। ଯୁଆଡୁ ହେଲେ ବି ମୃତ୍ୟୁ ଅନିବାର୍ଯ୍ୟ, ବରଂ ଏମିତିରେ ସେ ଦୁଇ ତିନି ମାସ ବଞ୍ଚିଯାଇ ପାରିବେ।"

ନିୟତିର ଏହା ଯେପରି ଥିଲା ଏକ କ୍ରୂର ଉପହାସ ଜେନି ପ୍ରତି । ଅଦୃଷ୍ଟ ପାଖରେ ଅସହାୟ ହୋଇ ଯାଆନ୍ତି ସଭିଏଁ; ସେ ଡାକ୍ତର ହେଉ, ବୈଜ୍ଞାନିକ ଅଥବା ପ୍ରଫେଟ୍ କି ପାଦ୍ରୀ। ଆଉ କେଉଁଠିକି ଗଲାନାହିଁ କି ବାହାରକୁ ବାହାରିଲା ନାହିଁ ଜେନି। ନିର୍ଦ୍ଦିଷ୍ଟ କେତୋଟି ଔଷଧ ନିୟମିତ ସେବନ କରି ଚୁପଚାପ୍ ଘରେ ପଡ଼ି ରହିଲା। ଡାକ୍ତରଙ୍କ ଆଉ ଏକ ଉପଦେଶ ଯାହାକୁ ସେ ବାରମ୍ବାର ପାଳନ କରିବାକୁ ଚେଷ୍ଟା କରି ବି ବିଫଳ ହେଉଥିଲା। "ଅନ୍ତତଃ ତୁମେ ଯେତେଦିନ ବଞ୍ଚି ରହିଛ, ନିରନ୍ତର ସେଇ ଭାବନାରୁ ନିବୃତ୍ତ ରହିଲେ କଷ୍ଟ ଓ ଯନ୍ତ୍ରଣା ଢେର ପରିମାଣରେ ଲାଘବ ହେବ"। ଅଥଚ ଜେନି ତାଙ୍କର ସେ ମୂଲ୍ୟବାନ ଉପଦେଶକୁ ଆଦୌ ପାଳନ କରି ପାରୁନଥିଲା।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ସୂର୍ଯ୍ୟପୂଜାର ଅନନ୍ୟ ବିଧି ମାଘ ସପ୍ତମୀ

ଅଜୟ କୁମାର ବେହେରା



ସାରା ଭାରତବର୍ଷରେ ମାଘ ସପ୍ତମୀକୁ ଏକ ଧାର୍ମିକ ଦିନଭାବରେ ପାଳନ କରାଯାଏ। ଏହା ଏକ ପବିତ୍ର ଦିନ ହୋଇଥିବାରୁ ଏହି ଦିନରେ ବିଭିନ୍ନ ନଦୀତଟ, ସମୁଦ୍ରକୂଳ ଓ ଧାର୍ମିକ ପୀଠସ୍ଥଳୀ ଉତ୍ସବ ମୁଖର ହୋଇଯାଏ। ପ୍ରତିବର୍ଷ ମାଘ ମାସର ଶୁକ୍ଳପକ୍ଷ ସପ୍ତମୀ ତିଥିକୁ ମାଘ ସପ୍ତମୀ ରୂପେ ପାଳନ କରାଯାଏ। ଶାସ୍ତ୍ର ଅନୁସାରେ ଭଗବାନ ସୂର୍ଯ୍ୟଦେବତା ଏହି ଦିନରେ ସୌରଜଗତରେ ନିଜର ଅଲୌକିକତା ପ୍ରକାଶ କରିଥିଲେ, ଏଣୁ ଏହି ସପ୍ତମୀକୁ ମଧ୍ୟ ସୂର୍ଯ୍ୟ ଜୟନ୍ତୀ ରୂପରେ ପାଳନ କରାଯାଏ। ମାଘ ସପ୍ତମୀକୁ ବିଭିନ୍ନ ରାଜ୍ୟରେ ବିଭିନ୍ନ ନାମରେ ପାଳନ କରାଯାଏ। ଯଥା - ଅଚଳା ସପ୍ତମୀ, ସୂର୍ଯ୍ୟ ସପ୍ତମୀ, ରଥ ଆରୋଗ୍ୟ ସପ୍ତମୀ, ସୂର୍ଯ୍ୟ ରଥ ସପ୍ତମୀ, ପୁତ୍ର ସପ୍ତମୀ ଇତ୍ୟାଦି। ଯଦି ଏହି ସପ୍ତମୀ ରବିବାର ଦିନ ପଡୁଥାଏ ଏହାକୁ ଭାନୁ ସପ୍ତମୀ ନାମରେ ପାଳନ କରାଯାଏ।

**ହିନ୍ଦୁ ପରମ୍ପରାରେ ମାଘ ମାସକୁ ପୁଣ୍ୟମାସ ବୋଲି ମନାଯାଏ। ଏହି ମାସରେ ଶୁକ୍ଳପକ୍ଷ ଅମାବାସ୍ୟା, ପୂର୍ଣ୍ଣମୀ ଓ ସପ୍ତମୀ ତିଥିକୁ ଖୁବ୍ ପୂଣ୍ୟ ଓ ମହତ୍ତ୍ୱପୂର୍ଣ୍ଣ ଦିନ ଭାବରେ ପାଳନ କରାଯାଏ। ବର୍ଷକରେ ପଡୁଥିବା ସମସ୍ତ ସପ୍ତମୀ ମଧ୍ୟରେ ମାଘ ସପ୍ତମୀ ସର୍ବଶ୍ରେଷ୍ଠ ସପ୍ତମୀ। ଏହି ସପ୍ତମୀରେ ବ୍ରତ ରଖି ସୂର୍ଯ୍ୟ ଦେବତାଙ୍କୁ ଆରାଧନା କଲେ ସୌଭାଗ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ଅଛି।**

ମାଘ ସପ୍ତମୀ ମହତ୍ତ୍ୱ : ହିନ୍ଦୁ ପରମ୍ପରାରେ ମାଘ ମାସକୁ ପୁଣ୍ୟମାସ ବୋଲି ମନାଯାଏ। ଏହି ମାସରେ ଶୁକ୍ଳପକ୍ଷ ଅମାବାସ୍ୟା, ପୂର୍ଣ୍ଣମୀ ଓ ସପ୍ତମୀ ତିଥିକୁ ଖୁବ୍ ପୂଣ୍ୟ ଓ ମହତ୍ତ୍ୱପୂର୍ଣ୍ଣ ଦିନ ଭାବରେ ପାଳନ କରାଯାଏ। ବର୍ଷକରେ ପଡୁଥିବା ସମସ୍ତ ସପ୍ତମୀ ମଧ୍ୟରେ ମାଘ ସପ୍ତମୀ ସର୍ବଶ୍ରେଷ୍ଠ ସପ୍ତମୀ। ଏହି ସପ୍ତମୀରେ ବ୍ରତ ରଖି ସୂର୍ଯ୍ୟ ଦେବତାଙ୍କୁ ଆରାଧନା କଲେ ସୌଭାଗ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ଅଛି। ମାଘ ସପ୍ତମୀ ଦିନ ନିୟମ ଅନୁସାରେ ପ୍ରାତଃ କାଳରେ ସ୍ନାନ ଶୌଚାଦି କର୍ମ ସମାପନ ପରେ ସୂର୍ଯ୍ୟ ଦେବତାଙ୍କୁ ପୂଜା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ଲୋକ ବିଶ୍ୱାସ ରହିଛି। ଏହି ତିଥିରେ ପ୍ରାତଃ କାଳରେ ପୂର୍ବ ଦିଗକୁ ମୁହଁ କରି ଉଦୟ ସୂର୍ଯ୍ୟଙ୍କୁ ଜଳଦାନ କରିବାର ନିୟମ ରହିଛି। ଭାରତର ବିଭିନ୍ନ ପ୍ରାନ୍ତରେ ଏହି ପୂଜା କରାଯାଉଥିଲେ ମଧ୍ୟ ପ୍ରୟାଗର ସଂଗମ ସ୍ଥଳରେ ସ୍ନାନ କଲେ ପୁଣ୍ୟଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ। ଏଠାରେ ସ୍ନାନ କରି ଅର୍ଘ୍ୟଦାନ କଲେ ଆୟୁ, ଆରୋଗ୍ୟ ଓ ସଂପତ୍ତି ବୃଦ୍ଧି ହୋଇଥାଏ।

ମାଘ ସପ୍ତମୀ ଲୋକକଥା : ଲୋକକଥା ଅନୁସାରେ ଜଣେ ବୈଶ୍ୟଥିଲେ ଯିଏକି ତାଙ୍କ ଜୀବନ କାଳ ମଧ୍ୟରେ କୌଣସି ଦାନ ପୁଣ୍ୟ କରିନଥିଲେ। ଯେତେବେଳେ ତାଙ୍କର ବାର୍ଦ୍ଧକ୍ୟ ଉପନୀତ ହେଲା ସେହି ସମୟରେ ସେ ଏକ ବିଶିଷ୍ଟ ମୁନୀଙ୍କ ପାଖକୁ ଗଲେ ଓ ମୋକ୍ଷ ପ୍ରାପ୍ତିର ମାର୍ଗ ବିଷୟରେ ଜାଣିବାକୁ ଚାହିଁଲେ। ମୁନୀ ତାଙ୍କୁ ମୁକ୍ତିର ମାର୍ଗ ପାଇଁ ଉପଦେଶ ଦେଇ କହିଲେ ଯେ ମାଘ ମାସର ଶୁକ୍ଳ ସପ୍ତମୀ ହେଉଛି ଅଚଳା ସପ୍ତମୀ। ଏହି ଦିନ ସୂର୍ଯ୍ୟ ଦେବତାଙ୍କୁ ଧ୍ୟାନ କରି ସ୍ନାନ ପରେ ଦୀପ ଦାନ କଲେ ପୁଣ୍ୟ ପ୍ରାପ୍ତି ହେବ। ମୁନୀ ଦେଇଥିବା ଉପଦେଶ ଅନୁସାରେ ବୈଶ୍ୟ ମାଘ ସପ୍ତମୀ ବ୍ରତ ପାଳନ କଲେ ଏବଂ ଏହାର ପୁଣ୍ୟ ଫଳରେ ମୃତ୍ୟୁଲୋକରୁ ଯାଇ ଇନ୍ଦ୍ରଲୋକରେ ସାମିଲ ହେଲେ।


ମାଘ ସପ୍ତମୀ ବ୍ରତ ପାଳନ ବିଧି : ମାଘ ମାସର ଶୁକ୍ଳ ସପ୍ତମୀ ତିଥି ଦିନ କୌଣସି ପବିତ୍ର ନଦୀ କିମ୍ବା ଜଳାଶୟରେ ସ୍ନାନ କରି ସୂର୍ଯ୍ୟଙ୍କୁ ଦୀପ ଦାନ କଲେ ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ। ଏହି ଦିନରେ ସୂର୍ଯ୍ୟଙ୍କୁ ଉପାସନା କରିବା ପାଇଁ ବିଧି ଥିଲେ ମଧ୍ୟ ମିଠା କି ଫଳ ଆହାର କରାଯାଇ ବ୍ରତ ରଖାଯାଇ ପାରିବ। ଭୋଜନରେ ସଂପୂର୍ଣ୍ଣ ଲୁଣ ତ୍ୟାଗ କରା ଯିବାର ବିଧି ରହିଛି। ଏହିଭଳି ଭାବରେ ସୂର୍ଯ୍ୟଙ୍କୁ ଉପାସନା କଲେ ସୂର୍ଯ୍ୟ ଦେବତା ପ୍ରସନ୍ନ ହୁଅନ୍ତି।

ଓଡ଼ିଶାର ମାଘ ସପ୍ତମୀ : ସୂର୍ଯ୍ୟଙ୍କୁ ଉପାସନା କରିବାର ସବୁଠୁ ପବିତ୍ର ଦିନ ମାଘ ସପ୍ତମୀ। ଏହି ଦିନ କୋଣାର୍କର ବେଳାଭୂମିରେ ବୁଡ଼ ପକାଇ ସୂର୍ଯ୍ୟଙ୍କୁ ଉପାସନା କରାଯାଏ। ଏଠାରେ ନିର୍ମିତ କୋଣାର୍କ ସୂର୍ଯ୍ୟ ମନ୍ଦିର ସୂର୍ଯ୍ୟ ଦେବତାଙ୍କୁ ସମର୍ପିତ। ଯାହା ଇତିହାସରେ କୃଷ୍ଣ ପାଗୋଡ଼ା ନାମରେ ପରିଚିତ। ମାଘ ସପ୍ତମୀ ଓଡ଼ିଶାର ଏକ ପ୍ରମୁଖ ପର୍ବ। ଏହି ପର୍ବରେ ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଭକ୍ତମାନେ ଏକତ୍ରିତ ହୋଇଥାନ୍ତି। ଏହାଛଡ଼ା ବିଦେଶରୁ ମଧ୍ୟ ଅନେକ ପର୍ଯ୍ୟଟକ ଏମିତି ମନୋରମ ଉତ୍ସବର ଆନନ୍ଦ ନେବା ପାଇଁ କୋଣାର୍କକୁ ଆସିଥାନ୍ତି। ଏହି ଦିନରେ ଭକ୍ତମାନେ ସ୍ନାନ ପୂର୍ବକ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ ଓ ପ୍ରଣାମ କରିଥାନ୍ତି। ଅତୀତରେ ଏହି ମାଘ ସପ୍ତମୀ ଦିନରେ ମୁନୀ ଋଷି, ସାଧୁ ସନ୍ଥମାନେ ଚନ୍ଦ୍ରଭାଗାରେ ସ୍ନାନ କରି ଖଣ୍ଡଗିରିରେ ଏକତ୍ରିତ ହୁଅନ୍ତି। ଧାର୍ମିକ ମନୋଭାବ ନେଇ ଏଠାରେ ଆରମ୍ଭ ହୁଏ ଖଣ୍ଡଗିରି ମେଳା। ଏହି ମେଳା ସାତଦିନ ଧରି ଚାଲେ। ଯଦିଓ ଆଜିବି ଖଣ୍ଡଗିରି ମେଳା ମାଘ ସପ୍ତମୀ ଠାରୁ ଆରମ୍ଭ ହେଉଛି ଆଉ ସେ ପୁରୁଣା ପରମ୍ପରା ଦେଖିବାକୁ ମିଳେ ନାହିଁ। ଏହି ମେଳା ଏବେ ଏକ ବାଣିଜ୍ୟିକ ମେଳାରେ ପରିଣତ ହୋଇଯାଇଛି। ଆଉ ଆଗଭଳି ମୁନୀ ଋଷି, ସାଧୁ ସନ୍ଥମାନଙ୍କର ସମାଗମ ହେଉଥିବାର ଦେଖାଯାଏ ନାହିଁ। ଭାରତର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଏହି ମେଳାକୁ ତାଙ୍କର ବ୍ୟବସାୟର ଉପଯୁକ୍ତ ପେଣ୍ଠସ୍ଥଳ ଭାବରେ ବିବେଚନା କରୁଛନ୍ତି। ବିଭିନ୍ନ ଅପେରା ଦଳ ତାଙ୍କର ରଙ୍ଗ ବେରଙ୍ଗର ଆଲୋକମାଳାରେ ମେଳାକୁ ଅଧିକ ଉତ୍ସବମୁଖର କରୁଛନ୍ତି।

♥ ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

# ଧୂଳିକଣାରେ ରୁନ୍ଧି ହେଉଛି ସହର

ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)



ସହରୀ ସଭ୍ୟତାର ଅଭିବୃଦ୍ଧି ସହ ତାଳ ଦେଇ ବଢୁଛି ବାୟୁ ପ୍ରଦୂଷଣ। ବହୁ ସଂଖ୍ୟାରେ ଦୁଇ ଚକିଆ ଓ ଚାରିଚକିଆ ଯାନ ଚଳାଚଳ ଏହାର ପ୍ରମୁଖ କାରଣ ପାଲଟିଛି। ସହରର ବାୟୁରେ ବର୍ଦ୍ଧିତ ଧୂଳିକଣାର ପରିମାଣ ଜନଜୀବନକୁ କ୍ଷତି ପହଞ୍ଚାଉଛି। ଏହାର ପ୍ରଭାବରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହେଉଛି। ଏବେଠୁ ନିରାକରଣ ବ୍ୟବସ୍ଥା ଗ୍ରହଣ ନକଲେ ଆଗାମୀ ଦିନରେ ଏସବୁର ମାତ୍ରା ଯେ ତୀବ୍ର ରୂପ ଧାରଣ କରିବ ସେନେଇ ଆଶଙ୍କା ପ୍ରକାଶ ପାଇଲାଣି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ କଟକ ସହରର ତିନି ସ୍ଥାନରେ ବାୟୁ ପ୍ରଦୂଷଣକୁ ମାପିବା ପାଇଁ ଯନ୍ତ୍ର ସ୍ଥାପନ କରାଯାଇଛି। ଏହାଦ୍ୱାରା ବାୟୁରେ ଥିବା ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ ଶ୍ୱାସକ୍ରିୟାରେ ନେଇ ହେଉଥିବା ୧୦ ମାଇକ୍ରୋନରୁ କମ୍ ଓ ୨.୫ ମାଇକ୍ରୋନ୍‌ରୁ କମ୍ ଆକାର ବିଶିଷ୍ଟ ଧୂଳିକଣାର ପରିମାଣକୁ ପରୀକ୍ଷା କରାଯାଉଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସୁପାରିସ ଅନୁସାରେ ପ୍ରତି ଘନମିଟର ବାୟୁରେ ମାଇକ୍ରୋଗ୍ରାମ ଏକକରେ ଦୈନିକ ହାରାହାରି ସଲଫର ଡାଇଅକ୍ସାଇଡର ମାତ୍ରା ୮୦, ନାଇଟ୍ରୋଜେନ ଡାଇଅକ୍ସାଇଡର ମାତ୍ର ୧୦, ୧୦ ମାଇକ୍ରୋନରୁ କମ୍ ଆକାର ଧୂଳିକଣାର ମାତ୍ରା ୧୦୦ ଓ ୨.୫ ମାଇକ୍ରୋନରୁ କମ୍ ଆକାର ଧୂଳିକଣାର ମାତ୍ରା ୬୦ ରହିଲେ କ୍ଷତିକାରକ ନୁହେଁ। ମାତ୍ର ୨୦୨୪-୨୫ରେ ରାଜ୍ୟ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ପ୍ରସ୍ତୁତ ବାର୍ଷିକ ରିପୋର୍ଟ ଅନୁସାରେ ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରୋନ୍‌ରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ବାଦାମବାଡ଼ି ଠାରେ ୧୯୨, ସୂର୍ଯ୍ୟବିହାର ଠାରେ ୧୬୧ ଓ ବାରବାଟୀ ଷ୍ଟାଡିୟମ ଠାରେ ୩୪୪ ରହିଥିଲା। କଟକରେ ଅନ୍ୟ ଉପାଦାନଗୁଡ଼ିକ ନିରାପଦ ପରିମାଣରେ ଥିବାବେଳେ ଧୂଳିକଣାର ହାରାହାରି ମାତ୍ରା ୨ଗୁଣରୁ ୩ଗୁଣ ବିପଦରେ ରହିଛି। ଭୁବନେଶ୍ୱର ସହରରେ ୫ଟି ସ୍ଥାନରେ ଲାଗିଥିବା ବାୟୁ ପ୍ରଦୂଷଣ ମାପ ଯନ୍ତ୍ରଗୁଡ଼ିକରୁ ମିଳିଥିବା ତଥ୍ୟରୁ ପ୍ରଦୂଷଣ ମାତ୍ର କେତେକ ସ୍ଥାନରେ କଟକ ଠାରୁ କମ୍ ଥିବାବେଳେ କେତେକ ସ୍ଥାନରେ ଅଧିକ ଥିବା ଜଣାଯାଇଛି। ଭୁବନେଶ୍ୱରର ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରୋନରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ୟୁନିଟ-୮ରେ ୧୬୨, ନୟାପଲ୍ଲୀ ଆଇଆରସି ଭିଲେଜ ଠାରେ ୧୨୮, ୟୁନିଟ-୧ରେ ୧୬୧, ପଳାଶୁଣିଠାରେ ୧୨୫, ପାତ୍ରପଡ଼ା ଠାରେ ୧୪୬ ଏବଂ ୨.୫ ମାଇକ୍ରୋନ ଧୂଳିକଣାର ହାରାହାରି ପରିମାଣ ୟୁନିଟ-୮ରେ ୮୭, ନୟାପଲ୍ଲୀ ଆଇଆରସି ଭିଲେଜ ଠାରେ ୮୨, ୟୁନିଟ-୧ରେ ୯୯, ପଳାଶୁଣି ଠାରେ ୭୫, ପାତ୍ରପଡାଠାରେ ୮୩ ରହିଛି। ଉଲ୍ଲେଖଯୋଗ୍ୟ ଯେ ୟୁନିଟ-୮ ଠାରେ ୯୧ ଦିନ, ନୟାପଲ୍ଲୀ ଆଇଆରସି ଭିଲେଜ ଠାରେ ୯୩ ଦିନ, ୟୁନିଟ-୧ରେ ୯୨ ଦିନ, ପଳାଶୁଣି ଠାରେ ୭୮ ଦିନ, ପାତ୍ରପଡାଠାରେ ୮୬ ଦିନ ତଥ୍ୟ ସଂଗ୍ରହ କରାଯାଇଥିଲା।

ପରିବେଶ ବିଜ୍ଞାନୀଙ୍କ କହିବା ଅନୁଯାୟୀ ସହରରେ ବହୁସଂଖ୍ୟକ ଗାଡ଼ିରୁ ନିର୍ଗତ ଧୂଆଁ, ସେଗୁଡ଼ିକର ଚଳାଚଳ ଯୋଗୁଁ ରହୁଥିବା ଧୂଳି, ଖୋଲାଯାନରେ ମାଲ ପରିବହନ, ନିର୍ମାଣ ସାମଗ୍ରୀ ବିକ୍ଷିପ୍ତ ଭାବେ ପକାଇବା ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ଡ୍ରେନରୁ ବାହାର କରାଯାଉଥିବା ଆବର୍ଜନାଗୁଡ଼ିକ ଶୁଖାଇବା ପାଇଁ ଦୀର୍ଘ ଦିନ ଧରି ରାସ୍ତା ପାର୍ଶ୍ୱରେ ପକାଇ ରଖାଯାଉଥିବା କାରଣରୁ ଧୂଳିକଣା ବାୟୁରେ ମିଶୁଛି। ଏଭଳି ପରିସ୍ଥିତି ନେଭେମ୍ବରରୁ ମେ ଯାଏ ଅଧିକ ହୋଇଥାଏ। ଏସବୁ ପ୍ରତି ଜନସାଧାରଣଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ଯାଏ ସମସ୍ତେ ସଚେତନ ହେଲେ ପ୍ରଦୂଷଣକୁ କେତେକାଂଶରେ ରୋକାଯାଇପାରିବ। ଡାକ୍ତର ମାନଙ୍କ କହିବା ଅନୁଯାୟୀ ବାୟୁ ମଣ୍ଡଳରେ ଧୂଳିକଣାର ପରିମାଣ ବୃଦ୍ଧି ଘଟିଲେ ମଣିଷ ଶ୍ୱାସକ୍ରିୟାରେ ସେଗୁଡ଼ିକୁ ଗ୍ରହଣ କରିବ। ଏହାଦ୍ୱାରା ମୁଣ୍ଡବିନ୍ଧା, ଟିବି, ଆଜମା ଆଦି ଶ୍ୱାସଜନିତ ରୋଗ ହେବା ସହ ଶିଡ଼ି ଚଢ଼ିବା ବେଳେ ଧଇଁସଇଁ ହେବା ଭଳି ଅନେକ ପ୍ରକାର ରୋଗରେ ସହରୀ ଲୋକ ପୀଡ଼ିତ ହେଉଛନ୍ତି।

ପ୍ରଦୂଷଣ ନିୟନ୍ତ୍ରଣ ବାହାନାରେ ସାଧାରଣ ଜନତାଙ୍କ ଉପରେ ବିଭିନ୍ନ ବାଟରେ ସରକାର ଜରିମାନା ଲଗାଉଥିବାବେଳେ ସରକାରୀ ପରିବେଶ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ବାୟୁ ପ୍ରଦୂଷଣ ପାଇଁ ଯାନବାହାନ ଉପରେ ପ୍ରଦୂଷଣ ପ୍ରମାଣପତ୍ର ଆଳରେ ଜୋରିମାନା ଲାଗୁହେଉଛି କିନ୍ତୁ ରାସ୍ତାରେ କେଉଁଠି ବହଳ ବହଳ ଧୂଳି ତ କେଉଁଠି ଆବର୍ଜନା ଗଦା ଗଦା ହୋଇ ସ୍ଥାନୀୟ ପରିବେଶକୁ ବିଷାକ୍ତ କରିଦେଉଛି। ଏ ବାବଦ ଯେଉଁ କ୍ଷତି ହେଉଛି ଏଥି ନିମିତ୍ତ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ଦୁର୍ଘଟଣାରେ ମଧ୍ୟ ଧନ ଜୀବନ ହାନି ଘଟୁଛି। ଏ କ୍ଷତି ପୂରଣ ସରକାର ଭରଣା କରିବା କଥା। ଏହା ବେଶ ଭଲ ଭାବେ ସମସ୍ତଙ୍କୁ ଜଣା ଯେ ହଜାର ବର୍ଷର କଟକ ସହରର ବାୟୁ ମଣ୍ଡଳର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଗତ କିଛିଦିନ ତଳେ କଟକ ସିଡିଏ ସ୍ଥିତ ଆମ ଘରକୁ ଯାଇଥିବାବେଳେ କୁହୁଡ଼ିର ଆଚ୍ଛନ୍ନ ପରିବେଶ ଫର୍ଚ୍ଚା ହେଲାବେଳକୁ ଦିନ ୧୨ଟା ପରେ। ଇଆଡ଼େ ସହରର ବାୟୁମଣ୍ଡଳରେ ଧୂଳି, ବାଲି ଓ ସୂକ୍ଷ୍ମକଣିକାର ମାତ୍ରା ବଢ଼ି ଚାଲିଥିବାରୁ ବାୟୁର ଗୁଣାତ୍ମକମାନ ବିଗିଡ଼ିଛି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସହରର ବାୟୁମଣ୍ଡଳର ଏକ୍ୟୁଆଇ ୧୮୦ରୁ ଆରମ୍ଭ କରି ୩୦୦ ପର୍ଯ୍ୟନ୍ତ ରହୁଛି ଯାହାକି ଆମ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଘାତକ। କଟକ ସହରର ଜନସଂଖ୍ୟା ଦଶ ଲକ୍ଷରୁ ଅଧିକ। ସହରର ବାୟୁ ପ୍ରଦୂଷଣର କାରଣ ମୁଖ୍ୟତଃ ପ୍ରଶାସନ କୃତ କହିଲେ ଅତ୍ୟୁକ୍ତି ହେବନାହିଁ। ଜନସଂଖ୍ୟା ବଢ଼ିବା ସହ ଗାଡ଼ି ମଟର ମଧ୍ୟ ବଢୁଛି। ଯାନବାହାନ ଜନିତ ପ୍ରଦୂଷଣ ତ ହେଉଛି ତା' ସହିତ ସବୁଜ ବଳୟ ହ୍ରାସ ପାଉଛି। ବିଭିନ୍ନ ଘର ନିର୍ମାଣ ଓ ଘର ଭଙ୍ଗାର ଆବର୍ଜନା ଖୋଲାମେଲାରେ ରହୁଥିବାରୁ ବିଷାକ୍ତ ବାଷ୍ପ ନିର୍ଗତ ହେଉଛି। ଏସବୁ ବାୟୁ ମଣ୍ଡଳରେ ସୂକ୍ଷ୍ମକଣିକା ଯାହାକୁ ନାନୋ ପାର୍ଟିକିଲ ବା ଅଲଟ୍ରା ଫାଇନ ପାର୍ଟିକିଲ ବୃଦ୍ଧିରେ ସହାୟକ ହୋଇ ପ୍ରାଣୀଜଗତ ପ୍ରତି ବିପଦ ସୃଷ୍ଟି କରୁଛି। କଟକ ସହରରେ ଏବେ ବି ବାଲି, ମାଟି, କଠିନ ଆବର୍ଜନା ଖୋଲାରେ ପରିବହନ ହେଉଛି। ବିନା ପରିଶୋଧନରେ ତରଳ ଆବର୍ଜନା ଜଳାଶୟକୁ ଛଡ଼ା ଯାଉଛି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି ଘରର ଆବର୍ଜନା ଅଳିଆ ଗାଡ଼ିକୁ ନିଶ୍ଚିନ୍ତ ଭାବରେ ଦେବା, ନିଜ ପରିବେଶ ଓ ଘରର ଚର୍ତୁପାର୍ଶ୍ୱକୁ ସଫା ସୁତୁରା ରଖିବା, ଖୋଲା ପାଣିର ଅପଚୟ କରିବା ନାହିଁ ଏବଂ ପରିବେଶ ପାଇଁ ପ୍ରଶାସନ ମଧ୍ୟ ଠିକ ଢ଼ଙ୍ଗରେ କାର୍ଯ୍ୟ କରିବା ସହିତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଏନଜିଓ ତଥା ଅନୁଷ୍ଠାନ ମାନଙ୍କୁ ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବା ମଧ୍ୟ ଜରୁରୀ।

♥ ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ମଧୁରୋକ୍ତି...( ୧୫ )

♥ ମଧୁସ୍ମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ବଡ ବଡ ଗଛର ଗଣ୍ଡି, ପଥର, ପାହାଡ ଖଣ୍ଡ ସବୁ ବୋହି ନେଇ ଯିଏ ଯେତେ ପାରିଲେ ସହଯୋଗ କରି ଚାଲିଲେ ସେତୁବନ୍ଧ ତିଆରି କରିବା ପାଇଁ। ଶେଷରେ ଅସମ୍ଭବ କାର୍ଯ୍ୟ ସମ୍ଭବ ହେଲା। ସମୁଦ୍ରକୁ ବାନ୍ଧି ଦିଆଗଲା।କିନ୍ତୁ ତା ପରେ ସେହି ସେତୁବନ୍ଧ ପ୍ରତିଷ୍ଠା କରିବା ସମୟ ଆସି ଉପନୀତ ହେଲା। ସେତେବେଳେ ତୁମେ ଆବାହନ କରିଥିଲ ଲଙ୍କାପତି ରାବଣକୁ। ସେ ଥିଲା ବେଦଜ୍ଞ ବ୍ରାହ୍ମଣ। ପୁରାଣ କଥା ଅନୁସାରେ ସେତୁବନ୍ଧର ପ୍ରତିଷ୍ଠା ପାଇଁ ତୁମେ ସସ୍ତ୍ରିକ ହୋମ ଯଜ୍ଞ କରିବା ଆବଶ୍ୟକ ବୋଲି ସେ ନିଜେ ପୁଷ୍ପକ ବିମାନରେ ମାତା ସୀତାଙ୍କୁ ନେଇ ଆସିଥିଲା। କିନ୍ତୁ ସର୍ତ୍ତ ରଖିଥିଲା ଯେ ଯୁଦ୍ଧ ପୂର୍ବରୁ ତୁମେ ଯେପରି ସୀତାଙ୍କର ମୁଖ ମଧ ଦର୍ଶନ କରିବେ ନାହିଁ। ସେହି ସର୍ତ୍ତ ଅନୁସାରେ ବିଧିବଦ୍ଧ ଭାବରେ ସେତୁବନ୍ଧ ପ୍ରତିଷ୍ଠା ହୋଇଥିଲା। ଅନ୍ୟ ଏକ କଥା ଅନୁସାରେ ରାବଣ କେବଳ ଏକାକୀ ଆସି ସେତୁ ପ୍ରତିଷ୍ଠା କରି ଚାଲି ଯାଇଥିଲା।

ବିଜୟ ପ୍ରାପ୍ତି କରିବା ପାଇଁ ଶକ୍ତି ସ୍ୱରୂପା ଭବାନୀଙ୍କର ପୂଜା କରି ତାଙ୍କୁ ପ୍ରସନ୍ନ କରିବା ପାଇଁ ମନସ୍ଥ କଲ। ମା'ଙ୍କ ପୂଜା ପାଇଁ ଏକଶତ ଆଠ ହୋଇ ନୀଳ ପଦ୍ମ ଆଣିବାକୁ ତୁମେ ମହାବଳୀ ହନୁମାନଙ୍କୁ ପଠେଇ ଥିଲ। ସେ ମଧ ଗଣି ଗଣି ନୀଳପଦ୍ମ ସବୁ ତୋଳି ଆଣି ଦେଇଥିଲେ।ତା ପରଦିନ ବ୍ରହ୍ମ ମୁହୂର୍ତ୍ତରେ ପୂଜା କରି ମା'ଙ୍କୁ ପଦ୍ମ ଅର୍ପଣ କରିବା ସମୟରେ ତୁମେ ଲକ୍ଷ୍ୟ କରିଥିଲ ଯେ ଗୋଟିଏ ନୀଳପଦ୍ମ କମ୍ ଥିଲା। ପୂଜାରେ ବିଳମ୍ବ କିମ୍ବା ବ୍ୟାଘାତ କରିବା ସମ୍ଭବ ନଥିଲା। କିନ୍ତୁ ଏପରି ଏକ ଅନିଚ୍ଛାକୃତ ତ୍ରୁଟି ପାଇଁ ତୁମ ପାଖରେ କୌଣସି ବିକଳ୍ପ ନଥିଲା। ଶେଷରେ ତୁମେ ଚିନ୍ତା କରିଥିଲ ଯେହେତୁ ତୁମେ ନିଜେ ରାଜୀବଲୋଚନ...ଭକ୍ତମାନେ ତୁମ ଚକ୍ଷୁ ଯୁଗଳଙ୍କୁ ପଦ୍ମ ସହିତ ସର୍ବଦା ତୁଳନା କରି ଆସୁଥିଲେ...ତୁମେ ଚିନ୍ତା କଲ ଯେ ଏହି କମ୍ ଥିବା ପଦ୍ମର ବିକଳ୍ପ ପାଇଁ ନିଜର ଚକ୍ଷୁକୁ ଉତ୍ପାଟନ କରି ଅର୍ପଣ କରିବ।

କାଳ ବିଳମ୍ବ ନକରି ତୁମେ ନିଜର ଧନୁଶର ବାହାର କରି ନିଜର ଚକ୍ଷୁ ବାହାର କରି ମା'ଙ୍କ ପାଦତଳେ ସମର୍ପି ଦେବାକୁ ଉଦ୍ୟତ ହେଲା ବେଳେ ନିଜେ ମା ଶକ୍ତି ସ୍ୱରୂପା ଭବାନୀ ଆସି ତୁମକୁ ଏପରି କରିବାରୁ କ୍ଷାନ୍ତ କରିଥିଲେ । ନିଶ୍ଚିତ ବିଜୟର ଆଶୀର୍ବାଦ ଦେଇଥିଲେ ମା ଭବାନୀ। ଧର୍ମ ସ୍ଥାପନା ପାଇଁ ତୁମର ଏ ଅଭିଯାନ ଯୁଗ ଯୁଗ ପାଇଁ ଏକ କିର୍ତ୍ତିସ୍ତମ୍ଭ ନିର୍ମାଣ କରିବ ବୋଲି ଶୁଭାଶିଷ ଗ୍ରହଣ କରି ତାଙ୍କ ପରାମର୍ଶ କ୍ରମେ ମହାଦେବଙ୍କୁ ପୂଜା କରିବା ପାଇଁ ଆଗେଇ ଥିଲ। ରାବଣ ଶ୍ରେଷ୍ଠ ଶିବଭକ୍ତ ଥିଲା। ତେଣୁ ତାକୁ ପରାସ୍ତ କରିବାକୁ ଯିବା ସମୟରେ ମହାଦେବଙ୍କ ଆଶିଷ ଅତ୍ୟନ୍ତ ପ୍ରୟୋଜନ ଥିଲା।

ମହାଦେବଙ୍କୁ ପୂଜା କରିବା ପାଇଁ ସମୁଦ୍ର ବାଲିରେ ତୁମେ ଏକ ବାଲୁକା ଶିବଲିଙ୍ଗ ସ୍ଥାପନ କରିଥିଲ। ଆଉ ସେଠାରେ ତୁମ ଆଗ୍ରହ ଅନୁସାରେ ଶିବଙ୍କର ଜ୍ୟୋତି ସ୍ୱରୂପ ଆସି ଅବସ୍ଥାନ କରିବା ପରେ ତୁମର ନାମ ଅନୁସାରେ ତାହା ରାମେଶ୍ୱର ଜ୍ୟୋତିର୍ଲିଙ୍ଗ ହିସାବରେ ଜଗତ ବିଖ୍ୟାତ ହେଲା। ଶିବ ଏବଂ ବିଷ୍ଣୁ ଏକ ତଥା ଅଭିନ୍ନ। କିନ୍ତୁ ଲୋକାଚାର ଅନୁସାରେ ଭିନ୍ନ ସ୍ୱରୁପରେ ପୂଜା ପାଉ ଥିବାରୁ ଏଥର ମଧ ମହାଦେବ ତୁମ ପୂଜାରେ ସନ୍ତୁଷ୍ଟ ହେବା ଜଣେଇ ଦେଇଥିଲେ। ରାବଣ ତାଙ୍କ ଭକ୍ତ ହୋଇଥିଲେ ମଧ ସେ ସୀତା ହରଣ ପରି ଘୃଣ୍ୟ କାର୍ଯ୍ୟ କରିବା ପରେ ମହାଦେବଙ୍କ କୃପାରୁ ବଞ୍ଚିତ ହୋଇଥିଲା। ରାବଣ ଏପରି ଏକ ଭକ୍ତ ଥିଲା ଯେ କି ନିଜ ଭକ୍ତିରେ ମହାଦେବଙ୍କୁ ପ୍ରସନ୍ନ କରିବା ପରେ ତାଙ୍କୁ ନିଜ ସହ ଲଙ୍କାକୁ ନେଇ ଯିବାର ମିନତି କରି ସେଥିରେ ସଫଳ ହୋଇଥିଲା। ଅବଶ୍ୟ ମହାଦେବ ତାକୁ କହିଥିଲେ ଯେ ସେ ଯେଉଁ ସ୍ୱୟଂଭୂ ଲିଙ୍ଗ ସ୍ୱରୁପରେ ଯିବେ ସେତେବେଳେ ସେ ଯେମିତି ତାଙ୍କୁ କେଉଁଠି ମଧ ରଖିବ ନାହିଁ। ଯେଉଁଠି ତାଙ୍କ ଲିଙ୍ଗ ରଖି ଦିଆଯିବ ସେହି ସ୍ଥାନରେ ହିଁ ପ୍ରଭୁ ଅଟକି ଯିବେ।

କୈଳାସରେ ହାହାକାର ପଡ଼ିଗଲା। ଏହା କିପରି ସମ୍ଭବ ହୋଇ ପାରିବ ଯେ ନିଜେ ମହାଦେବ ହିଁ କୈଳାସ ପର୍ବତ ତ୍ୟାଗ କରି ସବୁଦିନ ପାଇଁ ଯାଇ ଲଙ୍କାରେ ବାସ କରିବେ...!! କିଛି ଉପାୟ କରି ଏହି ପରିସ୍ଥିତିକୁ ସମ୍ଭାଳି ନେବା ପାଇଁ ତୁମରି ବିଷ୍ଣୁ ସ୍ୱରୁପକୁ ସମସ୍ତେ ନିବେଦନ କଲେ। ତୁମର ପରାମର୍ଶ କ୍ରମେ ନିଜେ ଗଜାନନ ଏକ ବାଳକ ରୂପ ନେଇ କମଣ୍ଡଳୁରେ ସମ୍ପୂର୍ଣ୍ଣ ଜଳାଶୟର ଜଳ ଭରି ଦେଇ ରାବଣ ନିକଟକୁ ଗଲେ। ପ୍ରଖର ସୂର୍ଯ୍ୟତାପରେ ତୃଷାର୍ତ୍ତ ରାବଣ ଜଳ ପିଇ ସାରିବା ପରେ ପ୍ରକୃତିର ଡାକରାରେ ବାଧ ହୋଇ ସେହି ବାଳକଙ୍କୁ ସ୍ୱୟଂଭୂ ଲିଙ୍ଗ ସମର୍ପି ଦେଇ ଲଘୁଶଙ୍କା ପାଇଁ ଚାଲିଗଲା। ସମୟ ଅତିବାହିତ ହେବା ସହିତ ବିଘ୍ନ ବିନାଶକ ସେହି ଶିବ ଲିଙ୍ଗଙ୍କୁ ସେହି ସ୍ଥାନରେ ସ୍ଥାପନା କରି ଦେଇଥିଲେ। ସେହି ଜ୍ୟୋତିର୍ଲିଙ୍ଗ ସେଇଠି ଭୂମି ଭିତରକୁ ସମାହିତ ହୋଇ ଯାଇଥିଲା। ରାବଣ କ୍ରୋଧିତ ହୋଇ ସେହି ବାଳକ ରୂପୀ ଗଣେଶଙ୍କ ମୁଣ୍ଡ ଉପରେ ଚାପ ଦେଇଥିଲେ ଯାହା ଆଜି ମଧ ସେଠାରେ ଅବସ୍ଥିତ ମୂର୍ତ୍ତିରେ ଦେଖିବାକୁ ମିଳେ। ରାବଣ ଭକ୍ତିର ପରାକାଷ୍ଠା ଏମିତି ଅନେକ ଦୃଷ୍ଟାନ୍ତରୁ ଦେଖିବାକୁ ମିଳେ। ଆଉ ସେଥିପାଇଁ ରାବଣକୁ ହରେଇବାକୁ ହେଲେ ମହାଦେବଙ୍କ କୃପା ପ୍ରାପ୍ତି ନିତାନ୍ତ ଆବଶ୍ୟକ ଥିଲା। ସୀତା ହରଣ କରିବା ପରେ ମହାଦେବ ନିଜେ ତା ଉପରେ ରୁଷ୍ଟ ହୋଇ ଯାଇଥିଲେ। ଏଣୁ ଧର୍ମ ମାର୍ଗରେ ଚାଲୁଥିବା ନିଜ ଆରାଧ ଯେତେବେଳେ ତାଙ୍କୁ ଆରାଧନା କଲେ ସେ ମଧ ନିଜର ସମ୍ପୂର୍ଣ୍ଣ ସହଯୋଗ ଦେଇଥିଲେ।

ତୁମର ସେନା ସେତୁବନ୍ଧ ଉପର ଦେଇ ଲଙ୍କା ଦିଗରେ ଅଗ୍ରସର ହେଲେ। ଏହି ଅଦ୍ଭୁତ ଦୃଶ୍ୟ ଦେଖି ଗଗନ ପବନ ସ୍ତମ୍ଭିଭୂତ ହୋଇ ଯାଇଥିଲା। ସମୁଦ୍ର ବାନ୍ଧିବା ହେଉ କିମ୍ବା ବାନର ସେନା ସହିତ ଏତେ ବଡ ତ୍ରିଲୋକ ବିଜୟୀ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ମନୋବଳ ଯୁଟେଇବା ହେଉ...କେବଳ ତୁମର ଦିବ୍ୟ ଶକ୍ତିଶାଳୀ ନାମ ନେଲେ ହିଁ ସବୁ ସମ୍ଭବ ହୋଇ ଯାଇଥାଏ...!!

ରାମସେନା ଆଗକୁ ବଢିବା ସହିତ ରାବଣର ଦୁଶ୍ଚିନ୍ତା ମଧ ବଢ଼ି ଚାଲିଥିଲା। ତା ସହିତ ବଢ଼ି ଚାଲିଥିଲା ସୀତା ମାତାଙ୍କ ଆଶା ଭରସା। ଆଉ ତ୍ରିଜଟା ମଧ ନିଜର ଅଦ୍ଭୁତ ସ୍ୱପ୍ନ ଦ୍ୱାରା ଭବିଷ୍ୟବାଣୀ କରି ଦେଇଥିଲା ଯେ ଲଙ୍କାର ପତନ ସନ୍ନିକଟ ହେଇ ସାରିଛି।

ତୁମ ସେନା ଲଙ୍କାରେ ପହଞ୍ଚିବା ପରେ ତୁମର ଶରଣାଗତ ହୋଇ ମାତାଙ୍କୁ ଫେରେଇ ଦେବା ପାଇଁ ବିଭୀଷଣ ରାବଣକୁ ପରାମର୍ଶ ଦେଇଥିଲେ। ଆଉ ସେହି କଥା ଶୁଣି କ୍ରୋଧିତ ହୋଇ ରାବଣ ତାଙ୍କୁ ଲଙ୍କାରୁ ବିତାଡିତ କରି ଦେଇଥିଲା। ସେ ତୁମ ଶରଣକୁ ଆସି ଯାଇଥିଲେ। କାରଣ ସେ ଜାଣିଥିଲେ ଯେ ତୁମେ ସ୍ୱୟଂ ଶ୍ରୀବିଷ୍ଣୁ। ଶତ୍ରୁର ଭାଇ ହୋଇ ମଧ ତାଙ୍କୁ ତୁମ ପାଦତଳେ ଆଶ୍ରୟ ମିଳିବ ବୋଲି ସେ ନିଶ୍ଚିତ ଥିଲେ କାରଣ ସେ ଜାଣିଥିଲେ ଯେ କେହି ବି ଧର୍ମ ତ୍ୟାଗ କରେନାହିଁ ତୁମେ ତାକୁ କେବେ ତ୍ୟାଗ କରନାହିଁ। ତେଣୁ ରାବଣଠାରୁ ଅପମାନିତ ହୋଇ ସେ ସିଧା ତୁମ ଅଜୟ ସେନା ଦଳରେ ଯୋଗ ଦେଇଥିଲେ। ତୁମେ ମଧ ତାଙ୍କୁ ଲଙ୍କାର ରାଜା ବୋଲି ସମ୍ବୋଧନ କରି ତାଙ୍କର ପ୍ରତୀକାତ୍ମକ ଅଭିଷେକ କରିଥିଲ।

ତୁମ ସେନା ଲଙ୍କାରେ ଅବସ୍ଥାନ କରିବା ପରେ ରାବଣ ନିଜ ରାଜ୍ୟବାସୀଙ୍କ ମନରେ ଏକ ଭୟ ଭାବ ସ୍ପଷ୍ଟ ଦେଖି ପାରୁଥିଲା। ଆଉ ସେମାନଙ୍କୁ ମନୋବଳ ଦେବା ପାଇଁ ନୃତ୍ୟ ଗୀତର ଆସର ଜମେଇ ମଜା ମଜଲିସ କରୁଥିଲା। ସେତିକି ବେଳେ ତାକୁ କ୍ଷମା ମାଗିବା ପାଇଁ ଏବଂ ପଶ୍ଚାତାପ କରିବା ପାଇଁ ଏକ ଅନ୍ତିମ ଅବସର ଦେବାକୁ ତୁମେ ନିଷ୍ପତ୍ତି ନେଇଥିଲ ଯେ ତାକୁ ଏକ ସୁଯୋଗ ଦେବ। ସତରେ ପ୍ରଭୁ...ଏତେ କଷ୍ଟ ସହିବା ପରେ ମଧ ତୁମେ ରାବଣ ପରି ଏକ ଅନ୍ୟାୟୀକୁ ସୁଯୋଗ ଦେବାକୁ ଭାବିବା ହିଁ ଜଣେଇ ଦିଏ...ତୁମେ ସତରେ ଭୁଲରେ ବି ଭୁଲକୁ ପ୍ରଶ୍ରୟ ଦିଅନି କେବେ।

ନିଜେ ବାଳୀପୁତ୍ର ଅଙ୍ଗଦ ଅତି ଆଗ୍ରହ ସହକାରେ ରାବଣ ପାଖକୁ ତୁମର ସନ୍ଦେଶ ନେଇ ବାହାରିଲେ। ସେ ରାଜସଭାରେ ପହଞ୍ଚିବା ପରେ ତାଙ୍କୁ ଉପଯୁକ୍ତ ସମ୍ମାନ ତଥା ଆସନ ଦିଆ ନ ଯିବାରୁ ସେ ନିଜ ଲାଙ୍ଗୁଡ ସାହାଯ୍ୟରେ ଏକ ବିରାଟ ଆସନ ନିର୍ମାଣ କରି ତା ଉପରେ ଯାଇ ବସିଥିଲେ। ସେହି ଆସନ ରାବଣର ସିଂହାସନଠାରୁ ମଧ ଉଚ୍ଚା ହୋଇ ଯାଇଥିଲା।

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

## ଚେତନାର ଚୌହଦୀ

# ଟ୍ରମ୍ପ ଯୁଗ: ଏକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ

ଡ. ଗୋଲକ ବିହାରୀ ଆଚାର୍ଯ୍ୟ



କ୍ଲିନିକ୍ ବାହାରେ ନେତୃତ୍ୱର ପରୀକ୍ଷା ଆମେରିକୀୟ ମାନସିକ ଚିକିତ୍ସା ବିଜ୍ଞାନର 'ଗୋଲ୍ଡୱାଟର ରୁଲ୍' ଅନୁଯାୟୀ, କୌଣସି ଜନନାୟକଙ୍କୁ ବ୍ୟକ୍ତିଗତ ଭାବେ ପରୀକ୍ଷା ନକରି ତାଙ୍କ ବ୍ୟକ୍ତିତ୍ୱ ଉପରେ କୌଣସି କ୍ଲିନିକାଲ୍ ମନ୍ତବ୍ୟ ଦେବା ଅନୁଚିତ। ଏହା ରାଜନୀତିରେ ଚିକିତ୍ସା ବିଜ୍ଞାନର ଅପବ୍ୟବହାରକୁ ରୋକିବା ପାଇଁ ଏକ ଜରୁରୀ ସାମ୍ବିଧାନିକ ଓ ନୈତିକ ପ୍ରତିବନ୍ଧକ। କିନ୍ତୁ ଗଣତନ୍ତ୍ରରେ ଜଣେ ନାଗରିକର ପରିସର କ୍ଲିନିକଠାରୁ ସମ୍ପୂର୍ଣ୍ଣ ପୃଥକ। ଯେତେବେଳେ ଜଣେ ନେତାଙ୍କ ବ୍ୟକ୍ତିତ୍ୱ ହିଁ ସର୍ବସାଧାରଣ କ୍ଷମତାର ମୁଖ୍ୟ ଆଧାର ପାଲଟେ, ସେତେବେଳେ ସେହି ଶକ୍ତିଶାଳୀ ବ୍ୟକ୍ତିତ୍ୱର ସ୍ୱଭାବକୁ ବୁଝିବା ନାଗରିକମାନଙ୍କର କେବଳ ଅଧିକାର ନୁହେଁ, ବରଂ କର୍ତ୍ତବ୍ୟ ମଧ୍ୟ। ଡୋନାଲ୍ଡ ଜେ. ଟ୍ରମ୍ପ, ଯିଏ କି ଆମେରିକାର ୪୫ତମ ଏବଂ ବର୍ତ୍ତମାନ ୪୭ତମ ରାଷ୍ଟ୍ରପତି, ସେ ବ୍ୟକ୍ତିତ୍ୱ ଏବଂ କ୍ଷମତାର ଏକ ଅଦ୍ୱିତୀୟ ମିଶ୍ରଣ। ତାଙ୍କର ରାଜନୈତିକ ସଫଳତାକୁ ବୁଝିବାକୁ ହେଲେ ଆମକୁ କେବଳ ଦଳୀୟ ଗଣିତରୁ ଊର୍ଦ୍ଧ୍ୱକୁ ଯାଇ ରାଜନୈତିକ ମନୋବିଜ୍ଞାନର ଗଭୀରତାକୁ ପ୍ରବେଶ କରିବାକୁ ହେବ। ତାଙ୍କ ନେତୃତ୍ୱ ଶୈଳୀର କେନ୍ଦ୍ରରେ ରହିଛି ଏକ 'ଶିକାରୀ ସୁଲଭ ଆଭିମୁଖ୍ୟ' (Predatory Orientation)—ଏକ ଏପରି ଦୃଷ୍ଟିକୋଣ ଯେଉଁଠି କ୍ଷମତା ହେଉଛି କେବଳ ଏକ ବିଜୟ ବା ଦଖଲର ମାଧ୍ୟମ, କୌଣସି ସାମୂହିକ ଦାୟିତ୍ୱବୋଧ ନୁହେଁ।

### ଶୈଶବର ସଂଘର୍ଷ ଓ ମାନସିକ ଗଠନ

ଟ୍ରମ୍ପଙ୍କ ଏହି ବିଶ୍ୱବ୍ୟାପୀ ଦୃଷ୍ଟିକୋଣ ନ୍ୟୁୟର୍କର କୁଇନ୍ସ ଅଞ୍ଚଳରୁ ହିଁ ଆରମ୍ଭ ହୋଇଥିଲା। ନିଜ ପିତା ଫ୍ରେଡ୍ ଟ୍ରମ୍ପଙ୍କ କଠୋର ଅନୁଶାସନ ମଧ୍ୟରେ ସେ ଗୋଟିଏ ଶିକ୍ଷା ଲାଭ କରିଥିଲେ: ଏ ଦୁନିଆରେ କେବଳ 'ବିଜୟୀ' (Killers) ମାନଙ୍କର ହିଁ ମୂଲ୍ୟ ଅଛି ଏବଂ ଅନ୍ୟ ସମସ୍ତେ 'ପରାଜିତ' (Losers)। ଏହି ପରିବେଶରେ ସମ୍ବେଦନଶୀଳତାକୁ ଦୁର୍ବଳତା ଏବଂ ଦୟାକୁ ଅକ୍ଷମତା ଭାବେ ଗ୍ରହଣ କରାଯାଉଥିଲା। ସଫଳତା ସେଠାରେ କେବଳ ଏକ ଲକ୍ଷ୍ୟ ନଥିଲା, ବରଂ ନିଜର ଅସ୍ତିତ୍ୱ ପ୍ରତିପାଦନ କରିବାର ଏକମାତ୍ର ପ୍ରମାଣ ଥିଲା। ଏହି 'ସୁରଭାଇଭାଲ୍ ଅଫ୍ ଦି ଫିଟେଷ୍ଟ୍' ମାନସିକତା ତାଙ୍କୁ ଜୀବନସାରା ଏକ ଅନିଶ୍ଚିତତା ମଧ୍ୟରେ ରଖିଛି, ଯେଉଁଠି ପ୍ରତିଟି ମୁହୂର୍ତ୍ତରେ ନିଜର ଶ୍ରେଷ୍ଠତା ପ୍ରମାଣ କରିବା ଅନିର୍ବାର୍ଯ୍ୟ ହୋଇପଡେ।

ମ୍ୟାନହଟନର ଜ୍ୟୋତିର୍ମୟ ଅଟ୍ଟାଳିକାରୁ ଆରମ୍ଭ କରି କ୍ୟାସିନୋ ଦୁନିଆ ଏବଂ ପରବର୍ତ୍ତୀ ସମୟରେ ରିଆଲିଟି ସୋ 'ଦି ଆପ୍ରେଣ୍ଟିସ' ପର୍ଯ୍ୟନ୍ତ, ଟ୍ରମ୍ପ କ୍ଷମତାର ପ୍ରଦର୍ଶନକୁ ଏକ ରୀତିନୀତିରେ ପରିଣତ କରିଥିଲେ। ଏହି ଶୋ' ତାଙ୍କ ପାଇଁ ରାଷ୍ଟ୍ରପତି ପଦ ପାଇଁ ଏକ ମନସ୍ତାତ୍ତ୍ୱିକ ପୂର୍ବ-ଅଭ୍ୟାସ ସଦୃଶ ଥିଲା, ଯେଉଁଠାରେ ସେ ଅନ୍ୟକୁ ଅପମାନିତ କରିବା ବା ବାହାର କରିଦେବାକୁ ନିଜର ଅପାର ଶକ୍ତି ବୋଲି ପ୍ରମାଣିତ କରିଥିଲେ। 'ୟୁ ଆର୍ ଫାୟାର୍ଡ୍' କେବଳ ଏକ ସଂଳାପ ନଥିଲା, ବରଂ ଏହା ଥିଲା କର୍ତ୍ତୃତ୍ୱ ଜାହିର କରିବାର ଏକ ଶୈଳୀ।

### ରାଜନୈତିକ ଶୈଳୀରେ ଶିକାରୀ ଆଭିମୁଖ୍ୟ

ନେତୃତ୍ୱ ପ୍ରସଙ୍ଗରେ 'ପ୍ରିଡେସନ୍' ବା ଶିକାରୀ ଆଭିମୁଖ୍ୟ କହିଲେ କେବଳ କ୍ରୂରତାକୁ ବୁଝାଏ ନାହିଁ, ବରଂ ଏହା ଏକ ଏପରି ମାନସିକତା ଯେଉଁଠି ଅନୁଷ୍ଠାନ, ନିୟମ ଏବଂ ଅନ୍ୟ ବ୍ୟକ୍ତିମାନଙ୍କୁ କେବଳ ନିଜର ସ୍ୱାର୍ଥ ସାଧନର ମାଧ୍ୟମ କିମ୍ବା ପଥର କଣ୍ଟା ଭାବେ ଦେଖାଯାଏ। ଟ୍ରମ୍ପଙ୍କ ଭାଷାଶୈଳୀରେ ଏହା ସ୍ପଷ୍ଟ ବାରି ହୋଇପଡେ, ଯେତେବେଳେ ସେ ଜଟିଳ ମଣିଷମାନଙ୍କୁ କେବଳ 'ଦୁର୍ବଳ' କିମ୍ବା 'ବିପର୍ଯ୍ୟୟ' (Disasters) ଭାବେ ବର୍ଣ୍ଣନା କରନ୍ତି। ଏହି ମନସ୍ତାତ୍ତ୍ୱିକ ଢାଞ୍ଚା ଦୁନିଆକୁ କେବଳ ଦୁଇ ଭାଗରେ ବିଭକ୍ତ କରେ—ଏକାନ୍ତ ବନ୍ଧୁ କିମ୍ବା ଚରମ ଶତ୍ରୁ। ଏଠାରେ ସାମାନ୍ୟ ସମନ୍ୱୟ ବା ବୁଝାମଣାକୁ ଦୁର୍ବଳତା ବୋଲି ଧରାଯାଏ।

ଶାସନ ପ୍ରଣାଳୀ, ଯାହା ମୁଖ୍ୟତଃ ଆଲୋଚନା ଓ ସଂହତି ଉପରେ ଆଧାରିତ ହେବା କଥା, ତାହା ଏଠାରେ ଏକ ନିରନ୍ତର ମନସ୍ତାତ୍ତ୍ୱିକ ଯୁଦ୍ଧରେ ପରିଣତ ହୁଏ। ସେ ନିଜର ବିରୋଧୀମାନଙ୍କୁ କେବଳ ପରାସ୍ତ କରିବାକୁ ଚାହାଁନ୍ତି ନାହିଁ, ବରଂ ସେମାନଙ୍କର ବୈଧତାକୁ ସମ୍ପୂର୍ଣ୍ଣ ଭାବେ ଧୂଳିସାତ୍ କରିବାକୁ ଚାହାଁନ୍ତି। ଏହା ଗୋଟିଏ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ପାଇଁ ଅତ୍ୟନ୍ତ ଚିନ୍ତାଜନକ, କାରଣ ଏଠାରେ ସମ୍ମାନଜନକ ମତଭେଦ ପାଇଁ କୌଣସି ସ୍ଥାନ ରହେନାହିଁ।

### ଅହଂକାରର ଆବରଣ ଓ ଦୁର୍ବଳତା

ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱରେ ଥିବା 'ନାର୍ସିସିଜିମ୍' ବା ଆତ୍ମ-ମୋହ ବିଷୟରେ ଅନେକ ଆଲୋଚନା ହୋଇଛି। ମନୋବିଜ୍ଞାନ ଦୃଷ୍ଟିକୋଣରୁ ଏହାକୁ ଏକ 'ମିଥ୍ୟା ସତ୍ତା' (False Self) କୁହାଯାଇପାରେ—ଏକ ଏପରି ସୁରକ୍ଷା କବଚ ଯାହା ନିଜ ଭିତରର ଶୂନ୍ୟତା ବା ଅସହାୟତାକୁ ଲୁଚାଇ ରଖିଥାଏ। ତାଙ୍କର ବିରାଟ ଜନସଭା (Crowd size) ପ୍ରତି ଅହେତୁକ ଆକର୍ଷଣ ଏବଂ ନିଜକୁ 'ସର୍ବଶ୍ରେଷ୍ଠ' ଭାବେ ଘୋଷଣା କରିବାର ପ୍ରବୃତ୍ତି ବାସ୍ତବରେ ଏକ ଗଭୀର ମନସ୍ତାତ୍ତ୍ୱିକ ଆବଶ୍ୟକତା। ଯେତେବେଳେ ଏହି କବଚ ଉପରେ କେହି ଆଘାତ କରେ, ସେତେବେଳେ ତାଙ୍କର ପ୍ରତିକ୍ରିୟା ଆକ୍ରମଣାତ୍ମକ ହୋଇଥାଏ। ପରାଜୟକୁ ସେ ସହଜରେ ଗ୍ରହଣ କରିପାରନ୍ତି ନାହିଁ, ତେଣୁ ସେ ଏହାକୁ ଏକ ଚକ୍ରାନ୍ତ ବା ଚୋରି ଭାବେ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ଏହି ପ୍ରକ୍ରିୟାରେ ସେ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନ ଯେପରିକି ନ୍ୟାୟାଳୟ ବା ନିର୍ବାଚନ କମିଶନଙ୍କୁ ମଧ କ୍ଷମା ଦିଅନ୍ତି ନାହିଁ।

### ଶକ୍ତିଶାଳୀ ନେତା (Strongman) ଏବଂ ସୋଲିପ୍ସିଷ୍ଟିକ୍ ବାସ୍ତବତା

ଟ୍ରମ୍ପଙ୍କ ନେତୃତ୍ୱରେ 'ଷ୍ଟ୍ରଙ୍ଗମ୍ୟାନ' ଆର୍କେଟାଇପ୍ ବା ଶକ୍ତିଶାଳୀ ନେତାର ଏକ ଝଲକ ଦେଖିବାକୁ ମିଳେ। ସେ ବିଶ୍ୱାସ କରନ୍ତି ଯେ କ୍ଷମତା କୌଣସି ନିୟମ ବା ବ୍ୟବସ୍ଥାରେ ନୁହେଁ, ବରଂ ବ୍ୟକ୍ତିବିଶେଷଙ୍କ ହାତରେ ରହିବା ଉଚିତ। ଏହି ମାନସିକତା ତାଙ୍କୁ ପ୍ରଚଳିତ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଦ୍ରୋହୀ କରି ଗଢ଼ି ତୋଳିଛି। ଅନ୍ୟପଟେ 'ସୋଲିପ୍ସିଜିମ୍' ବା ଆତ୍ମ-କେନ୍ଦ୍ରିକତା ତାଙ୍କୁ ବିଶ୍ୱାସ କରାଏ ଯେ ବାସ୍ତବତା ତାଙ୍କର ଇଚ୍ଛା ଅନୁସାରେ ପରିବର୍ତ୍ତିତ ହୋଇପାରେ। ଯଦି ନେତାଙ୍କ ସତ୍ୟ ହିଁ ସର୍ବୋପରି, ତେବେ 'ସାଧାରଣ ସତ୍ୟ' ବୋଲି କିଛି ରହେନାହିଁ। ଏହାଦ୍ୱାରା ତଥ୍ୟର ମୂଲ୍ୟ କମିଯାଏ ଏବଂ କେବଳ ଆନୁଗତ୍ୟ ହିଁ ସତ୍ୟର ମାପକାଠି ପାଲଟେ।

### ଅନୁଗାମୀଙ୍କ ସହ ମନସ୍ତାତ୍ତ୍ୱିକ ସମ୍ପର୍କ (Mirroring Effect)

ଜଣେ ନେତାଙ୍କୁ ବୁଝିବାକୁ ହେଲେ ତାଙ୍କ ଅନୁଗାମୀଙ୍କୁ ବୁଝିବା ଅତ୍ୟନ୍ତ ଆବଶ୍ୟକ। ଟ୍ରମ୍ପ ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ଏକ ଅଦ୍ଭୁତ 'ମିରରିଂ' ବା ପ୍ରତିଫଳନ ଦେଖିବାକୁ ମିଳେ। ସେ ସେହିମାନଙ୍କର କଣ୍ଠସ୍ୱ ପାଲଟନ୍ତି ଯେଉଁମାନେ ଆଧୁନିକ ଅର୍ଥନୀତି ଓ ସମାଜରେ ନିଜକୁ ଅବହେଳିତ ମନେ କରନ୍ତି। ସେମାନଙ୍କର ଅସନ୍ତୋଷ, କ୍ରୋଧ ଏବଂ ଅଭିଯୋଗକୁ ସେ ନିଜ ବ୍ୟକ୍ତିତ୍ୱ ମଧ୍ୟରେ ସ୍ଥାନ ଦିଅନ୍ତି। ଅପରପକ୍ଷରେ, ସମର୍ଥକମାନେ ଟ୍ରମ୍ପଙ୍କ ଅହଂକାର ମଧ୍ୟରେ ନିଜର ଶକ୍ତି ଖୋଜି ପାଆନ୍ତି। ଏହି ସମ୍ପର୍କଟି ଏକ ବନ୍ଦ କୋଠରୀ ସଦୃଶ, ଯେଉଁଠି ବାହାରର ଯୁକ୍ତି ବା ବିଜ୍ଞାନ ପହଞ୍ଚିପାରେ ନାହିଁ। ଏଠାରେ ଭକ୍ତି ହିଁ ହେଉଛି ଏକମାତ୍ର ମୂଳଧନ।

### ବିଶ୍ୱ ରାଜନୀତି ଓ ଗଣତନ୍ତ୍ରର ଭବିଷ୍ୟତ

ଟ୍ରମ୍ପଙ୍କର ଏହି 'ଆମେରିକା ଫାଷ୍ଟ' ଆଭିମୁଖ୍ୟ ବାସ୍ତବରେ ତାଙ୍କର ଆତ୍ମ-କେନ୍ଦ୍ରିକ ମନସ୍ତତ୍ତ୍ୱର ଏକ ବୈଦେଶିକ ପ୍ରତିଫଳନ। ସେ ବିଶ୍ୱାସ କରନ୍ତି ଯେ ସମସ୍ତ ଚୁକ୍ତି ବା ଆନ୍ତର୍ଜାତୀୟ ସମ୍ପର୍କ କେବଳ ଏକ ଲାଭ-କ୍ଷତିର ବ୍ୟବସାୟ। ଏଥିରେ କୌଣସି ନୈତିକତା ବା ମାନବିକ ମୂଲ୍ୟବୋଧର ସ୍ଥାନ ନାହିଁ। ଯେତେବେଳେ ଜଣେ ଶକ୍ତିଶାଳୀ ରାଷ୍ଟ୍ରର ନେତା ଏପରି ମାନସିକତା ରଖନ୍ତି, ସେତେବେଳେ ବିଶ୍ୱରେ ଶାନ୍ତି ଓ ସହଯୋଗର ଭିତ୍ତିଭୂମି ଦୋହଲିଯାଏ। ତାଙ୍କର ଦ୍ୱିତୀୟ ଥର ଆଗମନ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଚାଲିଥିବା ଯୁଦ୍ଧ ଓ ଅସ୍ଥିରତା ମଧ୍ୟରେ ଏକ ନୂତନ ଅନିଶ୍ଚିତତା ସୃଷ୍ଟି କରିଛି।

ତାଙ୍କର ରାଜନୈତିକ ସଫଳତା ପ୍ରମାଣ କରେ ଯେ, ଲୋକମାନେ ନୀତି ଅପେକ୍ଷା ବ୍ୟକ୍ତିତ୍ୱକୁ ଅଧିକ ଗୁରୁତ୍ୱ ଦିଅନ୍ତି। ତାଙ୍କର ସଫଳତା କୌଣସି ଆଦର୍ଶଗତ ଶ୍ରେଷ୍ଠତା ଉପରେ ନୁହେଁ, ବରଂ ଜନସାଧାରଣଙ୍କ ମନରେ ଥିବା ଭୟ ଓ କ୍ରୋଧକୁ ସଫଳତାର ସହ ବ୍ୟବହାର କରିବା ଉପରେ ଆଧାରିତ। ଏହା ହିଁ ସବୁଠାରୁ ବଡ଼ ଗଣତାନ୍ତ୍ରିକ ବିଡ଼ମ୍ବନା।

### ନିର୍ଯାସ: ଗଣତନ୍ତ୍ରର ଅନ୍ତରାତ୍ମା ପାଇଁ ଏକ ଆହ୍ୱାନ

ଡୋନାଲ୍ଡ ଟ୍ରମ୍ପ କୌଣସି ସାମାନ୍ୟ ରାଜନୈତିକ ବ୍ୟକ୍ତିତ୍ୱ ନୁହଁନ୍ତି; ସେ ହେଉଛନ୍ତି ଏକ ଜୀବନ୍ତ ମନସ୍ତାତ୍ତ୍ୱିକ ଘଟଣା। ତାଙ୍କର ଶିକାରୀ ସୁଲଭ ଆଭିମୁଖ୍ୟ, ଯାହା ବିଭାଜନ, କ୍ଷମତା ଦଖଲ ଏବଂ ଆବେଗପୂର୍ଣ୍ଣ ଆକ୍ରମଣ ଉପରେ ପର୍ଯ୍ୟବସିତ, ତାହା ଆଧୁନିକ ରାଜନୀତିକୁ ଏକ 'ସୁରଭାଇଭାଲ୍ ଥିଏଟର' ବା ବଞ୍ଚି ରହିବାର ରଙ୍ଗମଞ୍ଚରେ ପରିଣତ କରିଛି। ତାଙ୍କର ସଫଳତା ନୀତିଗତ ଜଟିଳତା ଉପରେ ନୁହେଁ, ବରଂ ପ୍ରତିଶୋଧ ଏବଂ ସଂଗ୍ରାମର ପ୍ରତୀକ ସାଜିବାରେ ନିହିତ। ସେଥିପାଇଁ ସେ କେତେକଙ୍କ ପାଇଁ ଦେବଦୂତ ତ ଆଉ କେତେକଙ୍କ ପାଇଁ ଆତଙ୍କର କାରଣ।

ଦ୍ୱିତୀୟ ଥର ପାଇଁ ସେ କ୍ଷମତାକୁ ଫେରିଥିବା ବେଳେ ଆମେରିକୀୟ ଗଣତନ୍ତ୍ର ପାଇଁ ମୁଖ୍ୟ ପ୍ରଶ୍ନ ହେଉଛି: ଏକ ନିୟମ, ସାମ୍ବିଧାନିକ ମର୍ଯ୍ୟାଦା ଏବଂ 'ସାଧାରଣ ସତ୍ୟ' ଉପରେ ଆଧାରିତ ବ୍ୟବସ୍ଥା କଣ ଏପରି ଜଣେ ନେତାଙ୍କ ସହ ତାଳ ମେଳ ରଖିପାରିବ, ଯାହାର ମନସିକତା ଏହି ସବୁ ସୀମାକୁ ଭାଙ୍ଗିବାରେ ହିଁ ଆନନ୍ଦ ପାଏ? , ଏହି 'ଶିକାରୀ ମନସ୍ତତ୍ତ୍ୱ' କିନ୍ତୁ କେବଳ ନିଜର ବିଜୟର ପ୍ରତିଧ୍ୱନି ଶୁଣିବାକୁ ଚାହେଁ। ଆଗାମୀ ବର୍ଷଗୁଡ଼ିକରେ ଗଣତନ୍ତ୍ରର ପ୍ରକୃତ ପରୀକ୍ଷା ହେବ, ଯେଉଁଠି ଦେଖିବାକୁ ମିଳିବ ଯେ ନିୟମର ଶାସନ ବଡ଼ ନା ଜଣେ ଶକ୍ତିଶାଳୀ ବ୍ୟକ୍ତିର ଇଚ୍ଛା। ଆମକୁ ଏହା ମନେ ରଖିବାକୁ ହେବ ଯେ, ଗଣତନ୍ତ୍ରର ଶାନ୍ତ କିନ୍ତୁ ଦୃଢ଼ ସ୍ୱର ଯେପରି କ୍ଷମତାର ଏହି କର୍କଶ କୋଳାହଳ ମଧ୍ୟରେ ହଜି ନଯାଏ ।

ଦ୍ରଷ୍ଟବ୍ୟ : ଏହା ନେଟରୁ ପ୍ରାପ୍ତ ଅନେକ ତଥ୍ୟର ଏକ ସଂଶ୍ଳେଷିତ ରୂପ ।

♥ କେଶଦୁରାପାଳ, କୁଶଳେଶ୍ୱର, କେଉଁଝର
ମୋ: ୯୯୩୮୧୭୫୧୦୦

# ଓଡ଼ିଆ ସାହିତ୍ୟକୁ ରୀତି ଯୁଗର କବି ଅଭିମନ୍ୟୁଙ୍କ ଅବଦାନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ୧୭୬୦ ମସିହା ଫେବୃଆରୀ ୨୩ ତାରିଖ ମାଘ ସପ୍ତମୀ ଦିନ ଯାଜପୁର ଜିଲ୍ଲାର ବରୀ ଅନ୍ତର୍ଗତ ବାଲିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ବାଲିଆ ଗ୍ରାମ ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ଅଞ୍ଚଳର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରୁ ଅନତିଦୁରରେ ଅବସ୍ଥିତ। ତାଙ୍କର ପିତା ଥିଲେ ଜଣେ ଅପୁତ୍ରିକ ଜମିଦାର ଇନ୍ଦ୍ରଜିତ ସାମନ୍ତ ସିଂହାର। ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ନାମରେ ଜଣେ ପଣ୍ଡିତଙ୍କ ଦେବପୂଜା ହେତୁ ଅଭିମନ୍ୟୁ ଜନ୍ମ ହେବାର ପ୍ରବାଦ ରହିଅଛି। ସେ ହିଁ ଅଭିମନ୍ୟୁଙ୍କ ଗୁରୁ ଥିଲେ। ତରୁଣ ବୟସରେ ସେ ବାଘ ଗୀତ, ଚଢାଇ ଗୀତ ଆଦି ରଚନା କରି ଓଡ଼ିଆ ଲୋକ ସାହିତ୍ୟକୁ ସମୃଦ୍ଧ କରିଥିଲେ । ରାଧାକୃଷ୍ଣ ପ୍ରେମ ସମ୍ପର୍କରେ ସେ ଅନେକ କାବ୍ୟ ରଚନା କରିଥିଲେ । ବିଦଗ୍ଧ ଚିନ୍ତାମଣି ତାଙ୍କ ଶ୍ରେଷ୍ଠ କୃତି ଆଉ ମାତ୍ର ୯ ବର୍ଷ ବୟସରେ ସେ ପ୍ରଥମ ପଦ୍ୟ ରଚନା କରିଥିଲେ। 'କରମଙ୍ଗା ଗଛ ଛାଇ ଗୋ,

ମୋର ହୁଁ ଗୋ /
କରମ ଯାହାର ସଫଳ ହୋଇବ,
କୃଷ୍ଣଙ୍କୁ ଲଭିବ ସେହି ଗୋ,
ମୋର ହୁଁ ଗୋ'।

ଅଷ୍ଟାଦଶ ଶତାବ୍ଦୀର ଛନ୍ଦକବି ଭାବରେ ବୈଷ୍ଣବ ସାହିତ୍ୟର କବି ସମ୍ରାଟ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ଓଡ଼ିଆ ସାହିତ୍ୟ ଜଗତରେ ପ୍ରସିଦ୍ଧ ଲାଭ କରିଥିଲେ। କେତେଗୋଟି ଜନପ୍ରିୟ ଛାନ୍ଦର ବିଶିଷ୍ଟ ରାଗ ନାମ ଏହି ଗ୍ରନ୍ଥରେ ଦେଖିବାକୁ ମିଳେ, ଯଥା- ଗଡ଼ମାଳିଆ, ଫୁଲତୋଳା ଇତ୍ୟାଦି । ଏଭଳି ନାମଗୁଡ଼ିକୁ କବିଙ୍କ ଶ୍ରଦ୍ଧା ନାମ କୁହାଯାଇପାରେ। ଏହି ଗ୍ରନ୍ଥରୁ ତାଙ୍କ ଜନ୍ମ ବିଷୟରେ ମଧ ଜାଣିହୁଏ। ତାଙ୍କ ପିତା ଇନ୍ଦ୍ରଜିତ ସାମନ୍ତ ସିଂହାରଙ୍କ ସମ୍ପର୍କରେ ବି ଏଥିରେ ବର୍ଣ୍ଣିତ । ସେ ଯେ ସେଠାକାର ରାଜା ଥିଲେ ଓ ତାଙ୍କ ଲେଖାପାଇଁ ଉତ୍ସାହିତ କରିଥିଲେ ତାହା ଏଥିରେ ବର୍ଣ୍ଣିତ। ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନା ବିଦଗ୍ଧ ଚିନ୍ତାମଣି, ପ୍ରେମ କଳା, ରସବତୀ, ସୁଲକ୍ଷଣା, ପ୍ରେମ ତରଙ୍ଗିଣୀ , ବାଘ ଗୀତ, ଚଢ଼େଇ ଗୀତ, ବୋଲେ ହୁଁ, ପ୍ରେମ (ପ୍ରୀତି) ଚିନ୍ତାମଣି ଓଡ଼ିଆ ସାହିତ୍ୟର ଏକ ମୁଲ୍ୟବାନ ଗ୍ରନ୍ଥ। କେତେଗୋଟି ଜନପ୍ରିୟ ଛାନ୍ଦର ବିଶିଷ୍ଟ ରାଗ ନାମ ଏହି ଗ୍ରନ୍ଥରେ ଦେଖିବାକୁ ମିଳେ, ଯଥା- ଗଡ଼ମାଳିଆ, ଫୁଲତୋଳା ଇତ୍ୟାଦି ଇତ୍ୟାଦି। ଏଭଳି ନାମଗୁଡ଼ିକୁ କବିଙ୍କ ଶ୍ରଦ୍ଧା ନାମ କୁହାଯାଇପାରେ। ଏହି ଗ୍ରନ୍ଥରୁ ତାଙ୍କ ଜନ୍ମ ବିଷୟରେ ମଧ ଜାଣିହୁଏ।

ଅଭିମନ୍ୟୁଙ୍କ ଆଦି ଜନ୍ମସ୍ଥାନ ଜୟପୁର ଅନ୍ତର୍ଗତ ଭାବଙ୍ଗର ବୋଲି କିଛି ଗବେଷକଙ୍କ ମତ ଆଉ କେନ୍ଦ୍ରାପଡ଼ା କ୍ଷତ୍ରିୟବଂଶ ଯୋଧପୁରରୁ ଆସିଥିଲେ ବୋଲି କିଛି ଗବେଷକଙ୍କ ମତ। ସାମନ୍ତସିଂହାର ବଂଶ ସେ ବଂଶର ଅନେକ ପରବର୍ତ୍ତୀ ବୋଲି ଅନୁମାନ କରାଯାଏ । ଏ ବଂଶ ଖୋର୍ଦ୍ଧାର ଭୋଇବଂଶୀୟ ରାଜାଙ୍କଠାରୁ ବରୁଆଂପ୍ରଗନା-ଅନ୍ତର୍ଗତ ବାଲିଆ ଜମିଦାରୀ ପ୍ରାପ୍ତ ହୋଇଥିଲେ ବୋଲି କୁହଯାଏ । ଅଭିମନ୍ୟୁଙ୍କୁ ସାମନ୍ତସିଂହାର ଉପାଧି ମିଳିଥିଲା। ସାମନ୍ତସିଂହାର ଉପାଧି କାହାଠାରୁ ପ୍ରାପ୍ତ ହୋଇଥିଲା ତାହା ନିଶ୍ଚିତରୂପେ ଜଣା ନାହିଁ । କେତେକଙ୍କ ମତେ ସେ ଅଞ୍ଚଳରେ ସେତେବେଳେ ବରପଦା ପ୍ରଭୃତି ନାମରେ ସାତ ଟପା ଥିଲା । ଏହି ସାତ ଟପାରେ ରଣସିଂହ ମହାପାତ୍ର, ଦକ୍ଷିଣରାୟ ମହାପାତ୍ର ପ୍ରଭୃତି ବିଭିନ୍ନ ରାଜୋପାଧିଧାରୀ ସାତ ସାମନ୍ତ ଥିଲେ । ଅଭିମନ୍ୟୁଙ୍କ ପୂର୍ବପୁରୁଷ ଏହି ସାମନ୍ତ ମଧ୍ୟରେ ଗଣ୍ୟ ନ ହେଉଥିଲେ ହେଁ ଏକ ସମୟରେ ସେ ବଂଶର ଜଣେ କେହି ଅପର ସାତ ସାମନ୍ତଙ୍କୁ ଗୋଟିଏ ମହା ବିପଦରୁ ବୁଦ୍ଧିବଳେ ରକ୍ଷା କରିଥିଲେ । ଏଥିରେ ସାମନ୍ତମାନେ ସନ୍ତୁଷ୍ଟ ହୋଇ 'ସାମନ୍ତସିଂହାର' ଅର୍ଥାତ୍ ସାମନ୍ତଭୂଷଣ ଉପାଧି ପ୍ରଦାନ କରିଥିଲେ । ସେହି ଉପାଧି ରାଜଦତ୍ତ ଉପାଧି ପ୍ରାୟ ସମ୍ମାନ ସହ ବଂଶପରମ୍ପରା ଚଳି ଆସୁଛି। ତାଙ୍କର ଏକ ସୁନ୍ଦର ରଚନା ମଧ୍ୟରେ କରମଙ୍ଗା ଗଛ ଛାଇ ଗୋ... ବେଶ ଲୋକପ୍ରିୟ।

'କରମଙ୍ଗା ଗଛ ଛାଇ ଗୋ,
ମୋର ହୁଁ ଗୋ /
କରମ ଯାହାର ସଫଳ ହୋଇବ,
କୃଷ୍ଣଙ୍କୁ ଲଭିବ ସେହି ଗୋ,
ମୋର ହୁଁ ଗୋ...'।

କବି ଅଭିମନ୍ୟୁଙ୍କ ବାଲ୍ୟଗୁରୁ ଥିଲେ ସଦାନନ୍ଦ କବିସୁର୍ଯ୍ୟ ବ୍ରହ୍ମା । ସେ ଯେ ଖାଲି ଜଣେ ଶିକ୍ଷା ଗୁରୁ ଥିଲେ ତାହା ନୁହେଁ, ସେ ଥିଲେ ଜଣେ ବିଶିଷ୍ଟ କବି ଓ ରାଧାକୃଷ୍ଣଙ୍କ ପରମ ଭକ୍ତ । ରାଧାକୃଷ୍ଣଙ୍କୁ ନେଇ ସେ ବହୁ ପୁସ୍ତକ ରଚନା କରିଛନ୍ତି । ଅଭିମନ୍ୟୁଙ୍କର ଓଡ଼ିଆ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା । ଏହା ବ୍ୟତୀତ ସଂସ୍କୃତ, ବଙ୍ଗଳା ଓ ମରାଠୀ ଭାଷାରେ ବିଭିନ୍ନ ଶାସ୍ତ୍ର, ବେଦ, ପୁରାଣ ଓ କାବ୍ୟ ଅଧ୍ୟୟନ କରି ସେ କବି ହେବାର ପ୍ରେରଣା ପାଇଥିଲେ । କବିଙ୍କ ଗୁରୁ ସଦାନନ୍ଦ ବୈଷ୍ଣବ ଧର୍ମରେ ଦୀକ୍ଷିତ ଥିଲେ। ତେଣୁ ବାଳକ ଅଭିମନ୍ୟୁଙ୍କ ମନ ମଧ ସେଇ ବୈଷ୍ଣବ ଧର୍ମ ଦିଗକୁ ଢଳି ପଡିଥିଲା । କବି ଜୟଦେବ ନିଜର ସୁଲଳିତ "ଗୀତ ଗୋବିନ୍ଦ" କାବ୍ୟରେ ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମଲୀଳାର ଅପୂର୍ବ ବର୍ଣ୍ଣନା କରିଥିବା ବେଳେ ଅଭିମନ୍ୟୁ ସାମନ୍ତସିଂହାର ସ୍ୱରଚିତ "ବିଦଗ୍ଧ ଚିନ୍ତାମଣି"ରେ ଏହି ଅପ୍ରାକୃତ ପ୍ରେମଲୀଳାରେ ଉଚ୍ଚକୋଟୀର ବର୍ଣ୍ଣନା କରିଛନ୍ତି । ଅଭିମନ୍ୟୁଙ୍କ ରଚନା ମଧ୍ୟରୁ ବିଦଗ୍ଧ ଚିନ୍ତାମଣି କାବ୍ୟ ଖୁବ୍ ବଳିଷ୍ଠ ଆଉ ଓଡ଼ିଆ ସାହିତ୍ୟକୁ ବରଦାନ ବୋଲି କୁହାଯାଇପାରେ। ଏହି କାବ୍ୟର ରଚୟିତା ଅଭିମନ୍ୟୁ ନିଜ ପତ୍ନୀଙ୍କ ସତ୍ୟତା ପରୀକ୍ଷା କରୁ କରୁ ତାଙ୍କ ଅକାଳବିୟୋଗ ଘଟିବାରୁ ସେ ନିଜକୁ ଦାୟୀ ବିଚାରି ତନ୍ମୟ ହୋଇପଡ଼ିଥିଲେ । ସେହି ଦୁଃଖରେ ରାଧାକୃଷ୍ଣଙ୍କୁ ଭାବନା କରି ବିଦଗ୍ଧ ଚିନ୍ତାମଣି ନାମକ ଶହେ ଛାନ୍ଦ ବିଶିଷ୍ଟ କାବ୍ୟ ପ୍ରଣୟନ କରିବାକୁ ମନସ୍ଥ କଲେ କିନ୍ତୁ ୯୭ ଗୋଟି ଛାନ୍ଦ ଲେଖିଲା ପରେ ତାଙ୍କ ସ୍ୱର୍ଗବାସ ହୋଇଥିଲା । ଏହା ସତ୍ତ୍ୱେ ବିଦଗ୍ଧ ଚିନ୍ତାମଣି ଓଡ଼ିଆ ସାହିତ୍ୟର ସବୁଠୁ ବଡ଼ କାବ୍ୟ ହୋଇ ରହିଛି । ତାଙ୍କ ଛାନ୍ଦ ଗୁଡିକ ହେଲା - ଅପ୍ରାକୃତ ପ୍ରେମମୂର୍ତ୍ତି, ଧୀରେ ଧୀରେ ଶୁଣ ଏ ଉତ୍ତାରୁ ଚରିତ, କୃଷ୍ଣ ପଉଗଣ୍ଡକାଳ ଅନ୍ତରେ, ଧୀରେ ଘେନ ରାଧା ଉନ୍ମାଦୀ ଉତ୍ସବ, ଅ ପୂର୍ବାନୁପ୍ରାସରେ ଛାନ୍ଦ ରସ, ଆନନ୍ଦେ କୋବିଦେ ପିଅ ଏ ରସ ଶ୍ରବଣେ, ଇ ପୂର୍ବାନୁପ୍ରାସ ଦୀର୍ଘ ହ୍ରସ୍ୱ ବେନି ନିୟମ ଏ ଛାନ୍ଦ, ଉଷତରେ ଶୁଣ ହେ ସୁଧୀରେ ଧିରେ, ଶ୍ରୀରାଧା କୃଷ୍ଣନାମ ଶୁଣି କାତରେ, ଧୀରେ ଶୁଣ ଏ ଉତ୍ତାରୁ ଯେତେ ରସ, ରସ ବିଦୁଷେ ଏ ଛାନ୍ଦେ ରସ... ଇତ୍ୟାଦି ଇତ୍ୟଦି।

♥ ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬

# ୩୦ରୁ ଜଳେଶ୍ୱର ମହୋତ୍ସବ




ଜଳେଶ୍ୱର, ୨୪/୧ (ନି.ପ୍ର): ୩୦ ରୁ ଜଳେଶ୍ୱର ମହୋତ୍ସବ ର ପ୍ରସ୍ତୁତି ବୈଠକ ବଡ଼ବଜାର ଟାଉନ୍ ହଲ ପଡିଆ ରେ ଶନିବାର ୪ ଘଟିକା ସମୟ ରେ ଅନୁଷ୍ଠିତ ହୋଇଯାଇଅଛି । ମୋହତ୍ସାବ କମିଟି ସଭାପତି ସମୀର ପାତ୍ର ଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତା ୩୦ ରୁ ଆରମ୍ଭ ହୋଇ ଏହା ଫେବୃଆରୀ ୮ତାରିଖ ପର୍ଯ୍ୟନ୍ତ ଚାଲିବ ମୋହତ୍ସ୍ବ ର ପ୍ରଥମଦିନ ଅପରାହ୍ଣ ୩ଟାରେ ନହଞ୍ଜରା ତାରିଣୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ମହସ୍ତବ୍ ପଡିଆ ରେ ପହଞ୍ଚିବ।ସନ୍ଧ୍ୟା ୭ଟାରେ ମହୋତ୍ସବର ଉଦ୍‌ଘାଟନ ଅନୁଷ୍ଠିତ ହେବ । ଏହି ମୋହତ୍ସ୍ବ ରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବେ । ପ୍ରତ୍ୟକଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ମୋହସ୍ତବ କମିଟି ସଂପାଦକ ସୁଶାନ୍ତ ଦାସ, ଗୋବିନ୍ଦ ସାହୁ, ଗୋପାଳ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ସତ୍ୟ ସୁନ୍ଦର୍ ଦାସ, ଅଜିତ୍ ମହାନ୍ତି, ଦିଲ୍ଲୀପ ଗିରି, ସୁବ୍ରତ ରଣା, ସିଦ୍ଧାର୍ଥ ଶଙ୍କର ପାଲ, ଗୌରବ ଦାସ, ମଧୁସୂଦନ ସେନାପତି, ରାମ ଚନ୍ଦ୍ର ସାହୁ, ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପଳାସପୁର ପ୍ରିମିର ଲିଗ ସଂସ୍କରଣ-୪ ଉଦ୍‌ଘାଟିତ



ବାଲେଶ୍ୱର, ୨୪/୧ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ସନ୍ନିକଟ ପଡିଆରେ, ପଳାସପୁର ପ୍ରିମିୟର ଲିଗ ଉଦଘାଟିତ ହୋଇଯାଇଛି, ଏହି ଅବସରରେ ଆୟୋଜିତ ଉଦଘାଟନ ସଭାରେ ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ରେମୁଣା ଲୋକପ୍ରୀୟ ବିଧାୟକ ତଥା ସରକାରୀ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦଘାଟନି ଭାଷଣ ପ୍ରଦାନ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ସମିତି ସଭ୍ୟ ପୁଷ୍ପଶ୍ରୀ ରାଉତ, ଭିନ୍ନକ୍ଷମ ଜାତୀୟ କ୍ରୀଡ଼ାବିତ ସୁଧାକର ସେଠୀ, ଭାଗବତ ବେହେରା, ପିତାମ୍ବର ମହାପାତ୍ର, ଅଚ୍ୟୁତ ମହାନ୍ତି, ଅଭ୍ୟୁଦୟମର ମୁଖ୍ୟ ସବ୍ୟସାଚୀ ପ୍ରଧାନ,ପ୍ରସନ୍ନ କୁମାର ପରିଡା ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୧୭ଟି ମ୍ୟାଚ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ମାନେ କହିଛନ୍ତି। ଆଜି ଉଦଘାଟନି ମ୍ୟାଚରେ ଷ୍ଟୋର୍ମ ବ୍ରେକର ଏବଂ ଆର୍ ଆର୍ ଅଫିସିଆଲ୍ ଓ ପଳାଶପୁର ଇଲେଭେନ୍ ଏବଂ ବିଶ୍ୱାଳ ଓ୍ୱାରିଓରସ୍ ପରସ୍ପରକୁ ଚାରୋଟି କ୍ରିକେଟ କ୍ଲବ ପରସ୍ପର କୁ ଭେଟିଥିଲେ। ଆମ୍ପାୟର: ଜନ୍ମେଜୟ ପରିଡ଼ା ଏବଂ ମଧୁସୂଦନ ପରିଡ଼ା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର: ରଶ୍ମିରଞ୍ଜନ ଜେନା ଓ ରତିରଞ୍ଜନ ଆଚାର୍ଯ୍ୟ ଭାଷ୍ୟକାର ତ୍ରିଲୋଚନ ବେହେରା ପିଚ୍ କ୍ୟୁରେଟର ଶୁଭ୍ରାଂଶୁ ରାଉତ ଏବଂ ସିଦ୍ଧାର୍ଥ ସୌରଭ ମହାନ୍ତି ଯୁବ ସମାଜସେବୀ ଶକ୍ତିପ୍ରସାଦ ରାଉତ,ଦିବ୍ୟଜ୍ୟୋତି ରାଉତ, ମୁକ୍ତିକାନ୍ତ ପାଳ,ସାଇ ଓମ୍ ସାହୁ, ଅଭିଜିତ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ଏଫଏଫଟିଏ ଚାମ୍ପିୟନସ ଟ୍ରଫି : ରେମୁଣା କ୍ଲବ ଚମ୍ପିୟାନ, ଭଦ୍ରକ ରନର୍ସ ଅପ



ବାଲେଶ୍ୱର, ୨୪/୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଆନୁକୂଲ୍ୟରେ ଫିସାରୀ ପଡିଆରେ ଆୟୋଜିତ ଏଫଏଫଟିଏ କ୍ରିକେଟ ଚକ୍ଷମ୍ପିୟନସ ଟ୍ରଫିର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି । ରେମୁଣା ଫ୍ରେଣ୍ଡସ କ୍ଲବ ଏବଂ ଭଦ୍ରକ ଏମଟିସିଟି କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚରେ ଭଦ୍ରକ କ୍ଲବକୁ ୨୬ ରନରେ ପରାସ୍ତ କରି ରେମୁଣା କ୍ଲବ ଚଳିତ ବର୍ଷ ଚମ୍ପିୟାନ ହୋଇଛି । ରେମୁଣା କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ ଓଭର ରେ ଦଳ ୧୫୬ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲେ । ବ୍ୟାଟ୍ସ ମ୍ୟାନ ତାପସ ରାଉତ ସର୍ବାଧିକ ୫୨ ରନ କରିଥିଲେ । ଜବାବରେ ଭଦ୍ରକ ଦଳ ୧୩୦ ରନ କରି ଅଲ ଆଉଟ ହୋଇଯାଇଥିଲେ । ରେମୁଣାର ବୋଲର ଭିକି ମହାନ୍ତି ଓ ପ୍ରୀତମ ସିଂ ସର୍ବାଧିକ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ଅଲରାଉଣ୍ଡର ଆକ୍ରମ ଖାନ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ସଭାପତି ବିକାଶ ଦାସଙ୍କ ସଭାପତିତ୍ୱ କରିଥିଲେ । କ୍ଲବ ସଭାପତି ଲକ୍ଷ୍ମୀକାନ୍ତ ବେରା ସ୍ୱାଗତ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ସମାଜସେବୀ ବିଜୟାନନ୍ଦ ସ୍ୱାଇଁ, ମୁଖ୍ୟବକ୍ତା ସାମ୍ବାଦିକ ବାଞ୍ଛାନିଧି ଦେ ସମ୍ମାନିତ ଅତିଥି ସରପଞ୍ଚ ପ୍ରବୀର କୁମାର ସାହୁ, ମତ୍ସ୍ୟଜୀବୀ ସଙ୍ଘ ସମ୍ପାଦକ ଗୋରାଚାନ୍ଦ ଜେନା ପ୍ରମୁଖ ଯୋଗ ଦେଇ ଚକ୍ଷମ୍ପିୟନ ଟିମକୁ ନଗଦ ୧୫ ହଜାର ଓ ରନର୍ସ ଅପ ଟିମକୁ ୧୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଆମ୍ପାୟାର ସପନ ବର୍ମନ ଓ ସୁଜୟ ଦାସ ମ୍ୟାଚ ପରିଚାଳନା କରିଥିଲେ । ସଞ୍ଜୟ ମଣ୍ଡଳ ଓ ପାର୍ଥ ଦାସ ସ୍କୋରିଙ୍ଗ ଦାୟିତ୍ୱରେ ଥିଲେ । ପ୍ରେମଚାନ୍ଦ ପରିଡା, ସଞ୍ଜୀବ ମଣ୍ଡଳ ଓ କମଳାକାନ୍ତ ମଣ୍ଡଳ ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ଲବ ସମ୍ପାଦକ ଅରବିନ୍ଦ ଜେନା, କ୍ରୀଡା ସମ୍ପାଦକ ବିବେକ ଦାସ ,ଗୌତମ ଦାସ, ଶ୍ରୀମନ୍ତ ମାନ୍ନା, ମନୋଜ ମାଇତି, ମନୋଜ ସାହୁ, ଗୁଣଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଗୁଆ ହେବ ପଞ୍ଚାୟତ...

ପ୍ରସ୍ତୁତି ଶେଷ ହୋଇଛି । ଗୋଟିଏ ବୁଥ୍‌ରେ ୧୨୦୦ ରୁ ଉର୍ଦ୍ଧ୍ୱ ଭୋଟର କିମ୍ବା ତାଠାରୁ କମ ଭୋଟର ରହିବେ । ଏନେଇ ସମସ୍ତ ପ୍ରକ୍ରିୟା ସରିଛି । ନୂଆ ୭ହଜାର ବୁଥ୍ ଯୋଡି ହେବା ସହ ରାଜ୍ୟରେ ପ୍ରାୟ ୪୩ ହଜାର ବୁଥ୍ ସୃଷ୍ଟି ହୋଇଛି । ସବୁ ବୁଥରେ ବୁଥ ଲେବୁଲ ଅଧିକାରୀ ନିଯୁକ୍ତ କରାଯାଇଛି । ୨୦୦୨ ମସିହାରେ ଶେଷ ଥର ପାଇଁ ଓଡ଼ିଶାରେ ଝଓଜ ହୋଇଥିଲା । ୨୦୨୫ ଏବଂ ୨୦୦୨ଡାଟା ଇଣ୍ଟିଗ୍ରେଟ ହୋଇସାରିଛି । ୭୦ ପ୍ରତିଶତ ମ୍ୟାପିଙ୍ଗ ସରିଛି । ଯେଉଁ ଭୋଟର ମାନେ ମ୍ୟାପିଙ୍ଗରେ ମିଳିବେ ନାହିଁ ସେମାନଙ୍କୁ ଅନ୍ୟ କୌଣସି ଡକୁମେଣ୍ଟ ଦେବାକୁ ପଡିବ । ୨୦୦୨ ନିର୍ବାଚନ ତଥ୍ୟ ବିଶ୍ଳେଷଣ କରି ସଠିକ୍ ତାଲିକା କରିବା ନିର୍ବାଚନ ଅଧିକାରୀଙ୍କୁ ପାଇଁ ବଡ ଚ୍ୟାଲେଞ୍ଜ ।

### ଯୁଦ୍ଧ ବନ୍ଦ ପାଇଁ ...

ଗୋଟିଏ ପଟେ ଶାନ୍ତି ପାଇଁ ଆଲୋଚନା ଚାଲିଥିବା ବେଳେ ଅନ୍ୟପଟେ ରୁଷର ମିସାଇଲ୍ ମାଡ଼ରେ ଥରୁଛି ୟୁକ୍ରେନ। ରୁଷୀୟ ସେନା ୟୁକ୍ରେନର ଦୁଇ ପ୍ରମୁଖ ସହର କିଭ୍ ଏବଂ ଖାର୍କିଭ୍ ଉପରେ ଶକ୍ତିଶାଳୀ ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣ କରିଛନ୍ତି। ଯେତେବେଳେ ଆବୁଧାବିରେ ଆମେରିକା, ରୁଷ ଏବଂ ୟୁକ୍ରେନର ପ୍ରତିନିଧିମାନେ ଚାରି ବର୍ଷର ଏହି ଭୟଙ୍କର ଯୁଦ୍ଧକୁ ଶେଷ କରିବା ପାଇଁ ଦ୍ୱିତୀୟ ଦିନର ଆଲୋଚନାରେ ବସିଛନ୍ତି, ଠିକ୍ ସେହି ସମୟରେ ରୁଷର ଏହି ଆକ୍ରମଣ ଶାନ୍ତି ପ୍ରକ୍ରିୟା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହୁ ହୁ ହୋଇ ଜଳୁଛି ସହର, ସ୍ଥାନୀୟ ପ୍ରଶାସନର ସୂଚନା ଅନୁଯାୟୀ, କିଭ୍‌ରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି।

### ଏମଏଲଏ ଓ ଏମପିଙ୍କୁ ଅଫିସରଙ୍କ...

ଏଥିସହ ସରକାରୀ କାର୍ଯ୍ୟକ୍ରମକୁ ସ୍ଥାନୀୟ ସାଂସଦଙ୍କୁ ନିଶ୍ଚିତ ଭାବେ ନିମନ୍ତ୍ରଣ କରାଯିବ। ଓ୍ୱାରେଣ୍ଟ ଅଫ୍ ପ୍ରେସିଡେନ୍ସ ଅନୁଯାୟୀ ସାଂସଦଙ୍କ ସ୍ଥାନ ସରକାରୀ ସଚିବଙ୍କଠାରୁ ଉପରେ ରହିବ। କେବଳ ସେତିକି ନୁହେଁ ମାର୍ଗଦର୍ଶିକା ଉଲ୍ଲଂଘନ ପାଇଁ ଅଫିସରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ପ୍ରାବଧାନ ବି ରହିଛି। ଯାଞ୍ଚ ପରେ ଜନପ୍ରତିନିଧିଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଥିବା ଅଫିସରଙ୍କୁ ଦଣ୍ଡିତ କରାଯିବ। ଏଥିସହିତ ସରକାରୀ କର୍ମଚାରୀମାନେ ନିଜର ବ୍ୟକ୍ତିଗତ ସୁବିଧା ପାଇଁ କୌଣସି ସାଂସଦ କିମ୍ବା ବିଧାୟକଙ୍କ ଜରିଆରେ ରାଜନୈତିକ ଚାପ ପ୍ରୟୋଗ କରିପାରିବେ ନାହିଁ। ହେଲେ ବଡ଼ କଥା ହେଉଛି ଏନେଇ ପୂର୍ବରୁ ବି ରାଜ୍ୟ ସରକାରଙ୍କ ପକ୍ଷରୁ ବୁକ୍ ସର୍କୁଲାର ଥିବା ସତ୍ତ୍ୱେ ଅନେକ କ୍ଷେତ୍ରରେ ଏହାର ଉଲ୍ଲଂଘନ ନେତାଙ୍କ ଅସନ୍ତୋଷର କାରଣ ପାଲଟିଛି। ଏଇ ଯେମିତି ଝାରସୁଗୁଡାରେ ଚାଷୀ ସମାବେଶରେ ସାଂସଦ ପ୍ରଦୀପ ପୁରୋହିତଙ୍କ ଫଟୋ ନଥିବାରୁ ରାଗିଥିଲେ ସାଂସଦ।

### ଚକ୍‌ମା ଦେଲେ ଅରବିନ୍ଦଙ୍କ...

କୌଣସି ପ୍ରତିଶ୍ରୁତି ନ ପାଇବାରୁ ଅରବିନ୍ଦଙ୍କ ସମର୍ଥକ ଶଙ୍ଖ ଭବନ ବାହାରକୁ ଆସି ନବୀନ ନିବାସ ଆଡ଼କୁ ମୁହାଁଇଥିଲେ। ମାତ୍ର ପୁଲିସ ସେମାନଙ୍କୁ ଅଟକାଇଥିଲା। କିଛି ସମୟ ଅପେକ୍ଷା କରିବା ପରେ ନବୀନ ନିବାସରୁ ସେମାନଙ୍କୁ ଆଲୋଚନା ପାଇଁ କୌଣସି ଡାକରା ନ ଆସିବାରୁ ସମର୍ଥକମାନେ ଫେରି ଯାଇଥିଲେ। ଅତୀତରେ ବହୁ ନେତା ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ନିଲମ୍ବନକୁ ନେଇ ସେମାନଙ୍କ ସମର୍ଥକଙ୍କ ଭିତରେ ଭୀଷଣ ଅସନ୍ତୋଷ ଥାଏ। ମାତ୍ର ବିଜେଡି କ୍ଷମତାରେ ଥିବାରୁ ଦଳ ନାଲି ଆଖି ଦେଖାଇ କିମ୍ବା ପ୍ରଲୋଭନ ଜରିଆରେ ଅସନ୍ତୋଷକୁ ଚାପି ରଖିବାରେ ସମର୍ଥ ହେଉଥିଲା। ମାତ୍ର କ୍ଷମତାରୁ ଯିବା ପରେ ପ୍ରଥମଥର ଏଭଳି ଏକ ନିଲମ୍ବନକୁ ନେଇ ବିଜେଡି ହଟହଟାର ଶିକାର ହୋଇଛି। ଯାହାକୁ ନେଇ ରାଜ୍ୟ ରାଜନୀତିରେ ବେଶ ହଟଚମଟ ସୃଷ୍ଟି ହୋଇଛି।

### ଭକ୍ତ ଦାସଙ୍କ ...

ଦଳ ନିକଟରେ ହୋଇଥିବା ଅନେକ ଉପ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିବା ବେଳେ ନୂଆପଡାରେ ଦ୍ୱିତୀୟ ସ୍ଥାନରେ ରହିଲା। ଭକ୍ତ ଦାସଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ ଯେଉଁ ସବୁ କାର୍ଯ୍ୟକ୍ରମ ହେଉଛି ସେଥିରେ ମଧ୍ୟ ଜନ ସମର୍ଥନ ଦେଖୁଛେ। ଯେଉଁମାନେ ଆଜି ଦଳ ଛାଡିଛନ୍ତି ସେମାନେ କୌଣସି ବଡ଼ ପଦପଦବୀରେ ନଥିଲେ। ସେମାନେ ଯେଉଁ ସବୁ ଅଭିଯୋଗ ଆଣୁଛନ୍ତି ତାହା ମଧ୍ୟ ଭିତିହୀନ। ଜାନୁଆରୀ ୧୨ ତାରିଖରେ ସେମାନେ ଯେଉଁ ସମାବେଶ କରିଥିଲେ ତାହା ବିଫଳ ହେବା ପରେ ଏମିତି ନିଷ୍ପତି ନେଇଛନ୍ତି ବୋଧେ।

# ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ



ଖଇରା, ୨୪/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ସ୍ଥିତ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଶନିବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପରିଚାଳନା କମିଟିର ସଭାପତି ମାୟାଧର ନାୟକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ସଚିବାଳୟ କର୍ମଚାରୀ ପ୍ରଭାତ କୁମାର ଦାସ,ସରପଞ୍ଚ ମନୋରଞ୍ଜନ ସାହୁ,ଓଷ୍ଟାର ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ହୋତା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ସାଧନା ଦ୍ୱାରା ସିଦ୍ଧିପ୍ରାପ୍ତ ହୋଇଥାଏ ବୋଲି କହିଥିଲେ । ସଂସ୍କୃତ ଶିକ୍ଷୟତ୍ରୀ ରୀତା ବେହେରା ବେଦପାଠ, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ତ୍ରୀପାଠୀ ସ୍ୱାଗତ ଭାଷଣ,ଗଗନବିହାରୀ ପଣ୍ଡା ବିବରଣୀ ପାଠ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ରାକେଶ କୁମାର ମହାନ୍ତି,ଅମରେନ୍ଦ୍ର ପ୍ରସାଦ ମିଶ୍ର, ଦେବାଶିଷ ମହାନ୍ତି, ଶିକ୍ଷୟତ୍ରୀ ଲକ୍ଷ୍ମିପ୍ରୀୟା ଜେନା,ଖେଳ ଶିକ୍ଷକ କ୍ଷିରୋଦ କୁମାର ମହାପାତ୍ର, କର୍ମଚାରୀ ନିରଞ୍ଜନ ନାୟକ,ମାୟାଧର ମହାରଣା, ଅଞ୍ଜନ କୁମାର ପଣ୍ଡା ଓ ଭାରତୀ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ୨୦୦୬ ମସିହାରୁ ଶିକ୍ଷକତା କରି ଦରମା ପାଉନଥିବା ଶିକ୍ଷକ କର୍ମଚାରୀଙ୍କ ତରଫରୁ ବିଧାୟକଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା , ୨୪/୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ସନ୍ତୋସିନୀ ବାରିକ ଙ୍କ ୪୫ ତମ ଶୁଭ ଜନ୍ମଦିନ,ମୁନି ସମାଜର ଜିଲ୍ଲା ଅଧ୍ୟକ୍ଷ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀ ମହୋଦୟ । ମୁନି ସମାଜର ଯମ ନିୟମ ପାଳନ କରି ପ୍ରତିଦିନ ଜଣେ ଯୋଗ ସାଧନା କରି ଚାଲିଲେ,ସେ ନିଶ୍ଚିତ ଦିନେ ଆତ୍ମ ଦର୍ଶନ କରିବ ହି କରିବ ଏବଂ ତା'ର ସମସ୍ତ ସଂକଳ୍ପ ସାକାର ହୋଇ ହୋଇ ଚାଲିଥିବ ସାରା ଜୀବନ । ଆତ୍ମିକ ଶାରୀରିକ ମାନସିକ ପାରିବାରିକ ଆର୍ଥୀକ ଏବଂ ସାମାଜିକ ସମସ୍ତ ସୁଖ ଶାନ୍ତି ଆନନ୍ଦ ମଧ୍ୟ ପାଇ ଚାଲିଥିବ । ମୁନି ମତୀ ଗଉରୀମଣୀ ସାହୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ,ଶାନ୍ତି ପାଠ କରାଯାଇ , ଆୟୁଷ୍ମତୀ ମୁନିମତୀ ସନ୍ତୋସିନୀ ବାରିକ ଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ଶେଷରେ ପିତା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ତରତରୀ-ଚଣ୍ଡିଗଡ଼ ଉ:ପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୀଳଗିରି, ୨୪/୧ (ନି.ପ୍ର): ନୀଳଗିରି ବ୍ଲକ କିଶୋରଚନ୍ଦ୍ରପୁର ପଞ୍ଚାୟତ ତରତରୀ-ଚଣ୍ଡିଗଡ଼ ଉନ୍ନୀତ ଉ:ପ୍ରା ବିଦ୍ୟାଳୟରେ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନ ୧୧ଘଟିକାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ଏବିଇଓ ଲମ୍ବୋଦର ସିଂ, ମୁଖ୍ୟବକ୍ତା ତରତରୀ ବାଳିକା ବିଦ୍ୟାନିକେତନ ପ୍ରଧାନଶିକ୍ଷକ ବିକାଶ ରଞ୍ଜନ ଜେନା, ସମ୍ମାନିତ ବକ୍ତା କେସିପୁର ୟୁଜିୟୁପିର ପ୍ରଧାନଶିକ୍ଷକ ପରମାନନ୍ଦ ନାୟକ, ସମ୍ମାନିତଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ହେମ୍ବ୍ରମ, ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ନିତ୍ୟାନନ୍ଦ ବେହେରା, ବିଦ୍ୟାଳୟର ସଭାପତି ଗଣେଶ୍ୱର ବେହେରା, ଜାମୁନା ସିଆରସିସି ସୁନୀଲ ନାୟକ ଅନୁଷ୍ଠାନିକ ଭାବେ ଯୋଗଦେଇ ଜଗନ୍ନାଥଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନକରି ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତସଂଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିବା ସହିତ ପାଠପଢା ସହିତ ଖେଳକୁଦ, ସାଧୁତା ,ନମ୍ରତା, ସହିତ ଗୁରୁଜନମାନଙ୍କ ପ୍ରତି ସମ୍ମାନ ପ୍ରଦାନ ଆଦି ବହୁଶିକ୍ଷଣୀୟ ବକ୍ତବ୍ୟ ରଖିଥିଲେ। ପରେ ଅନ୍ୟ ସମସ୍ତ ଅତିଥିବୃନ୍ଦ ନିଜନିଜର ଅଭିଭାଷଣରେ ପିଲାଙ୍କ ଭବିଷ୍ୟତ ଉଜ୍ଜଳ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସାବିତ୍ରୀମଣୀ ସିଂ ସଭାପତିତ୍ୱ କରିଥିବା ବେଳେ ମୋନାଲିସା ଉପାଧ୍ୟାୟ ବାର୍ଷିକବିବରଣୀ ପାଠ କରିଥିଲେ। ଭବେଶ ସେନ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ପରେ ଅପରାହ୍ନ ୨ ଘଟିକା ସମୟରେ ପୁରସ୍କାର ବିତରଣି କାର୍ଯ୍ୟକ୍ରମ ହୋଇଥିଲା। ବାର୍ଷିକକ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ କପ ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ଅନ୍ନପୂର୍ଣ୍ଣା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ମାନସରଞ୍ଜନ ଦାସ, ଶିକ୍ଷୟତ୍ରୀ ସୁମତି ଝରିୟାଲ ଓ ଅଣଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶାଳିକୋଠାରେ ଚା' ଖଟିରେ ବିଜୁଳି ଚର୍ଚ୍ଚା



ଜଳେଶ୍ୱର, ୨୪/୧ (ନି.ପ୍ର): ସାମ୍ପ୍ରତି ରାଜ୍ୟ ସରକାର ବିଦ୍ୟୁତ ଉପଭୋକ୍ତା ମାନଙ୍କ ଉପରେ ଦୁଇ ମାସର ସ୍ପେସିଆଲ ସିକୁରିଟି ଦିପୋଜିଟ ଦାଖଲ ନିଷ୍ପତିକୁ ବିରୋଧ କରି ଏବଂ ଟାଟା ପାୱାରର ଜୁଲୁମ ବିଷୟରେ ଆଜି ଚା ଖଟିରେ ବିଜୁଳି ଚର୍ଚ୍ଚା। କାର୍ଯ୍ୟକ୍ରମ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳିକୋଠା ବଜାର ସ୍ଥିତ ବୃଦ୍ଧିଆ ପ୍ରଧାନ ଚା ଦୋକାନରେ ଅନୁଷ୍ଠିତ ହୋଇଯାଇଛି। ଅରୁହା କଂଗ୍ରେସ ନେତା ପ୍ରଦୀପ ମହାନ୍ତିଙ୍କ ସଂଯୋଜନାରେ ଓ ପଦ୍ମନାଭ ପ୍ରଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯକ୍ରମରେ କଂଗ୍ରେସର ବରିଷ୍ଠ ନେତା ସୁଦର୍ଶନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଦୁଇ ମାସର ଅଗ୍ରିମ ସ୍ୱତନ୍ତ୍ର ସିକୁରିଟି ଡିପୋଜିଟକୁ ବିରୋଧ କରାଯିବା ସହିତ ୩ସହ ୟୁନିଟ ବିଜୁଳି ଛାଡ କରିବା ପାଇଁ ଜୋରଦାର ଆନ୍ଦୋଳନ ପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ଦେଶର ଅନ୍ୟ ରାଜ୍ୟ ମାନେ ସାଧାରଣ ଉପଭୋକ୍ତା ମାନଙ୍କୁ ମାଗଣା ବିଜୁଳି ଦେଉଛନ୍ତି ।ପଞ୍ଜାବ ୩ସହ ୟୁନିଟ,ଦିଲ୍ଲୀ ୨ସହ,ମହାରାଷ୍ଟ ୨ସହ, ଝାଡ଼ଖଣ୍ଡ ୨ସହ,ଆନ୍ଧ୍ର ପ୍ରଦେଶ ୧୫୦, ହିମାଚଳ ୧୨୫ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଉଥିବା ବେଳେ ଓଡିଶାର ଜନ ସାଧାରଣଙ୍କୁ ଆଦୌ ବିଜୁଳି ଛାଡ ନ କରିବା କ୍ଷୋଭର ବିଷୟ। ବିଜେପି କ୍ଷମତାକୁ ଆସିବା ପୂର୍ବରୁ ତାଙ୍କ ନିର୍ବାଚନ ଇସ୍ତାହାରରେ ୩ସହ ୟୁନିଟ ମାଗଣା ଦେବେ ବୋଲି ଯେଉଁ ପ୍ରତିଶୃତି ଦେଇଥଲା,ତାହା ଧୂଆଁ ବାଣ ରେ ପରିଣତ ହୋଇଛି। ପୁନଶ୍ଚ ଅନ୍ୟ ରାଜ୍ୟ ମାନେ ଚାଷୀ ମାନଙ୍କୁ ବିଦ୍ୟୁତ ଛାଡ ଜାରିବା ବେଳେ ଆମ ରାଜ୍ୟର ଚାଷୀ ମାନେ ସେଥିରୁ ବଞ୍ଚିତ। ଏହା ବିରୁଦ୍ଧରେ ଜୋରଦାର ଆନ୍ଦୋଳନ ପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଗୋପିକୃଷ୍ଣ ଦାସ,କାଳିଚରଣ ପ୍ରଧାନ,ଜୟ ଦେବ ମହାପାତ୍ର,ହରନାରାୟଣ ମହାପାତ୍ର,ପ୍ରଦୀପ କୁମାର ମହାନ୍ତି, ବସୁଦେବ ବେହେରା, ଅଶୋକ କୁମାର ପ୍ରଧାନ,ପ୍ରମୋଦ କୁମାର ପଣ୍ଡା ସତ୍ୟବ୍ରତ ମହାନ୍ତି,ପଦ୍ମନାଭ ପ୍ରଧାନ, ଗଣେଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ



ବସ୍ତା , ୨୪/୧ (ନି.ପ୍ର): ଶୁକ୍ରବାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟ ତଥା ଆଶା ଫିଜିଓ ଥେର।ପିଉଟିକ ସେଣ୍ଟର ଏବଂ ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟରେ ଦୁଇ ବୀର ସ୍ୱାଧୀନତା ସଂଗ୍ରାମୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଆଶା ର ପ୍ରତିଷ୍ଠାତା, ସମ୍ପାଦକ,ଯୁବ ସମାଜସେବୀ ଡକ୍ଟର ଅମର କୁମାର ପାଳ ପୌରହିତ କରିବା ସହିତ ଆଜାଦ ହିନ୍ଦ୍ ଫୌଜ ଗଠନର ମୁଖ୍ୟ ପୁରୋଧା ସୁବାଷ ଚନ୍ଦ୍ର ବୋଷ ଙ୍କ ଦିଲ୍ଲୀ ଚାଲୋ ଓ You give me blood I give you freedom ବାବଦରେ ଲୋମ ଟାଙ୍କୁର। ଭାଷଣ ଦେବା ସହିତ ଉପସ୍ଥିତ ସମସ୍ତ ଦର୍ଶକଙ୍କ କରତାଳି ରେ ସଭାଗୃହ କମ୍ପି ଉଠିବା ସହିତ ବୀର ସୁରେନ୍ଦ୍ର ସାଏ କିପରି ଦେଶ ସ୍ୱାଧୀନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ମତବ୍ୟକ୍ତ କରିବା ସହିତ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମାଞ୍ଜୁବତି ବିଶ୍ୱାଳ ଦୁଇ ନେତାଙ୍କ କର୍ମମୟ ଜୀବନର ଦେଶକୁ ସ୍ୱାଧୀନ କରିବାରେ ଅହରହ ସଂଗ୍ରାମ ବାବଦରେ ଉପାଦେୟ ତଥ୍ୟ ମାନ ଉପସ୍ଥାପନ କରିଥିଲେ। ଏଥିରେ ଆଶା ର ସମସ୍ତ କର୍ମକର୍ତ୍ତା ସହଯୋଗ କରିବା ସହିତ ଅଧ୍ୟକ୍ଷା ଶ୍ରୀମତୀ ଅପରାଜିତା ସେନାପତିଙ୍କ ଦ୍ୱାରା ଧନ୍ୟବାଦ୍ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।

ରବିବାର, ୨୫ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

# ଫେବୃଆରୀ ୧୨ ସର୍ବଭାରତୀୟ ଧର୍ମଘଟକୁ ସଫଳ ପାଇଁ ୩୧ରେ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର

ବାଲେଶ୍ୱର, ୨୪/୧ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ଫେବୃଆରୀ ୧୨ ତାରିଖ ଦିନ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଆହ୍ୱାନ ଦିଆଯାଇଛି। ଦୀର୍ଘ ଏକ ଶତାବ୍ଦୀ ଧରି ସଂଗ୍ରାମ ଫଳରେ ଶ୍ରମିକମାନେ ହାସଲ କରିଥିବା ୪୪ଟି ଆଇନକୁ କେନ୍ଦ୍ର ସରକାର ୪ଟି କୋଡ୍‌ରେ ପରିଣତ କରିଥିବାରୁ ସମସ୍ତ ବର୍ଗର ଶ୍ରମିକ କର୍ମଚାରୀ ଐକ୍ୟବଦ୍ଧ ଆନ୍ଦୋଳନ କରିବାକୁ ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ବାଲେଶ୍ୱରର ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟିୟୁଏସିସି ପକ୍ଷରୁ ଶୁକ୍ରବାର ଦିନ ସନ୍ଧ୍ୟାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଏହି ଧର୍ମଘଟକୁ ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକର ଆବାହକ ତଥା ଟିୟୁଏସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଦୃଢ଼ ସମାଲୋଚନା କରି ପୁଞ୍ଜିପତି ମାଲିକ ଓ କର୍ପୋରେଟ୍ ହାଉସ୍‌ଙ୍କ ସ୍ୱାର୍ଥରେ ଏହି ୪ଟି ଶ୍ରମକୋଡ୍ କରାଯାଇଥିବାର ଦର୍ଶାଇଥିଲେ। ଏହା କାର୍ଯ୍ୟକାରୀ ହେଲେ ସର୍ବନିମ୍ନ ମଜୁରୀ, ଚାକିରିର ନିରାପତ୍ତା, ସାମାଜିକ ଓ ଅର୍ଥନୈତିକଭାବେ ସମସ୍ତ ବର୍ଗର ଶ୍ରମିକ କର୍ମଚାରୀ କ୍ଷତିଗ୍ରସ୍ତ ହେବେ। ସେମାନେ ସଂଘ ଗଠନ କରିବା କିମ୍ବା ଧର୍ମଘଟ କରିବାର ଅଧିକାର ହରାଇବେ ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ। ଭାଗବତ ପ୍ରତିହାରୀ ଉମାକାନ୍ତ ଦାସ, ରାଜକିଶୋର ଲେଙ୍କା ପ୍ରମୁଖ ପ୍ରଚଳିତ ଶ୍ରମ ଆଇନଗୁଡ଼ିକ ଓ ୪ଟି ଶ୍ରମକୋଡ୍‌ର ତାରତମ୍ୟ ବିଷୟରେ ବିଶଦ ଆଲୋଚନା କରିଥିଲେ। ଏହି ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବା ପାଇଁ ଚଳିତ ମାସ ୩୧ ତାରିଖ ଦିନ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ନୂଆବଜାର ସ୍ଥିତ ପରିବହନ ଶ୍ରମିକ ଭବନରେ ଅନୁଷ୍ଠିତ ହେବ। ପଥପ୍ରାନ୍ତ ସଭା, ଶିଳ୍ପ ସଂସ୍ଥା ନିକଟରେ ଗେଟ୍ ମିଟିଂ ଓ ମାଇକ୍ ପ୍ରଚାର ପ୍ରଭୃତି ଜରିଆରେ ଜନସାଧାରଣଙ୍କୁ ମିଳିତ ମଞ୍ଚର ଦାବି ଓ ଆଗାମୀ ଧର୍ମଘଟ ବିଷୟରେ ଅବଗତ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ଏକ ପ୍ରସ୍ତାବରେ ଗତ ୧୪ ତାରିଖ ଦିନ ଗୋରକ୍ଷକମାନେ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକଙ୍କୁ ହତ୍ୟା କରିବା ଘଟଣାକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି। ଉକ୍ତ ବୈଠକରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ହରେକୃଷ୍ଣ ଚାନ୍ଦ, ଗୌତମ ଦାସ, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କ୍ଷେତ୍ରବାସୀ ସରକାରୀ ଉଚ୍ଚବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ




ଭଦ୍ରକ, ୨୪/୧ (ନି.ପ୍ର): ଆଜି କ୍ଷେତ୍ରବାସୀ ସରକାରୀ ଉଚ୍ଚବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାହୁ ଯୋଗଦେଇଥିବାବେଳେ ଅବସରପ୍ରାପ୍ତ କୃଷି ଅଧିକାରୀ ଅରୁଣ କୁମାର ପାତ୍ର ମୁଖ୍ୟବକ୍ତା, ପ୍ରାକ୍ତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକ, ଡାକ୍ତର ରମାକାନ୍ତ ନାୟକ, ଇଂ ଅଭୟ ସୂତାର ଏବଂ ଡିଏସ୍‌ଓ ତପନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଏସ୍‌ଏସର ସଭାପତି ନିତ୍ୟାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁକାନ୍ତି ବେହେରା, ସମାଜସେବୀ ଗୌରୀଗୋପାଳ ଜେନା, ଟୁକୁ ପ୍ରଧାନ, ଦୀପକ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଶିକ୍ଷାବିତ୍ ବାବୁଲା ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରୁଷତ୍ତମ ସାହୁ, ସମାଜସେବୀ ତୁଷାରକାନ୍ତି ପରିଡା, କୃଷ୍ଣଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ବେହେରା, ରଙ୍କଚରଣ ଯେନା ଓ ଅରୁଣ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଧୂପ, ଦୀପ ନୈବେଦ୍ୟ ଅର୍ପଣ କରାଯାଇଥିଲା। ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ ବେଦପାଠ ଓ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ଶିକ୍ଷକମାନଙ୍କର ମାର୍ଗଦର୍ଶକ ଭାବେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୩ଟି ପେଭିଲିୟନରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରୋଜେକ୍ଟ ଗୁଡିକୁ ବରିଷ୍ଠ ପ୍ରଧାନ ଶିକ୍ଷକ ଖଗେଶ୍ୱର ଯେନା, ବିଜ୍ଞାନ ଶିକ୍ଷୟିତ୍ରୀ ଲିପିରେଖା ବେହେରା, ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ଯେନା, ପିଏସ୍‌ଏସଏସ କୋଅଡିନେଟର ଅଜୟ ମହାରଣା ମୂଲ୍ୟାଙ୍କନ କରିଥିଲେ। ସମସ୍ତ ଅତିଥିମାନେ ପେଭିଲିୟନ ଗୁଡିକୁ ପରିଦର୍ଶନ କରି ପ୍ରତିଯୋଗୀମାନଙ୍କ ସହ ବିଶଦ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିବା ଦୋକାନ ଯାତ୍ରାରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପଦାର୍ଥ ଅତିଥି, ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବ୍ୟକ୍ତିମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ଦିବସର ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସଚେତନ ମୂଳକ ଏକାଙ୍କିକା, ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ୩ ଟି ପେଭିଲିୟନରୁ ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ପରିଚାଳନା କରିଥିଲେ। ଶେଷରେ ସ୍କୁଲର ଶିକ୍ଷୟିତ୍ରୀ ଚିନ୍ମୟୀ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ମୃତ୍ୟୁକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରି କୋର୍ଟରେ ମାମଲା ରୁଜୁ କଲେ ଯୁବ ସମାଜସେବୀ

ବାଲିଆପାଳ, ୨୪/୧ (ନି.ପ୍ର): ବର୍ତ୍ତମାନ ସାରା ରାଜ୍ୟରେ ବନ୍ୟ ପ୍ରାଣୀ ମାନଙ୍କ ଜୀବନ ଅସୁରକ୍ଷିତ ହୋଇ ପଡିଥିବା ଦେଖିବାକୁ ମିଳିଛି। ବର୍ଷ ତମାମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବଢ଼ିଚାଲିଥିବା ବନ୍ୟ ପ୍ରାଣୀଙ୍କ ଶିକାର ସହିତ ହାତୀ ମୃତ୍ୟୁରେ ପାଇଁ ପରିବେଶ ବିତ୍ ମାନଙ୍କୁ କୋଠାରଘାତ କରିଚାଲିଛି । ବନ୍ୟ ପ୍ରାଣୀଟିଏ ତା ଜୀବନ ବଞ୍ଚାଇବାକୁ ନିରୁପାୟ ହୋଇପଡ଼ିଛି ଏହି ରକ୍ଷା କାରୀ ଅଧିକାରୀଙ୍କ ପାଖରେ । କାରଣ ଜଳେଶ୍ୱର ଅଞ୍ଚଳରେ କେବଳ ରାଇବଣିଆ ହିଁ ପ୍ରାକୃତିକ ପରିବେଶ ସାଙ୍ଗକୁ ଜଙ୍ଗଲରେ ପରିପୂର୍ଣ୍ଣ ରହିଅଛି । ରାଇବଣିଆର ବିଭିନ୍ନ ଅଞ୍ଚଳକୁ ନେଇ ପାଖା ପାଖି ୨୨୬୪ ହେକ୍ଟର ଜଙ୍ଗଲ ଅବସ୍ଥିତ ରହିଛି ଓ ଏହା ପୋଡଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ମୟୂରଭଞ୍ଜ ସୀମାକୁ ଲାଗି ରହିଥିବାରୁ ବର୍ଷ ତମାମ ଝାଡଖଣ୍ଡି ହାତୀ ପୋଲ ସାଙ୍ଗକୁ ପଶ୍ଚିମବଙ୍ଗଓ ନୀଳଗିରି ଅଞ୍ଚଳରୁ ହାତୀ ଆସିଥାନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ହାତୀଙ୍କ ସୁରକ୍ଷା ଓ ଖାଦ୍ୟ ପାନୀୟ ସାଙ୍ଗକୁ ଜଙ୍ଗଲ ଓ ହାତୀର ଗତୀ ବିଦ୍ଧିକୁ ନଜର ରଖିବା ପାଇଁ ଗଜ ସାଥୀ, ଏଲିଫେଣ୍ଟ ସ୍କାର୍ଡ, ଫାୟାର ସେଫ୍ଟି, ୱାଚର , ଫରେଷ୍ଟ ଗାର୍ଡ, ଫରେଷ୍ଟର, ରେଞ୍ଜର, ଏସିଫ , ଜିଲ୍ଲାଞ୍ଚଳ ବନ ଅଧିକାରୀ ପାଇଁ ସରକାରୀ ତହ ବିଲରୁ କୋଟି କୋଟି ଟଙ୍କାର ଦରମା ପ୍ରଦାନ କରାଯାଉ ଥିବା ବେଳେ ବନ ଅଧିକାରୀ ମାନଙ୍କର ଅବହେଳା ଯୋଗୁ ଅକାଳରେ ଯାଉଛି ନିରୀହ ବନ୍ୟ ପ୍ରାଣୀଙ୍କ ଜୀବନ । ଜନୈକ ଏସିଏଫଓ ଜିଲ୍ଲା ରେ ଦୀର୍ଘ ଦିନ ରହି ଚେର ଗାଡ଼ୀ ସାରି ଲେଣି, ଅଭିଯୋଗ ହେଲେ ମଧ୍ୟ ବଦଳି ହେଉନାହିଁ, ଗତ ନଭେମ୍ବର ୨ତାରିଖ ସକାଳ ୫ ଘଣ୍ଟିକା ସମୟରେ ରାଇବଣିଆ ଅଞ୍ଚଳର ଶ୍ୟାମନଗର ଗ୍ରାମ ପଞ୍ଚାୟତର ଘଡ଼ଘଡା ଗାଁ ଦେଇ ୧୦ ରୁ ୧୨ ଗୋଟି ହାତୀ ପୋଲ ଯିବା ସମୟରେ ଆନୁମାନିକ ୧୦ ରୁ ୧୨ ବର୍ଷ ବୟସର ଏକ ମାଈ ହାତୀ ସେଠାରେ ଅଟକି ଯାଇଥିଲା ଓ ଅଜଣା ରୋଗରେ ଯନ୍ତ୍ରଣା ଅନୁଭବ କରୁଥିବାର ଦେଖିବାକୁ ପାଇଥଲେ ସ୍ଥାନୀୟ ବାସୀ ଯାହାକୁ ନେଇ ବନ ବିଭାଗକୁ ଫୋନ୍ ମାଧ୍ୟମରେ ଜଣାଇ ଥିଲେ ମଧ୍ୟ ସେଠାକୁ କେହି ନ ଆସିବା ଦେଖି ପୁଣି ଫୋନ୍ ଯୋଗେ ଜିଲ୍ଲାଞ୍ଚଳ ବନ ଅଧିକାରୀଙ୍କୁ ଅବଗତି କରାଇବା ପରେ ବିଳମ୍ବରେ ପହଞ୍ଚି ଥିଲେ ସ୍ଥାନୀୟ ବନ ଅଧିକାରୀ ଓ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ସେମାନେ ଦୁହେଁ କଣ କଥା ହୋଇ କିଛି ପାଚିଲା କଦଳୀ ସାଙ୍ଗରେ ଔଷଧ ଖାଇବାକୁ ଦେଇ ଥିଲେ ଓ ହାତୀ ଖୁବ୍ ଶୀଘ୍ର ଭଲ ହୋଇ ଯିବ କହି ସେଠାରୁ ପଳାଇ ଯାଇଥିଲେ ସେ ଦିନ ପାଖାପାଖି ଅପରାହ୍ନ ୫ ଘଟିକା ସମୟରେ ହାତୀଟି ଉତ୍ତମ ଚିକିତ୍ସା ଅଭାବରୁ ମୃତ୍ୟୁ ବରଣ କରିଥିଲା ତହିଁ ପରଦିନ ସମସ୍ତ ବନ ଅଧିକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ, ସାଇଣ୍ଟିଫିକ୍ ଟିମ୍, ଓ ସ୍ଥାନୀୟ ପୋଲିସ ଉପସ୍ଥିତିରେ ମୃତ୍ୟୁ ହାତୀର ଶବକୁ ଉଦ୍ଧାର କରି ପାଖା ଜଙ୍ଗଲ ମଥୁରଘେରା ଠାରେ ଶବ ବ୍ୟବଚ୍ଛେଦ କଲାରୁ ମାଈ ମୃତ ହାତୀର ପେଟରୁ ଏକ ସମ୍ପୂର୍ଣ୍ଣ ଗଢା ମୃତହାତୀ ଛୁଆ ବାହାର କରାଯାଇଥିଲା,ସେଠାରେ ପୋତା ଯାଇ ଥିଲା ,ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି କି ଗର୍ଭାବସ୍ଥା ଥିବା ମୃତ ହାତୀର ଗତିବିଧି ଓ ଚିକିତ୍ସା ଅବହେଳାରୁ ହିଁ ଦୁଇ ଟି ଅମୂଲ୍ୟ ସମ୍ପଦ ହାନି ହେଲା ଯାହାକୁ ନେଇ ରାଇବଣିଆ ଅଞ୍ଚଳର ଜଣେ ଯୁବ ସମାଜ ସେବୀ ଶ୍ରୀ ଅଂଶୁମୋଚନ ଘୋଷ ଉକ୍ତ ଘଟଣାରେ ହାତୀର ପ୍ରାଣହାନିରେ ଅବହେଳିତ ଓ ଉତ୍ତର ଦାୟିତ୍ୱରେ ଥିବା ୫ଜଣ ଅଧିକାରୀଙ୍କ ବିରୁଦ୍ଧରେ ମାନ୍ୟବର ଜଳେଶ୍ୱର ଜେଏମଏଫସିଙ୍କ କୋର୍ଟରେ ଓଉଉ:-୦୫/୨୬ରେ ଏକ ମାମଲା ରୁଜୁ କରିଛନ୍ତି ଯାହା ବିଚାରଧୀନ ଅଛି । ଉକ୍ତ ମାକୋଦ୍ଦମା ମାମଲାକୁ ଯୁବ ଆଇନଜୀବି ଶ୍ରୀମାନ ଫାଲ୍ଗୁନୀ ପାଣିଗ୍ରାହୀ ପରିଚାଳନା କରୁଅଛନ୍ତି । ସେହିପରି ଭୋଗରାଇ ଉଦୟପୁର ବିଭାଗ ରେ କାର୍ଯ୍ୟରତ ଅଧିକାରୀ ଦୀର୍ଘ ୬ ବର୍ଷ ଧରି ବଦଳି ହେଉ ନାହିଁ, କାହା ଛତ୍ର ଛାୟାର ବଳିୟାନ ଏହି ଅଧିକାରୀ ଜଣକ.. ଜିଲ୍ଲାପାଳ ଙ୍କୁ ତଦନ୍ତ କରିବା ପାଇଁ ସାଧାରଣ ରେ ଚର୍ଚ୍ଚା ହେଉଛି ।

# ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର, ୨୫/୧ (ନି.ପ୍ର): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଶନିବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟରେ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଉପରେ ଅଣାୟତ ଅତ୍ୟାଚାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଘେରାଉ କରାଯାଇଥିଲା। ପ୍ରଦେଶ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡେ ଅଗ୍ରସର ହେଉଥିବାବେଳେ ବାରିକେଡରେ ପୁଲିସ ସେମାନଙ୍କୁ ଅଟକାଇଥିଲା ।

# ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଘାଟିତ




ବାରିପଦା, ୨୪/୧ (ନି.ପ୍ର): ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳା ଆଜି ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ପର୍ବରେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁସ୍ତକମେଳା ଦ୍ୱାରା ଜ୍ଞାନପିପାସୀ ମଣିଷର ଚିନ୍ତା ଚେତନା ସମୃଦ୍ଧ ହୋଇଥାଏ ବୋଲି ମତ ରଖିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପୁସ୍ତକମେଳା କେବଳ ଏକ ପୁସ୍ତକମେଳା ନୁହଁ ଏକ ଜ୍ଞାନ ଯଜ୍ଞ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଅତିଥିଗଣ ଫିତାକାଟି ମେଳାକୁ ଉଦଘାଟନ କଲାପରେ ମେଳାର ବିଭିନ୍ନ ଷ୍ଟଲ ପରିଭ୍ରମଣ କରିଥିଲେ। ଅଧ୍ୟାପକ ସମରେନ୍ଦ୍ର ବଶା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କଲା ପରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମେଳା କମିଟିର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂପାଦକ ଇଂ ମନୋଜ ଦଳବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସଦସ୍ୟ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ.ଶଶିଧର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ ପୁତ୍ର 'ରଘୁନାଥ'



ଉଦଳା , ୨୪/୧ (ନି.ପ୍ର): ଯେ ହେଉଛି ଗୋପବନ୍ଧୁନଗର ବ୍ଲକର ଶିଳଘାଟି ପଂଚାୟତ ଅନ୍ତର୍ଗତ ଅତାନଟି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଭୋଳାନାଥ ମାର୍ଣ୍ଡିଙ୍କର ୧୪ ବର୍ଷ ବୟସର ପୁତ୍ର 'ରଘୁନାଥ' ଆଜକୁ ୨ ବର୍ଷ ପୁର୍ବରୁ ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ପରିବାରର ଲୋକେ ଜଣାଇଛନ୍ତି। ଖବର ନେବାରୁ 'ରଘୁନାଥ' ଗ୍ରାମ ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ ବାପାଙ୍କର ଦେହାନ୍ତ ହୋଇଯିବା ସାଙ୍ଗକୁ ପରିବାରର ଆର୍ଥିକ ବୋଝରେ ପରିସ୍ଥିତି ତାଙ୍କୁ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବା ପାଇଁ ବାଧ କରିଥିବାର ଜଣାଯାଇଛି। ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି କିନ୍ତୁ 'ରଘୁନାଥ'ଙ୍କ ପରି ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ପିଲା ଅଧାରୁ ପାଠପଢ଼ା ଛାଡ଼ିଦେବାକୁ ବାଧ ହେଉଛନ୍ତି । ତାଛଡ଼ା ଆଦିବାସୀ ଲୋକଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ତେବେ 'ରଘୁନାଥ' ଜଣେ ଆଦିବାସୀ ସମ୍ପ୍ରଦାୟର ଛାତ୍ର ହୋଇଥିବା ବେଳେ ତାଙ୍କୁ କୌଣସି ସହଯୋଗ ନକରି ଉକ୍ତ ପ୍ରକଳ୍ପ କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଉକ୍ତ ଘଟଣାରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବିଞ୍ଝ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶତବାର୍ଷିକ ମହାସମାରୋହ



ବସ୍ତା, ୨୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦରବ୍ଲକ ମହକୁମା ବିଞ୍ଝ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସତ ବାର୍ଷିକ ସମାରୋହ ପାଳିତ ହେବା ସହିତ ସ୍ମରଣିକା ଉନ୍ମୋଚନ ଅତିଥିଙ୍କ ଦ୍ୱାରା ହୋଇଅଛି । ପୁରାତନ ଛାତ୍ରସଂସଦର ସଭାପତି ବିଶିଷ୍ଟ ସମାଜସେବୀ ଶିବ ପ୍ରସାଦ ମହାନ୍ତି ସଭାପତିତ୍ୱରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱୋଳନ କରିବାପରେ ଏକ ସଭାର ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ବସ୍ତା ଉପଖଣ୍ଡ ଅଧିକାରୀ ଆସିଷ୍ଟାଣ୍ଡ ଏସପି ମାନସ କୁମା ଦେଓ ଯୋଗ ଦେଇ ଶିକ୍ଷା ଅନୁଷ୍ଠାନର ଉତ୍ତୋରତର ଉନ୍ନତି ହେବା ସହିତ ପିଲା ମାନଙ୍କର ଉଜ୍ୱଳ ଭବିଷ୍ୟତ କାମନାକରିଥିଲେ । ମୁଖ୍ୟବକ୍ତା ବରିଷ୍ଠ ସାହିତ୍ୟିକ ପୂର୍ବତନ ପ୍ରମେୟର ଉତ୍ତର ବାଲେଶ୍ୱର ମୁଖ୍ୟ ସତ୍ୟଶିବ ଦାସ ଯୋଗ ଦେଇ ଶିକ୍ଷା ହେଉଛି ମହାସାଗର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷାର ସମାପ୍ତନାହିଁ । ଦିର୍ଘ ଶହେ ବର୍ଷ ଭିତରେ ଏହି ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତିର୍ଣ୍ଣ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି । ଯାହାର ମୂକ ସାକ୍ଷୀ ଏହି ବିଦ୍ୟାଳୟର କାନ୍ଥ ବାଡ ସୂଚାଇଦେଉଛି ବୋଲି ଅନେକ ସାର ଗର୍ଭକ କଥା କହିଥିଲେ । ସମ୍ମାନୀତଅତିଥି ପ୍ରଧାନଶିକ୍ଷକ ଦେବବ୍ରତ ମାଝୀ ସନାତନ ନାୟକ ଯୋଗ ଦେଇଥିବା ବେଳେ ଶିକ୍ଷକ ଜଗଦିଶ ପ୍ରଧାନ ମଞ୍ଚ ଆହ୍ୱାନ କରିଥିଲେ ।ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଆବାହନୀ ସଂଗୀତ ଓ ନାଚ ପଦର୍ଶିତ ହୋଇଥିଲା ।ଅତିଥି ମାନଙ୍କଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା ।ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ପରେଶ ଚନ୍ଦ୍ର ପାଣି ଧନ୍ୟବାଦ ଜଣାଇଥିଲେ ।

# ଜାନୁଆରୀ ୨୭- ୩୧ ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଉତ୍ସାହ-୨୦୨୬' ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବମହୋତ୍ସବ



ନୀଳଗିରି , ୨୪/୧ (ନି.ପ୍ର): ପୂର୍ବାଞ୍ଚଳ ଯୁବ ପ୍ରତିଭାଙ୍କ ମହାସମାବେଶ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ନୂଆଦିଲ୍ଲୀଙ୍କ ସହଯୋଗ ଓ ନିର୍ଦ୍ଦେଶନାରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ୩୯ତମ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ(ୟୁନିଫେଷ୍ଟ-୨୦୨୫-୨୬) - 'ଉତ୍ସାହ-୨୬' ଆସନ୍ତା ୨୭ ରୁ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ବ୍ୟାସବିହାର ପରିସରରେ ଭବ୍ୟ ଭାବେ ଆୟୋଜିତ ହେବ। 'ଉତ୍ସାହ-୨୦୨୬' ଥିମ୍‌ରେ ଆୟୋଜିତ ଏହି ପାଞ୍ଚଦିନିଆ ରାଷ୍ଟ୍ରୀୟ ସ୍ତରର ଯୁବ ସାଂସ୍କୃତିକ ମହୋତ୍ସବ ଯୁବ ଉତ୍ସାହ, ସୃଜନଶୀଳତା, ନବୀନ ଚିନ୍ତାଧାରା ଓ ସଜୀବ ଯୁବଶକ୍ତିର ଏକ ଉତ୍ସବମୟ ପ୍ରତିବିମ୍ବ। ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ର/ଛାତ୍ରୀମାନଙ୍କର କଳାତ୍ମକ ଓ ସାଂସ୍କୃତିକ ପ୍ରତିଭାକୁ ଜାତୀୟ ମଞ୍ଚରେ ପ୍ରଦର୍ଶନ କରିବା ସହିତ ସହଯୋଗ, ସମନ୍ୱୟ, ସାଂସ୍କୃତିକ ସଂପର୍କ ଓ ଜାତୀୟ ଏକତାକୁ ସୁଦୃଢ଼ କରିବା ଏହି ମହୋତ୍ସବର ମୁଖ୍ୟ ଲକ୍ଷ୍ୟ । ଓଡ଼ିଶା, ବିହାର, ଛତିଶଗଡ଼ ଓ ପଶ୍ଚିମବଙ୍ଗ—ଏହି ଚାରିଟି ପୂର୍ବାଞ୍ଚଳ ରାଜ୍ୟର ୧୯ଟି ବିଶ୍ୱବିଦ୍ୟାଳୟରୁ ପ୍ରାୟ ୬୦୦ ରୁ ଅଧିକ ଛାତ୍ର/ଛାତ୍ରୀ, ଦଳନାୟକ ଓ ଅଧ୍ୟାପକ ଏହି ମହୋତ୍ସବରେ ଅଂଶଗ୍ରହଣ କରିବେ, ଯାହା ପୂର୍ବାଞ୍ଚଳର ଯୁବ ପ୍ରତିଭାମାନଙ୍କର ଏକ ବୃହତ୍ ସାଂସ୍କୃତିକ ସମାବେଶରେ ପରିଣତ ହେବ। ମହୋତ୍ସବରେ ସଙ୍ଗୀତ, ନୃତ୍ୟ, ନାଟକ, ସାହିତ୍ୟ ଓ ସୂକ୍ଷ୍ମ କଳା ସହିତ ସଂପୃକ୍ତ ୬ଟି ବିଭାଗ ଅଧୀନରେ ମୋଟ ୨୮ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଏକ ପ୍ରମୁଖ ଯୁବ ମହୋତ୍ସବ ଭାବେ 'ୟୁନିଫେଷ୍ଟ' ସଦା କଳାତ୍ମକ ଉତ୍କୃଷ୍ଟତା, ସୃଜନାତ୍ମକ ଅଭିବ୍ୟକ୍ତି ଓ ବିବିଧତା ମଧ୍ୟରେ ଏକତାର ସନ୍ଦେଶ ପ୍ରଚାର କରିଆସୁଛି। ମହୋତ୍ସବର ସୁଚାରୁ ଓ ସଫଳ ଆୟୋଜନ ପାଇଁ ଆବାସ, ଆତିଥ୍ୟ, ଯାତାୟାତ, ସୁରକ୍ଷା, ମଞ୍ଚ ପରିଚାଳନା ଓ ସମନ୍ୱୟ ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିବା ସହ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟମାନଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ସରିଛି, ଏବଂ ସାରା ପୂର୍ବାଞ୍ଚଳରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ବିଶ୍ୱବିଦ୍ୟାଳୟର ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ, କୁଳସଚିବ ଶ୍ରୀମତୀ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ନେତୃତ୍ୱରେ, ସଂଯୋଜକ ଡ଼କ୍ଟର ନିହାର ରଞ୍ଜନ ରାଉତ, ଆୟୋଜନ ସଚିବ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ତଥା ସାମ୍ବାଦିକତା ଓ ଗଣସଂଯୋଗ ବିଭାଗ ମୁଖ୍ୟ ପ୍ରଫେସର ଭାରତୀ ବାଳା ପଟ୍ଟନାୟକ ଏବଂ ଲୋକସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣାଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସମସ୍ତ ସୂଚନା ପ୍ରଦାନ କରାଯାଇଛି। ୩୯ତମ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ୟୁନିଫେଷ୍ଟ-୨୦୨୫-୨୬ (ଉତ୍ସାହ)' ,ଯୁବ ଶକ୍ତି, ସାଂସ୍କୃତିକ ସମନ୍ୱୟ ଓ ସୃଜନଶୀଳ ଉତ୍କୃଷ୍ଟତାର ଏକ ସ୍ମରଣୀୟ ଐତିହାସିକ ଉତ୍ସବ ଭାବେ ପରିଚିତ ହେବ ବୋଲି ଆଶା ପ୍ରକାଶ କରାଯାଇଛି। ଯାହା ଫକୀରମୋହନ ବିଶ୍ୱବିଦ୍ୟାଳୟଙ୍କୁ ଜାତୀୟ ସ୍ତରରେ ଶିକ୍ଷା ଓ ସାଂସ୍କୃତିକ ନେତୃତ୍ୱର ଏକ ଦୃଢ଼ କେନ୍ଦ୍ର ଭାବେ ଆହୁରି ସୁଦୃଢ଼ କରିବ।

# ବଡସାହି କେଜିବିଭିରେ ଜାତୀୟ ବାଳିକା ଦିବସ ପାଳିତ

ବଡସାହି, ୨୪/୧ (ନି.ପ୍ର): ବଡସାହି କେଜିବିଭି ପରିସରରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଉଛି । ପ୍ରାରମ୍ଭରେ ଏହି ଦିବସ ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ବାଗ୍ମୀତା, ପ୍ରବନ୍ଧ ଓ ଚିତ୍ରାଙ୍କନକୁ ନେଇ ପ୍ରତିଯୋଗିତା ମାନ କରାଯାଇଥିଲା । ଏହାପରେ ବାଳିକା ଦିବସ ଅବସରରେ ଆୟୋଜିତ ଏକ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବଡସାହି ଥାନାର ଥାନାଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଯୋଗଦାନ କରି ଝିଅ ଓ ପୁଅ ଉଭୟେ ସମାନ ଓ ଆମେ ସଚେତନ ହେଲେ ବାଳିକା ମାନଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯ୍ୟାତନାକୁ ଏଡାଇ ପାରିବା ବୋଲି ମତବ୍ୟକ୍ତ କରିଥିଲେ । ବଡସାହି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନକ କୁମାର ଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷିକା ସୁବର୍ଣ୍ଣା ଜେନା, କେଜିବିଭି ୱାଡେନ ଯୁଥିକା ପଣ୍ଡା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ଗିରି ପ୍ରମୁଖ ମଞ୍ଚାସୀନ ହୋଇ ବାଳିକା ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସର୍ବ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ଡା ବିଷ୍ଣୁ ମହାପାତ୍ରଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି

ଖଇରା, ୨୫/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଅଞ୍ଚଳରେ ଘରେ ଘରେ ପରିଚିତ ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ବିଷ୍ଣୁପଦ ମହାପାତ୍ରଙ୍କ ୭୮ତମ ଜନ୍ମଜୟନ୍ତୀ ଆସନ୍ତା ୨ତାରିଖରେ ପଳସା ପଞ୍ଚାୟତ ଅଧୀନ ଅର୍ଜୁନପୁର ଗ୍ରାମରେ ପାଳିତ ହେବ । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଶନିବାର ଦିନ କମିଟି ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅର୍ଜୁନପୁର ଗ୍ରାମରେ ପାଳିତ ହୋଇ ଯାଇଛି । ସମ୍ପାଦକ ଭରତ ଚନ୍ଦ୍ର ପଣ୍ଡା,ଜଗତାନନ୍ଦ ମହାପାତ୍ର, ଭଗବାନ ଦାସ, ମୁରଲୀ ବେହେରା, ରାମକୃଷ୍ଣ ମହାପାତ୍ର, ବସନ୍ତ ମାଝୀ,ଅଜୟ ଦାସ, ରାଧାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida